ଲେଡ଼ି ଜାହରି ଖାନ୍ ସୁଶୀଲା ମୀନା ପୃଷ୍ଠା ୬

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

ସଂଚାର
THE SANCHAR

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ

Vol. 32 | ISSUE 270 | ଭାଗ ୩୨ | ସଂଖ୍ୟା୨୭୦ | Bhubaneswar | Tuesday 24 December 2024 | Page 8 Rs. 4.00 | ଭୁବନେଶ୍ୱର ମଙ୍ଗଳବାର ୨୪ ଡିସେମ୍ବର ୨୦୨୪ | ୮ ପୃଷ୍ଠା, ମୂଲ୍ୟ ୪ ଟଙ୍କା

ଓଡ଼ିଶା ଆସିବାକୁ ମୋଦୀଙ୍କୁ ନିମନ୍ତ୍ରଣ

ଭୁବନେଶ୍ୱର, ୨୩।୧୨ (ସଂଚାର ବ୍ୟୁରୋ): ଦିଲ୍ଲୀ ଗସ୍ତରେ ଥିବା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପିଏମ୍‌ଓରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଭେଟିଛନ୍ତି। ଏହି ସମୟରେ ଉଭୟଙ୍କ ମଧ୍ୟରେ ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ବିଷୟରେ ଆଲୋଚନା ହୋଇଥିବା ସୂଚନା ମିଳିଛି। ମୁଖ୍ୟମନ୍ତ୍ରୀ ପ୍ରଧାନମନ୍ତ୍ରୀଙ୍କୁ ଭେଟିବା ସମୟର ଫଟୋ ପିଏମଓ ପକ୍ଷରୁ ସୋସିଆଲ ମିଡିଆରେ ସେୟାର କରାଯାଇଛି। ଜାନୁଆରୀରେ ପ୍ରଧାନମନ୍ତ୍ରୀ ଦୁଇ ଥର ଓଡ଼ିଶା ଆସିବେ। ଏହା ପୂର୍ବରୁ ମୁଖ୍ୟମନ୍ତ୍ରୀ ପ୍ରଧାନମନ୍ତ୍ରୀଙ୍କ ଏହି ସାକ୍ଷାତକାରକୁ ଗୁରୁତ୍ୱପୂର୍ଣ୍ଣ ବୋଲି ବିବେଚନା କରାଯାଉଛି।

ପଞ୍ଚମ ଓ ଅଷ୍ଟମରେ ନୂଆ ବ୍ୟବସ୍ଥା

ଫେଲ୍ ହେଲେ କ୍ଲାସ୍ ପ୍ରମୋସନ ବନ୍ଦ

ନୂଆଦିଲ୍ଲୀ,୨୩।୧୨(ଏଜେନ୍ସି): ପଞ୍ଚମ ଓ ଅଷ୍ଟମ ଶ୍ରେଣୀରେ ଫେଲ୍ ହେଲେ ଫେଲ୍। ଫେଲ୍ ହେଲେ ପରବର୍ତ୍ତୀ ଶ୍ରେଣୀକୁ ଉତ୍ତୀର୍ଣ୍ଣ ହୋଇପାରିବେ ନାହିଁ। ଏନେଇ ସୂଚନା ଦେଲେ କେନ୍ଦ୍ର ଶିକ୍ଷା ମନ୍ତ୍ରାଳୟ ସଚିବ ସଞ୍ଜୟ କୁମାର । ପଞ୍ଚମ ଓ ଅଷ୍ଟମରେ ଫେଲ୍ ହେଲେ ୨ ମାସରେ ରିଟେଷ୍ଟ ସୁଯୋଗ ମିଳିବ । ରିଟେଷ୍ଟରେ ଉତ୍ତୀର୍ଣ୍ଣ ନ ହେଲେ ସେହି ପୁରୁଣା ଶ୍ରେଣୀରେ ରହିବେ।

ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପିଲାଙ୍କୁ ସ୍କୁଲ୍‌ରୁ ବାହାର କରାଯାଇପାରିବନି। ଶିକ୍ଷାର ମାନ ବୃଦ୍ଧି ପାଇଁ ନିଷ୍ପତ୍ତି

ହୋଇଥିବା କହିଛନ୍ତି କେନ୍ଦ୍ର ଶିକ୍ଷା ସଚିବ। ପଞ୍ଚମ ଓ ଅଷ୍ଟମ ଶ୍ରେଣୀର ଛାତ୍ରଛାତ୍ରୀମାନଙ୍କ ପାଇଁ 'ନୋ ଡିଟେନ୍‌ସନ୍ ପଲିସି'କୁ ବନ୍ଦ କରି କେନ୍ଦ୍ର ସରକାର ଶିକ୍ଷା ନୀତିରେ ଏକ ବଡ଼ ପରିବର୍ତ୍ତନ କରିଛନ୍ତି । ଯେଉଁମାନେ ସେମାନଙ୍କର ବର୍ଷ ଶେଷ ପରୀକ୍ଷାରେ ବିଫଳ ହେବେ, ସେମାନେ ପରବର୍ତ୍ତୀ ଶ୍ରେଣୀକୁ ଉତ୍ତୀର୍ଣ୍ଣ ହୋଇପାରିବେ ନାହିଁ।

ବିଫଳ ହୋଇଥିବା ଛାତ୍ରଛାତ୍ରୀମାନେ ଦୁଇ ମାସ ମଧ୍ୟରେ ପୁନଃ ପରୀକ୍ଷା ଦେବାକୁ ସୁଯୋଗ ପାଇବେ । କିନ୍ତୁ ଯଦି ସେମାନେ ପୁଣିଥରେ ବିଫଳ ହୁଅନ୍ତି ତେବେ ସେମାନଙ୍କୁ ଉପର ଶ୍ରେଣୀକୁ ଯିବାପାଇଁ ସୁଯୋଗ ମିଳିବ ନାହିଁ। ଶିକ୍ଷକ ଶିକ୍ଷୟିତ୍ରୀ ପିଲା କେମିତି ପାସ୍ କରିବ, ସେନେଇ ଉଦ୍ୟମ କରିବେ। ପିଲାଙ୍କୁ ଆବଶ୍ୟକ କୋଚିଂ ମଧ୍ୟ ଯୋଗାଇ ଦେବେ। ତେବେ ଶିକ୍ଷା ସମାପ୍ତ ନ ହେବା ଯାଏ କୌଣସି ସ୍କୁଲ ପକ୍ଷରୁ ପିଲାଙ୍କୁ ବହିଷ୍କୃତ କରାଯାଇ ପୃଷ୍ଠା-୬

ଉଜୁଡ଼ା ବିଲ ଦେଖି ଟଳିପଡିଲେ ଚାଷୀ

ପିପିଲି, ୨୩।୧୨ (ସଂଚାର ବ୍ୟୁରୋ): ପୁଷ ମାସର ବର୍ଷା ଭାଙ୍ଗିଦେଇଛି ଚାଷୀଙ୍କ ଅଣ୍ଟା। ଅଦିନିଆ ବର୍ଷାରେ ସୁନାର ଫସଲ ନଷ୍ଟ ହୋଇଯାଇଥିବା ଦେଖି କ୍ଷେତରେ ଟଳିପଡିଲେ ଚାଷୀ। ଏଭଳି ଏକ ଦୁଖଦ ଘଟଣା ଘଟିଛି ପୁରୀ ଜିଲ୍ଲା ସତ୍ୟବାଦୀ ବ୍ଲକର ବୀର ରାମଚନ୍ଦ୍ରପୁର ଗାଁରେ।

ବିଲ ମୁଣ୍ଡରେ ହିଁ ଟଳିପଡିଛନ୍ତି ପୂର୍ଣ୍ଣଚନ୍ଦ୍ର ଦଳାଇ । ଆଷାଢ଼ର ନିଅଣ୍ଟିଆ ବର୍ଷା ପରେ ପୁଷ ମାସର ଲଗାଣ ବର୍ଷା ଚାଷୀର ମେରୁଦଣ୍ଡ ଭାଙ୍ଗିଦେଇଛି । ପୂର୍ଣ୍ଣଚନ୍ଦ୍ର ଧାରକରଜ କରି ଧାନ ଚାଷ କରିଥିଲେ । କିନ୍ତୁ ପୁଷ ବରଷା ସବୁ କିଛି ସାରିଦେଇଛି । ସୁନାର ଫସଲ ଉଜୁଡିଯିବା ଦେଖି ଛାନିଆରେ ପୂର୍ଣ୍ଣଚନ୍ଦ୍ର ଦଳାଇଙ୍କ ଜୀବନ ଚାଲିଯାଇଛି। ଦୁଇଦିନର ଲଗାଣ ବର୍ଷାରେ ଧାନବିଲରେ ଲହଡି ଭାଙ୍ଗୁଛି ପାଣି । ପାଣି ଭିତରେ ସୁନାର ଫସଲକୁ ଖୋଜୁଛି ଚାଷୀ। ପୂର୍ଣ୍ଣଚନ୍ଦ୍ର ବହୁ

ଆଶାରେ ଧାନ ଚାଷ କରିଥିଲେ। ଆଜି ନିଜର ସ୍ୱପ୍ନ ଭାଙ୍ଗି ଚୁରମାର ହୋଇଯାଇଥିବା ଦେଖି ତାଙ୍କ ପାଦ ତଳୁ ମାଟି ଖସିଯାଇଥିଲା ଆଉ ନିଜ ବିଲ ମଝିରେ ହିଁ ପୃଷ୍ଠା-୬

ପାଞ୍ଚ ଦିନ ମଧ୍ୟରେ ଚାଷୀଙ୍କୁ କ୍ଷତିପୂରଣ

ବୀମା କରିଥିବା ଚାଷୀଙ୍କୁ ମଧ୍ୟ ମିଳିବ

ଭୁବନେଶ୍ୱର,୨୩।୧୨(ସଂଚାର ବ୍ୟୁରୋ): ଅଦିନିଆ ବର୍ଷା କାରଣରୁ ଚାଷୀମାନେ ବିପୁଳ କ୍ଷତିର ସମ୍ମୁଖୀନ ହୋଇଛନ୍ତି। ବିଲରେ ଧାନ ଭାସୁଥିବା ବେଳେ ପରିବା ଓ ବାଦାମ ଚାଷୀମାନେ ମଧ୍ୟ ଚିନ୍ତାରେ ପଡିଛନ୍ତି। ଏହି ପରିପ୍ରେକ୍ଷୀରେ ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ସୋମବାର କହିଛନ୍ତି, ଆସନ୍ତା ପାଞ୍ଚ ଦିନ ମଧ୍ୟରେ ସରକାର ଚାଷୀଙ୍କୁ କ୍ଷତିପୂରଣ ପ୍ରଦାନ କରିବେ। ଗଣମାଧ୍ୟମ ସହ ଆଲୋଚନା ସମୟରେ ପୂଜାରୀ କହିଛନ୍ତି ଯେ ବର୍ଷା କାରଣରୁ ପୃଷ୍ଠା-୬

ଶୃଙ୍ଖଳିତ ବ୍ୟବସ୍ଥା ପାଇଁ ଅଣ୍ଟା ଭିଡିଲା ପ୍ରଶାସନ

ପୁରୀ, ୨୩।୧୨(ସଂଚାର ବ୍ୟୁରୋ): ନୂଆବର୍ଷରୁ ନୂଆ ଦର୍ଶନ ବ୍ୟବସ୍ଥା । ନାଟ ମଣ୍ଡପରେ ବ୍ୟାରିକେଡରେ ଯାଇ ମହାପ୍ରଭୁଙ୍କୁ ଦର୍ଶନ କରିବେ ଭକ୍ତ । ନୂଆ ଧାଡ଼ି ଦର୍ଶନ ବ୍ୟବସ୍ଥା କାର୍ଯ୍ୟକାରୀ କରାଯିବା ନେଇ ଲକ୍ଷ୍ୟ ରଖିଛି ଶ୍ରୀମନ୍ଦିର ପ୍ରଶାସନ । ଜଗା ଦର୍ଶନ ଏବେ ସହଜ ହେବ। ଆଉ ଭିଡ ଭିତରେ ଭକ୍ତମାନେ ଠେଲାପେଲା ହେବେ ନାହିଁ। ଶୃଙ୍ଖଳିତ ଭାବେ ଭକ୍ତମାନେ ଧାଡିରେ ଯାଇ ମହାପ୍ରଭୁଙ୍କ ଦର୍ଶନ କରିବେ । ଶ୍ରୀମନ୍ଦିର ନାଟମଣ୍ଡପରେ ଅସ୍ଥାୟୀ ବ୍ୟାରିକେଡ୍ କରାଯାଇ ମହିଳା,

ଶିଶୁ ଓ ବୟସ୍କ ବ୍ୟକ୍ତିମାନଙ୍କୁ ଏକ ସ୍ୱତନ୍ତ୍ର ଲାଇନରେ ଏବଂ ଅନ୍ୟ ଭକ୍ତମାନଙ୍କୁ ସ୍ୱତନ୍ତ୍ର ଧାଡ଼ିରେ ଦର୍ଶନ ପାଇଁ ଛଡାଯିବ। ସେହିପରି ଦିବ୍ୟାଙ୍ଗ ଭକ୍ତଙ୍କ ପାଇଁ ସ୍ୱତନ୍ତ୍ର ଦର୍ଶନ ବ୍ୟବସ୍ଥା ପାଇଁ ସେବାୟତଙ୍କ ସହ ଆଲୋଚନା କରାଯାଇ ଖୁବଶୀଘ୍ର ପଦକ୍ଷେପ ନିଆଯିବ । ତେବେ ଓବିସିସି ପକ୍ଷରୁ ଏହି ଦାୟିତ୍ୱ ନିଆଯାଇଥିବାବେଳେ ଆସନ୍ତା ନବବର୍ଷରୁ ଏହି ନୂଆ ଧାଡ଼ି ଦର୍ଶନ ବ୍ୟବସ୍ଥା କାର୍ଯ୍ୟକାରୀ କରାଯିବା ନେଇ ଲକ୍ଷ୍ୟ ରଖିଛି ଶ୍ରୀମନ୍ଦିର ପ୍ରଶାସନ ।

ଅନ୍ୟପଟେ ସୋମବାର ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢୀଙ୍କ ଅଧକ୍ଷତାରେ ବୈଠକ ହୋଇଥିଲା । ନାଟମଣ୍ଡପରେ ଭକ୍ତଙ୍କ ବ୍ୟାରିକେଡ୍ ଦର୍ଶନ ପାଇଁ ପ୍ରତିହାରୀ ପୃଷ୍ଠା-୬

କ୍ରିମିନାଲଙ୍କ କ୍ରିସ୍‌ମାସ

ଭୁବନେଶ୍ୱର, ୨୩।୧୨ (ସଂଚାର ବ୍ୟୁରୋ): ହେଡ଼ିଂ ପଢିଲେ ଆପଣଙ୍କୁ ଆଶ୍ଚର୍ଯ୍ୟ ଲାଗିବା ସ୍ୱଭାବିକ । ଦିନକ ପରେ ବଡ଼ଦିନ ଥିବା ବେଳେ କଣ ଗିଫ୍ଟ ଦେବେ କ୍ରିମିନାଲ ? କିନ୍ତୁ ଗିଫ୍ଟ ଯିଏ ପାଇଛି ସିଏ ହିଁ ଜାଣିଛି। ଆମେ କହୁଛୁ ଭୁବନେଶ୍ୱର ପୋଲିସ କଥା। ଡିସିପି ପିନାକ ମିଶ୍ରଙ୍କ କଥା । ବଡ଼ଦିନ ପୂର୍ବରୁ ଅପରାଧୀ ଯେଉଁଭଳି ଭାବେ ଲୁଟ ପାଟ ସହ ଅପହରଣ କରିଛନ୍ତି, ତାହା ବର୍ତ୍ତମାନ ପୋଲିସର ପାରିବାପାଣିଆ ନେଇ ସୃଷ୍ଟି କରିଛି ବଡ଼ ଚ୍ୟାଲେଞ୍ଜ। ସହର ସାରା ଚେକିଂ, ବ୍ଲକିଂ ଓ ନାକାବନ୍ଦୀ। କିନ୍ତୁ ଛାଉଣିକୁ ଭେଦି ଭୁବନେଶ୍ୱରରେ ଭୟଙ୍କର କାଣ୍ଡ ଭିଆଇଛନ୍ତି ଦୁର୍ବୃତ୍ତ। ମୈତ୍ରୀବିହାର ଥାନା ଲୁମ୍ବିନୀ ବିହାରକୁ ଯିବା ରାସ୍ତାରେ ଜଣେ ଯୁବତୀଙ୍କୁ କାର ଯୋଗେ ରାତି ପ୍ରାୟ ୨ ଟା ବେଳେ ଅପହରଣ କରିନେଇଛନ୍ତି ଅପରାଧୀ। କେବଳ ଅପହରଣ କରିନାହାନ୍ତି ସାଙ୍ଗରେ ଥିବା ପୁରୁଷ ବନ୍ଧୁଙ୍କୁ କଟୁରି ଓ

ଖଣ୍ଡା ଚୋଟରେ ଲହୁଲୁହାଣ କରିଦେଇଛନ୍ତି । ଯୁବତୀ ଜଣଙ୍କ ଯାଉଥିବା ସ୍ୱୁଟି ରାସ୍ତା ଉପରେ ପଡିରହିଥିଲା। ଚନ୍ଦ୍ରଶେଖରପୁର ଅଂଚଳର ଆହତ ଯୁବକ ଆଶିଷ ସିଂଙ୍କ ଏତଲା କ୍ରମେ ଅପହରଣ ମାମଲା ରୁଜୁ କରିବା ସହ ଯୁବତୀଙ୍କୁ ଉଦ୍ଧାର କରିଛି କମିଶନରେଟ ପୋଲିସ। ଅପହରଣକାରୀଙ୍କ ସମ୍ପର୍କରେ ପୋଲିସ କୌଣସି ସୂଚନା ପାଇନାହିଁ। ଅପହରଣର କାରଣ ତ୍ରିକୋଣୀୟ ପ୍ରେମ କିମ୍ବା ପୂର୍ବ ଶତ୍ରୁତା, ସେ ନେଇ ଛାନଭିନ ଆରମ୍ଭ କରିବା ସହ ରାସ୍ତା ଓ କଲୋନୀ ଭିତରେ ଥିବା ସିସିଟିଭି ଯାଞ୍ଚ ଚଳାଇଛି। ସେପଟେ ନୟାପଲ୍ଲୀ ଥାନା ପାଇକନଗରରେ ହୋଇଛି ବଡ଼ ଧରଣର ଲୁଟ। ମାଲିକାଣୀ ସିରିଡି ଯାଇଥିବା ବେଳେ ଛାତ ସିଡିଘର କବାଟ ଡାଡି ଲୁଟେରା ଲୁଟି ନେଇଛନ୍ତି ୩୦ ଲକ୍ଷ ଟଙ୍କାର ସୁନା ଗହଣା। ଘରେ ଥିବା ଦାମୀ ମୋବାଇଲ, ଫରେନ ମନି, ଦାମୀ ଇଲେକ୍ଟ୍ରୋନିକ ସାମଗ୍ରୀ ମଧ୍ୟ ଲୁଟି ନେଇଛନ୍ତି । ଲୁଟେରା ନିର୍ଦ୍ୱନ୍ଦ୍ୱରେ ଘରେ ସବୁ ଲୁଟିବା ପରେ ସିଗାରେଟ ଟାଣିଥିବା ଜାଣିବାକୁ ପାଇଛି ସାଇଣ୍ଟିଫିକ ଟିମ। ଲଙ୍କାର କଥା ହେଉଛି, କିଛିଦିନ ତଳେ କମିଶନରେଟ ପୋଲିସ ଲୁଟ ରୋକିବା ପାଇଁ ଗଠନ କରିଥିଲା ଆଣ୍ଟି ବର୍ଗଲାରୀ ସ୍କ୍ୱାଡ୍। ୧୫୦ ସଦସ୍ୟ ବିଶିଷ୍ଟ ଏହି ଟିମ ଗଠନ ପରେ ଲୁଟ କମିବା ବଦଳରେ ବଢିବା ଘଟଣା ଡିସିପି ପିନାକ ମିଶ୍ରଙ୍କ କାର୍ଯ୍ୟଶୈଳୀକୁ ନେଇ ସୃଷ୍ଟି କରିଛି ଅନେକ ପ୍ରଶ୍ନ।

ପାର୍ସଲ ବୋମା ମାମଲା

କୋର୍ଟରେ ଡେମୋ ଦେଖାଇଲେ ବୋଥ୍ରା

ବଲାଙ୍ଗୀର, ୨୩।୧୨(ସଂଚାର ବ୍ୟୁରୋ): ପାଟଣାଗଡ଼ ପାର୍ସଲ ବୋମା ବିସ୍ଫୋରଣ ମାମଲାରେ ସାକ୍ଷ୍ୟ ଦେଲେ ଆଇପିଏସ ଅରୁଣ ବୋଥ୍ରା। ପାଟଣାଗଡ଼ କୋର୍ଟରେ ହାଜର ହୋଇ ତତ୍କାଳୀନ କ୍ରାଇମବ୍ରାଞ୍ଚ ଆଇଜି ଅରୁଣ ବୋଥ୍ରା ୬୦ ନମ୍ବର ସାକ୍ଷୀ ଭାବେ ସାକ୍ଷ୍ୟ ପ୍ରଦାନ କରିଛନ୍ତି। ଶୁଣାଣି ସମୟରେ କେମିତି ଅଭିଯୁକ୍ତି ପୁଞ୍ଜିଲାଲ ମେହେର ପାର୍ସଲ ବୋମା ତିଆରି କରିଥିଲା କୋର୍ଟରେ ତାହାର ଡେମୋଗ୍ରାଫି ଦେଖାଇଛନ୍ତି। ସେପ୍ଟେମ୍ବର ୩ରେ ଅରୁଣ ବୋଥ୍ରାଙ୍କ ସାକ୍ଷ୍ୟ ଗ୍ରହଣ ତାରିଖ ଥିଲା । କିନ୍ତୁ ପୁଞ୍ଜିଲାଲଙ୍କ ଓକିଲ ବୋମା ତିଆରିର ଡେମୋଗ୍ରାଫି କୋର୍ଟରେ ନ କରିବା ପାଇଁ ଆବେଦନ କରିବାରୁ ପୃଷ୍ଠା-୬

ଶ୍ୟାମ ବେନେଗଲଙ୍କ ପରଲୋକ

ମୁମ୍ବାଇ, ୨୩।୧୨: ଆଉ ନାହାନ୍ତି ପ୍ରସିଦ୍ଧ ଚଳଚ୍ଚିତ୍ର ନିର୍ଦ୍ଦେଶକ ଶ୍ୟାମ ବେନେଗଲ। ସୋମବାର ସନ୍ଧ୍ୟା ୬.୩୮ରେ ମୁମ୍ବାଇ ସେଣ୍ଟ୍ରାଲର ୱାକହର୍ଟ ହସ୍ପିଟାଲରେ ତାଙ୍କର ପରଲୋକ ଘଟିଥିବା ପରିବାର ପକ୍ଷରୁ କୁହାଯାଇଛି। ତାଙ୍କୁ ୯୦ ବର୍ଷ ବୟସ ହୋଇଥିଲା ଓ ଶେଷ ସମୟରେ ପତ୍ନୀ ନୀରା, କନ୍ୟା ପିଆ ଏବଂ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ। କିଡନି ସମସ୍ୟାରେ ପୀଡ଼ିତ ହୋଇ କିଛିଦିନ ହେଲା ଆଇସିୟୁରେ ଥିଲେ ବୋଲି ପରିବାର ପକ୍ଷରୁ କୁହାଯାଇଛି। ଆସନ୍ତା କାଲି ପୂର୍ବାହ୍ନ ୧୦ରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯିବ। ସମାନ୍ତରାଲ ସିନେମାର ସୂତ୍ରଧର ଶ୍ୟାମ ବେନେଗଲ ବଲିଉଡ ସେଲିବ୍ରିଟିଙ୍କ ଗହଣରେ ଡିସେମ୍ବର ୧୪ରେ ୯୦ତମ ଜନ୍ମଦିନ ପାଳନ କରିଥିଲେ। ତାଙ୍କ ପ୍ରଯୋଜିତ ଚଳଚ୍ଚିତ୍ର ୮ଟି ଜାତୀୟ ପୁରସ୍କାର ଜିତିଛି। ଦାଦାସାହେବ ଫାଲକେ ପୁରସ୍କାରପ୍ରାପ୍ତ ।ୟରାମ ବେନେଗଲ କ୍ୟାରିୟରରେ ୨୪ଟି ଚଳଚ୍ଚିତ୍ର, ୪୫ଟି ଡକ୍ୟୁମେଣ୍ଟାରୀ ଏବଂ ୧୫୦୦ ବିଜ୍ଞାପନ ଚଳଚ୍ଚିତ୍ର ନିର୍ମାଣ କରିଛନ୍ତି। ୧୯୭୬ରେ ପଦ୍ମଶ୍ରୀ ଓ ୧୯୯୧ ରେ ପଦ୍ମ ଭୂଷଣ ପ୍ରଦାନ କରାଯାଇଥିଲା। ୧୯୭୪ରେ ସାମାଜିକ ପ୍ରସଙ୍ଗ ଉପରେ ଆଧାରିତ ଅଂକୁର ଫିଲ୍ମରୁ ନିର୍ଦ୍ଦେଶନା ଦେବା ଆରମ୍ଭ କରିଥିଲେ ଶ୍ୟାମ ବେନେଗଲ। ଏହି ଫିଲ୍ମ ତାଙ୍କୁ ଅନ୍ତର୍ଜାତୀୟ ସ୍ତରରେ ପରିଚୟ ଦେଇଥିଲା। ତାଙ୍କ ନିର୍ଦ୍ଦେଶିତ ମନ୍ଥନ ଫିଲ୍ମ ଦର୍ଶକଙ୍କ ଟଙ୍କାରେ ନିର୍ମାଣ ହୋଇଥିଲା। ଜୀବନ ସଂଘର୍ଷର କାହାଣୀକୁ ସେ ଫିଲ୍ମରେ ପ୍ରାଥମିକତା ଦେଉଥିଲେ। ଶବାନା ଆଜାମୀ, ସ୍ମିତା ପାଟିଲ, ନାଶିରୁଦ୍ଦିନ ଶାହ, ଓମ୍ ପୁରୀ ଓ ଅମରୀଶପୁରୀଙ୍କୁ ସେ ବ୍ରେକ ଦେଇଥିଲେ। ଦୂରଦର୍ଶନର ପ୍ରସିଦ୍ଧ ସିରିୟଲ 'ଭାରତ ଏକ ଖୋଜ୍'ର ନିର୍ଦ୍ଦେଶନା ଦେବା ସହିତ ଜବାହରଲାଲ ନେହରୁ ଓ ସତ୍ୟଜିତ ରଏଙ୍କ ଉପରେ ପ୍ରମାଣିକ ଫିଲ୍ମ କରିଥିଲେ ବେନେଗଲ। ତାଙ୍କ ନିର୍ଦ୍ଦେଶିତ 'ଜୁବେଦା' କରିସ୍ମା କପୁରଙ୍କ ଆଇକନିକ ଫିଲ୍ମ ଥିଲା। ଶ୍ୟାମ ବେନଗଲଙ୍କ ବିୟୋଗ ବଲିଉଡ୍ ପାଇଁ ଅପୂରଣୀୟ କ୍ଷତି ବୋଲି କୁହାଯାଇଛି। ତାଙ୍କ ଶେଷ ଫିଲ୍ମ ଥିଲା ମୁଜିବ: ଦ ମେକିଂ ଅଫ୍ ଏ ନେସନ(୨୦୨୩)। ଭୂମିକା, ସମ୍ବିଧାନ, ଜୁନୁନ୍, ମଣ୍ଡି, ସୂରଜ କା ସତାବନ ଘୋଡ଼ା, ସରଦାରୀ ବେଗମ୍, ମମୋ ହେଉଛି ସର୍ବାଧିକ ଚର୍ଚ୍ଚିତ ଫିଲ୍ମ। ସିକନ୍ଦରାବାରେ ୧୦୩୪ ଡିମସମ୍ବର ୧୪ରେ ଜନ୍ମଗ୍ରହର କରିଥିବା ଶ୍ୟାମଙ୍କ ବାପା ଶ୍ରୀଧର ବି ବେନେଗଲ ଜଣେ ପ୍ରସିଦ୍ଧ ଫଟୋଗ୍ରାଫର ଥିଲେ। କିମ୍ବଦନ୍ତୀ ଚଳଚ୍ଚିତ୍ର ବ୍ୟକ୍ତିତ୍ୱ ପୃଷ୍ଠା-୬



ଟ୍ରେଣ୍ଡିଂ ନ୍ୟୁଜ୍

- ପିଲଭିଟରେ ୩ ପାକ୍ ସମର୍ଥିତ ଖଲିସ୍ତାନୀ ଆତଙ୍କୀ ନିହତ
- ରୋଜଗାର ମେଳାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୭୧ ହଜାର ନିଯୁକ୍ତିପତ୍ର ବାଣ୍ଟିଲେ
- ହସ୍ପିଟାଲରେ ଭର୍ତ୍ତି ହେଲେ ପୂର୍ବତନ କ୍ରିକେଟର ବିନୋଦ କାମ୍ବଲି
- ଜିନ୍ନତକୁ ହାତୀ ସାହାଯ୍ୟରେ ଟ୍ରାଙ୍କୁଲାଇଜ୍ କରାଯିବ
- ବିଲିୟୋନେୟରଙ୍କ ଉପରେ ଅଧିକରୁ ଅଧିକ ନୀତି ପ୍ରଣୟନ ଲାଗି ଥୋମାସ ପିକେଟିଙ୍କ ପ୍ରସ୍ତାବ

ଜାନ ଡେରିଥା

ଶିଳ୍ପାୟନର ସୁଫଳ ଏଥର ପାଇବେ ସାଧାରଣ ଲୋକ
ଶିଳ୍ପ ହେଲାପରେ ଜମି ହରାମାନେ ସହିବେକି କେବେ ଭୋକ
ଭାଷଣ ପ୍ରସଙ୍ଗେ ପାରାଦୀପରେ ଧର୍ମେନ୍ଦ୍ର ଦେଇଛି ଡାକ।

ପୂର୍ବୋଦୟ ମିଶନରେ ପାରାଦୀପ ହେବ ମୁଖଶାଳା

ପାରାଦୀପ,୨୩।୧୨ (ସଂଚାର ବ୍ୟୁରୋ): ଶିଳ୍ପାଞ୍ଚଳ ପାରାଦୀପରେ ଯେଉଁ ସମ୍ଭାବନା ଅଛି, ତାହା ଆଗାମୀ ଦିନରେ ଓଡ଼ିଶାର ଆବଶ୍ୟକତାକୁ ପୂରଣ କରିବ। ପୂର୍ବୋଦୟ ମିଶନରେ ପାରାଦୀପ ବିକାଶର ଦ୍ୱୀପ ହେବ ବୋଲି କହିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ।

କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ ଜଗତସିଂହପୁର ଜିଲ୍ଲାର ପାରାଦୀପ ଦେଶରେ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି। ଏହି ଜିଲ୍ଲାରେ ଓଡ଼ିଆ ସଂସ୍କୃତିର ପବିତ୍ର ପୀଠସ୍ଥଳ ମା' ସାରଳା ପୂଜା ପାଉଛନ୍ତି। ଆଦିକବି ସାରଳା ଦାସ ଏହିଠାରୁ ଓଡ଼ିଆ ମହାଭାରତ ରଚନା କରିଛନ୍ତି । ହଜାର ହଜାର ବର୍ଷର ପୁରାତନ ଐତିହ୍ୟର ମୁକସାକ୍ଷୀ ଭାବେ ଏହି ଅଞ୍ଚଳରୁ ଓଡ଼ିଆ ପୃଷ୍ଠା-୬

ପ୍ଲାଷ୍ଟିକ ବ୍ୟାଗ୍ ଉତ୍ପାଦନରେ ଓଡ଼ିଶା ହେବ ଆତ୍ମନିର୍ଭର

ପାରାଦୀପ, ୨୩।୧୨ (ସଂଚାର ବ୍ୟୁରୋ): 'ପୂର୍ବୋଦୟ' ମିଶନରେ ଓଡ଼ିଶାର ଶିଳ୍ପ ଭିତ୍ତିଭୂମିକୁ ସୁଦୃଢ କରିବା ଲ ନେଇ ସୋମବାର ପାରାଦୀପ ପ୍ଲାଷ୍ଟିକ ପାର୍କ ପରିସରରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପ୍ଲାଷ୍ଟିକ ବ୍ୟାଗ୍ ଉତ୍ପାଦନ କାରଖାନାକୁ ଉଦ୍‌ଘାଟନ କରିଛନ୍ତି। ଏହି ପଦକ୍ଷେପ ଦ୍ୱାରା ପ୍ଲାଷ୍ଟିକ ବ୍ୟାଗ୍ ଉତ୍ପାଦନରେ ଓଡ଼ିଶା ଆତ୍ମନିର୍ଭର ହେବ ବୋଲି

କହିଛନ୍ତି ଶ୍ରୀ ପ୍ରଧାନ। କେନ୍ଦ୍ରମନ୍ତ୍ରୀ କହିଛନ୍ତି, ପାରାଦୀପ ପ୍ଲାଷ୍ଟିକ ପାର୍କ ଧୀରେ ଧୀରେ ସମ୍ପ୍ରସାରିତ ହେଉଛି। ପାରାଦୀପ ଅଏଲ ରିଫାଇନାରୀରେ ଏକ ଆନ୍ତ୍ରିଲାରୀ କ୍ଲଷ୍ଟର ତିଆରି କରିବାର ପୂର୍ବରୁ ମୂଳ ଉଦ୍ଦେଶ୍ୟ ରହିଥିଲା। ସେ ଦିଗରେ ପ୍ଲାଷ୍ଟିକ ପାର୍କରେ ପ୍ରାୟ ୧୬ଟି କାରଖାନା ଇଡକୋ ଓ ଇଣ୍ଡିଆନ ଅଏଲର ପ୍ଲାଷ୍ଟିକ ପାର୍କ କର୍ପୋରେସନରୁ ଜମି ପୃଷ୍ଠା-୬

ମୁରବିବିହୀନ କଂଗ୍ରେସକୁ ନେଇ ବିଜେପି, ବିଜେଡି ଖୁସି

ଭୁବନେଶ୍ୱର,୨୩।୧୨(ସଂଚାର ବ୍ୟୁରୋ): ଛଅ ମାସ ହେଲା ରାଜ୍ୟ କଂଗ୍ରେସ ମୁରବୀ ବିହୀନ । ପ୍ରଦେଶ କଂଗ୍ରେସର ସଭାପତି ପଦ ଖାଲି ପ

ସାରଦା ଏକାଡ଼େମୀ ଛକନା ସରକାରୀ ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ

କେନ୍ଦ୍ରାପଡ଼ା, ୨୩।୧୨ (ସଂଚାର ବ୍ୟୁରୋ) : କେନ୍ଦ୍ରାପଡ଼ା ଜିଲ୍ଲା ସାରଦା ଏକାଡେମୀ ଛକନା ବିଦ୍ୟାଳୟ ପୁରାତନ ଛାତ୍ରଛାତ୍ରୀ ଙ୍କ ସହଯୋଗରେ ସୁବର୍ଣ୍ଣ ଜୟନ୍ତୀ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ର ଯୋଗ ଦେଇଥିଲେ। ମୁଖ୍ୟ ବକ୍ତା ବିଶିଷ୍ଟ ଗୀତିକବି ମନୋଜ କୁମାର ମହାନ୍ତି ଏବଂ କେନ୍ଦ୍ରାପଡ଼ା ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରଦୀପ କୁମାର ନାଗ, ଡେରାବିଶ ମଣ୍ଡଳ ଶିକ୍ଷା ଅଧିକାରୀ ଶ୍ରୀକାନ୍ତ ବେହେରା ସମ୍ମାନନୀୟ ଅତିଥି ଭାବରେ ଯୋଗଦାନ କରିଥିଲେ। ପୁରାତନ ଛାତ୍ରଛାତ୍ରୀ ସଂଘର ସଭାପତି ରବୀନ୍ଦ୍ରନାଥ ତ୍ରିପାଠୀ ସଭା ପରିଚାଳନା କରିଥିବାବେଳେ ସାଧାରଣ ସମ୍ପାଦକ ପ୍ରମୋଦ କୁମାର ଶତପଥୀ ସଂଘ କାର୍ଯ୍ୟକ୍ରମର

ବିଷଦ ବିବରଣୀ ପ୍ରଦାନ କରିଥିଲେ। ଏହି ଉତ୍ସବରେ ସୁବର୍ଣ୍ଣ ଜୟନ୍ତୀ ବିଶେଷାଙ୍କ ସ୍ମରଣିକା "ସାରଦା " ଉନ୍ମୋଚିତ ହେବା ସହ ବିଦ୍ୟାଳୟ ର ପୁରାତନ ଗୁରୁ ମାନଙ୍କୁ ଏୱଂ ଦଶମ ବୋର୍ଡ ପରୀକ୍ଷା ୨୦୨୪ ରେ ଉତ୍ତୀର୍ଣ୍ଣ ହୋଇଥିବା ବିଦ୍ୟାଳୟର ଶ୍ରେଷ୍ଠ କୃତୀ ଛାତ୍ର ଓ ଛାତ୍ରୀ ଦୁଇଜଣଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିଦ୍ୟାଳୟ ର ପ୍ରଧାନ ଶିକ୍ଷୟିତ୍ରୀ ରାଜଲକ୍ଷ୍ମୀ ବରାଳ ଏବଂ ପୁରାତନ ବରିଷ୍ଠ ଛାତ୍ର ଶିଶିର କୁମାର ରାଉତରାୟ, ଶରତ କୁମାର ଜେନା,ଡ଼ା ପ୍ରଭାତ କୁମାର ସାହୁ, ପ୍ରଫୁଲ୍ଲ କୁମାର ନାୟକ,ପ୍ରଶାନ୍ତ କୁମାର ଜେନା,ମହେନ୍ଦ୍ର କୁମାର ପ୍ରଧାନ, ଯଶୋଧର ରାଉତ ସମେତ ବହୁ ପୁରାତନ ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ ଓ ଅଧ୍ୟୟନରତ ଛାତ୍ର ଛାତ୍ରୀଙ୍କ ଉପସ୍ଥିତି ଓ ସହଯୋଗ ରେ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ସଫଳତାର ସହିତ ଶେଷ ହୋଇଥିଲା। ସଂଘର ଉପସଭାପତି ଡଃ ଅକ୍ଷୟ କୁମାର ସାମନ୍ତରାୟ ଧନ୍ୟବାଦ ଅର୍ପଣ କରିଥିଲେ। ସଭାକାର୍ଯ୍ୟ ଶେଷରେ ବସନ୍ତ ପାତ୍ର ମ୍ୟୁଜିକାଲ ଗ୍ରୁପ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

ନାବାଳକଙ୍କ ହାତରେ ବାଇକ୍

କାହାରିକୁ ମାନୁନାହାନ୍ତି, ବେପରୁଆ ଚଳାଉଛନ୍ତି ଗାଡ଼ି

ଘୋ ଘୋ ଗର୍ଜନରେ ଫାଟିପଡୁଛି ରାସ୍ତା

ଅଭିଭାବକ ନିରବ, କର୍ତ୍ତୃପକ୍ଷ ବି ସଚେତନତାରେ ଅଟକିଛି କାର୍ଯ୍ୟାନୁଷ୍ଠାନ



କେନ୍ଦ୍ରାପଡ଼ା, ୨୩।୧୨ (ସଂଚାର ବ୍ୟୁରୋ) : ଦିନକୁ ଦିନ ବେପରୁଆ ଗାଡି ଚାଳନା ବୃଦ୍ଧି ପାଇବାରେ ଲାଗିଛି। ଏହି ଦ୍ରୁତ ଗତି ଗାଡ଼ି ଚଳାଇବାରେ ମୁଖ୍ୟତଃ ପିଲାମାନଙ୍କୁ ଦେଖିବାକୁ ମିଳୁଛି। ପିଲାମାନଙ୍କ ହାତରେ ଅଭିଭାବକ ବାଇକି ଚାବି ଧରାଇଦେବା ପରେ ସେମାନେ ଆଉ କାହାରିକୁ ମାନୁନାହାନ୍ତି। ନିୟମିତ ଏଭଳି ବାଇକ୍ ଚାଳନା ପାଇଁ ଅନ୍ୟ ପଥଚାରୀ ଦୃଘଟଣା ର ଶିକାର ହେଉଛନ୍ତି । ସଡ଼କ ଦୁର୍ଘଟଣା ସବୁଠି ଚିନ୍ତାର କାରଣ ହୋଇଛି। କେନ୍ଦ୍ରାପଡ଼ା ଜିଲ୍ଲାରେ ଗତ ବର୍ଷ ଡିସେମ୍ବର ସୁଦ୍ଧା ୧୭୦ ଜଣଙ୍କ ଜୀବନ ଯାଇଛି। ଖାସ୍ କରି ଦୁଇ ଚକିଆ ଯାନ ଯୋଗୁଁ ଅଧିକ ଦୁର୍ଘଟଣା ଘଟୁଛି। ଗତ ଜାନୁଆରିରୁ ନଭେମ୍ବର ଭିତରେ କେନ୍ଦ୍ରାପଡ଼ା ଜିଲ୍ଲାର ବିଭିନ୍ନ ଥାନା ଅଞ୍ଚଳରେ ୧୩୯ଟି ଦୁର୍ଘଟଣା ଘଟିଛି। ଗଲା ୧ ମାସରେ ଆହୁରି ୧୦ ରୁ ଅଧିକ ଦୁର୍ଘଟଣା ହେଲାଣି। ତେବେ ଏହା ପଛରେ ନାବାଳକଙ୍କ ହାତରେ ବାଇକ୍ ଏକ ପ୍ରମୁଖ କାରଣ ହୋଇଛି। ସ୍କୁଲ୍, କଲେଜ ଯାଉଥିବା ଛାତ୍ରଛାତ୍ରୀ ବାଇକ୍, ସ୍କୁଟି ଚଳାଉଥିଲାବେଳେ ଏଥିପ୍ରତି କାହାରି ନିଘା ରହୁ ନଥିବା ଅଭିଯୋଗ ହେଉଛି

କେନ୍ଦ୍ରାପଡ଼ା ସହରଠାରୁ ନେଇ ଗାଁ ଗଣ୍ଡା, ସବୁଠି ପିଲାଙ୍କ ହାତରେ ବାଇକ୍ କିଏ ସ୍ପିଡ ବାଇକ୍ ଚଳାଉଛି ତ କାହା ହାତରେ ସ୍କୁଟି, ସ୍କୁଲ୍, କଲେଜ, ଟ୍ୟୁସନ୍ ଯାଉଥିବା ପିଲା ଏସବୁ ଚଳାଉଛନ୍ତି। ଗୋଟିଏ ଗୋଟିଏ ଗାଡ଼ିରେ ୩ ଜଣ ଲେଖାଏଁ ବି ବସି ବାଇକ୍ ଚଳାଉଛନ୍ତି ଅତି ବେପରୁଆ ଭାବେ ସେମାନେ ଗାଡ଼ି ଚଳାଉଛନ୍ତି। ଯାହାଫଳରେ ଦୁର୍ଘଟଣା ବଢ଼ିବାରେ ଲାଗିଛି। ନିୟମ କହୁଛି, ନାବାଳକ,ନାବାଳିକାଙ୍କୁ ଲାଇସେନ୍ସ ଦେଇ ହେବନି ତେଣୁ ସେମାନେ ବାଇକ୍, ଗାଡ଼ି ଚଳାଇବା ବେଆଇନ୍ ହେଲେ ଏଥିପ୍ରତି ଘରୁ ଅଭିଭାବକଙ୍କଠାରୁ ନେଇ ପୁଲିସ, ପ୍ରଶାସନ ଯାଏଁ କାହାରି ଦୃଷ୍ଟି ପଡୁନାହିଁ। ୨୦୧୯ର ସେକ୍ସନ୍ ୧୯୯ (ଏ) ମୁତାବକ, ୧୮ ବର୍ଷରୁ କମ୍ ବୟସର ଯେ କୌଣସି ଭାରତୀୟ ନାଗରିକ ଗାଡ଼ି ଚଳାଇବା ଦଣ୍ଡନୀୟ ଅପରାଧ। ଏଥିଲାଗି ସେମାନଙ୍କୁ ୨୫ହଜାର ଟଙ୍କା ପର୍ଯ୍ୟନ୍ତ ଜରିମାନା ଗଣିବାକୁ ପଡ଼ିପାରେ ।

କାଁ ଭାଁ କେତେବେଳେ ଚଢ଼ଉ ହେଉଛି ସତ କିନ୍ତୁ ଏହା ଆଖିଦୃଶିଆ ନୁହେଁ ରାସ୍ତାରେ ବିନା ଲାଇସେନ୍ସ ଓ ବିନା ହେଲ୍‌ମେଟରେ ଶତାଧିକ ପିଲା ଗାଡ଼ି ଗଡ଼ାଉଥିଲା ବେଳେ କାହାରି ନିଘା ନ ରହିବା ଅନ୍ୟମାନଙ୍କ ପାଇଁ ଚିନ୍ତାର କାରଣ ହୋଇଛି। ଏମିତିକି ଉକ୍ତ ଆମେଣ୍ଡମେଣ୍ଟ ଅନୁସାରେ ଅଧିକ ଦଣ୍ଡବିଧାନ ମଧ୍ୟ ହୋଇପାରେ। ଖାଲି ସେତିକି ନୁହେଁ ନାବାଳକ/ନାବାଳିକା ଗାଡ଼ି ଚାଳକଙ୍କୁ ଭବିଷ୍ୟତରେ ଲାଇସେନ୍ସ ମିଳିବା କଷ୍ଟକର ହୋଇପାରେ ନିୟମିତ ଉଲଙ୍ଘନ କାରୀଙ୍କ ଅଭିଭାବକମାନେ ମଧ୍ୟ ଅକଳରେ ପଡ଼ିପାରନ୍ତି । ସମସ୍ତ ଜିଲ୍ଲାରେ ପରିବହନ ମୋଟର ଭେଇକିଲ୍ସ ଆମେଣ୍ଡମେଣ୍ଟ ଆକ୍ଟ ଅଧିକାରୀମାନେ ସ୍ୱତନ୍ତ୍ର ଡ୍ରାଇଭ୍ କରୁଛନ୍ତି । କିନ୍ତୁ କେନ୍ଦ୍ରାପଡ଼ା ଜିଲ୍ଲାରେ ଏହାର କୌଣସି ପ୍ରଭାବ ପଡୁ ନଥିବା ଦେଖିବାକୁ ମିଳୁଛି।

ସୂଚନା ଅନୁସାରେ, ସହରରେ ବହୁ ଘରୋଇ ଶିକ୍ଷାନୁଷ୍ଠାନ ରହିଛି। ସେସବୁକୁ ପିଲାମାନେ ଗାଡ଼ି ନେଇ ଯାଉଛନ୍ତି। ସେଠାରେ ମଧ୍ୟ କେହି ଗୁରୁତ୍ୱ ଦେଉନାହାନ୍ତି। ସରକାରୀ, ଘରୋଇ କଲେଜ୍‌ରେ ବି ସମଦଶା ଲୋକଦେଖାଣିଆ ବାରଣ କରି ଶିକ୍ଷାନୁଷ୍ଠାନ ଚୁପ୍ ବସୁଛନ୍ତି। ତେଣେ ଚଢ଼ଉ ହେଉ ନଥିବାରୁ ପିଲାଙ୍କ ଡର ରହୁନି। ପର୍ଯ୍ୟଟନ ଋତୁ ଆରମ୍ଭ ହୋଇ ଯାଇଥିବାରୁ ରାସ୍ତାରେ ଅଧିକ ସଂଖ୍ୟକ ଗାଡ଼ି ଗଡୁଛି ତେଣୁ ପିଲାମାନେ ଗାଡ଼ି ନେଇ ଯାତାୟାତ କରିବା ଦ୍ୱାରା ସମସ୍ତଙ୍କ ଜୀବନ ପ୍ରତି ଭୟ ସୃଷ୍ଟି ହୋଇଛି। ଏ ସମ୍ପର୍କରେ କେନ୍ଦ୍ରାପଡ଼ା ସହରର ଥିବା ଏକ ଘରୋଇ କଲେଜ ଅଧ୍ୟକ୍ଷ କୁହନ୍ତି ଛାତ୍ର ଛାତ୍ରୀଙ୍କୁ ଗାଡ଼ି ନେଇ କଲେଜ ଆସିବାକୁ ବାରଣ କରାଯାଇଛି। ଏପରିକି ନୋଟିସ୍ ମଧ୍ୟ ଦିଆଯାଇଛି କିଛି ପିଲା ମାନୁଥିବା ବେଳେ ତଥାପି ଅନେକ ଏହାକୁ ମାନୁ ନଥିବା ସେ କହିଛନ୍ତି।

ସ୍ୱାମୀଙ୍କ ଶୁଦ୍ଧି ପାଇଁ ଅର୍ଥାଭାବ ଘଟଣାରେ ବିଧାୟକଙ୍କ ସହାୟତା

ସହାୟତା ଯୋଗାଇ ଦେବାକୁ ପତ୍ନୀ କରୁଥିଲେ ଗୁହାରି

ସଂଚାରରେ ହୋଇଥିଲା ଖବର ପ୍ରସାରଣ

କେନ୍ଦ୍ରାପଡ଼ା/ମାର୍ଶାଘାଇ, ୨୩।୧୨ (ସଂଚାର ବ୍ୟୁରୋ): ମହାକାଳପଡ଼ା ବିଧାୟକ ଦୁର୍ଗା ପ୍ରସନ୍ନ ନାୟକଙ୍କ ତରଫରୁ ଜଣେ ଅସହାୟ ମହିଳାଙ୍କ ପାଖରେ ଆର୍ଥିକ ସହାୟତା ଯୋଗାଇ ଦିଆଯାଇଛି। ପରିବାରର ଜଣେ ରୋଜଗାରିଆ ପୁଅର ମୃତ୍ୟୁ ପରେ ଭାଙ୍ଗିପଡିଥିଲେ ପରିବାର। ସ୍ୱାମୀଙ୍କ ଶୁଦ୍ଧିକ୍ରିୟା କାର୍ଯ୍ୟ କରିବାକୁ ପାଖରେ ସମ୍ବଳ ନଥିବାରୁ ସରକାରୀ ଓ ବେସରକାରୀ ସହାୟତା ପାଇଁ ପତ୍ନୀ ସସ୍ମିତା ଗୁହାରି କରିଥିଲେ। ଏନେଇ ଗତକାଲି ସଂଚାର ରେ "ଶୁଦ୍ଧିକ୍ରିୟା ପାଇଁ ଅର୍ଥ ବାଧକ। ସହାୟତା ପାଇଁ ପ୍ରଶାସନକୁ ଅନୁରୋଧ କଲେ ପତ୍ନୀ" ଶୀର୍ଷକ ଖବର ପ୍ରକାଶିତ ହୋଇଥିଲା। ଏହି ଖବର ଦେଖିବା ପରେ ମହାକାଳପଡ଼ା ବିଧାୟକ ଙ୍କ ତରଫରୁ ଦଶ ହଜାର ଟଙ୍କା ଆର୍ଥିକ ସହାୟତା ଯୋଗାଇ ଦେଇଛନ୍ତି।

କେନ୍ଦ୍ରାପଡ଼ା ଜିଲ୍ଲା ମାର୍ଶାଘାଇ ବ୍ଲକ ରାଘବପୁର ଗ୍ରାମର ସସ୍ମିତା ସେଠୀଙ୍କ ସ୍ୱାମୀ ସମୀର ସେଠୀଙ୍କ ୪୪ ବର୍ଷ ବୟସରେ ଦେହାନ୍ତ ହେଇଯାଇଛି। ସମୀର ଜଣେ ଦୈନିକ ମଜୁରୀ ଦର ହିସାବରେ ଡ୍ରାଇଭର କାର୍ଯ୍ୟ କରି ନିଜର ପରିବାର ପ୍ରତିପୋଷଣ କରି ଆସୁଥିଲେ। ଡ଼ିସେମ୍ବର ୧୪ ତାରିଖରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସମୀରଙ୍କ ମୃତ୍ୟୁ ପରେ ବେସାହାରା ହୋଇ ପଡିଛନ୍ତି ପରିବାର। ଆଠ ବର୍ଷର ଝିଅ ,୩ ବର୍ଷର ପୁଅ ଓ ଶାଶୁଙ୍କୁ ନେଇ କେମିତି ଚଳିବେ ଓ ସ୍ୱାମୀଙ୍କ ଦଶାହ କାର୍ଯ୍ୟ କିପରି କରିବେ ସେ ଚିନ୍ତାରେ ଥିଲେ। ଏହି ବେସାହାରା ପରିବାର

ପାଇଁ ବିଧାୟକଙ୍କ ସମେତ ରାଘବପୁର ପଞ୍ଚାୟତ ସରପଞ୍ଚ ରମେଶ ଚନ୍ଦ୍ର ଲେଙ୍କା ଓ ସ୍ଥାନୀୟ ଗ୍ରାମବାସୀ ମଧ୍ୟ ସହଯୋଗର ହାତ ବଢ଼ାଇଛନ୍ତି। ତାଙ୍କର ଏହି ମହାନ ସହଯୋଗ ପାଇଁ ବିଧାୟକ ଓ ସ୍ଥାନୀୟ ସରପଞ୍ଚଙ୍କୁ ଅଞ୍ଚଳବାସୀ ଧନ୍ୟବାଦ ଜଣାଇଛନ୍ତି।

ଯୌତୁକ ପାଇଁ ନବବଧୂକୁ ହତ୍ୟା

- ବିବାହକୁ ହୋଇଥିଲା ୧ ମାସ ୨୫ ଦିନ
- ଶାଶୁଘର ଲୋକେ ହତ୍ୟା କରିଥିବା ଅଭିଯୋଗ ଆଣିଲେ ପରିବାର
- ଯୌତୁକ ଆକାରରେ ଦାବି କରିଥିଲେ ୧ ଲକ୍ଷ ଟଙ୍କା ଓ ସୁନାଗହଣା

ମହାକାଳପଡ଼ା, ୨୩।୧୨ (ସଂଚାର ବ୍ୟୁରୋ) : ଯୌତୁକ ଦାବି କରି ଜଣେ ନବବଧୂକୁ ହତ୍ୟା କରାଯାଇଛି। ଏନେଇ ମୃତ ଝିଅର ମାଆ ମହାକାଳପଡ଼ା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଝିଅର ହତ୍ୟାକାରୀଙ୍କୁ କଠୋର ଦଣ୍ଡ ଦେବା ସହିତ ଉପଯୁକ୍ତ ନ୍ୟାୟ ପ୍ରଦାନ କରିବାକୁ ସେ ଲିଖିତ ଅଭିଯୋଗରେ ଗୁହାରି କରିଛନ୍ତି। ସୂଚନା ମୁତାବକ ମହାକାଳପଡ଼ା ବ୍ଲକ ମଙ୍ଗଳପୁର ପଞ୍ଚାୟତ ଗୋଜାବନ୍ଧ ଗ୍ରାମର ଅକ୍ଷୟ ନାୟକଙ୍କ ଏକମାତ୍ର ଝିଅ ରାଜେଶ୍ୱରୀ ନାୟକ(୨୨) ବରକନ୍ଧା ପଞ୍ଚାୟତ ବରକନ୍ଧା ଗ୍ରାମର ସଞ୍ଜୟ ରାଉତଙ୍କ ପୁଅ ଭାସ୍କର ରାଉତ ଉଭୟ ଉଭୟଙ୍କୁ ପ୍ରେମ କରୁଥିଲେ। ଘରୁ ବାହାରି ପଳାଇ ସେମାନେ କିଛି ଦିନ ବାହାରେ ରହିଥିଲେ। ବହୁ ବାଧାବିଘ୍ନ ପରେ ପରିବାରର ସମ୍ମତି କ୍ରମେ ଗତ ନଭେମ୍ବର ୧୭ ତାରିଖରେ ରାମଚଣ୍ଡି ମନ୍ଦିର, ରାମନଗର ଠାରେ ସେମାନଙ୍କର ବିବାହ ହୋଇଥିଲା। ବାହାଘରର କିଛି ଦିନ ପରେ ଝିଅକୁ ସ୍ୱାମୀ,ଶାଶୁ, ଶ୍ୱଶୁର ଓ ଦୁଇ ନଣନ୍ଦ ୧ ଲକ୍ଷ ଟଙ୍କା ଓ ସୁନାଗହଣା ଯୌତୁକ ଦାବି କରି ଅତ୍ୟାଚାର କରୁଥିଲେ। ଯଦି ଯୌତୁକ ନଆଣିବୁ ତେବେ ଜୀବନରୁ ମାରିଦେବାକୁ ଧମକ ଦେଇଥିବା ଝିଅ ଫୋନ୍ ଯୋଗେ ମାଆଙ୍କୁ ଜଣାଇଥିଲେ। ତାଙ୍କ ଭାଗ୍ୟରେ ଏମିତି ଘର ଓ ପରିବାର ମିଳିବ ବୋଲି ସେ କେବେ ଭାବିନଥିଲେ ବୋଲି ମଧ୍ୟ କହିଥିଲେ। ଆଜି ହଠାତ୍ ତାଙ୍କ ଝିଅର ମୃତ୍ୟୁ ଖବର ଦିନ ୧୧ ଘଟିକା ସମୟରେ ସେ ଶୁଣିବାକୁ ପାଇ ସଙ୍ଗେସଙ୍ଗେ ସେ ଝିଅ ଘରକୁ ଯାଇ ପହଞ୍ଚିଲା ବେଳକୁ ଆମ୍ବୁଲାନ୍ସ ରେ ଝିଅକୁ ମହାକାଳପଡ଼ା ମେଡିକାଲ୍ କୁ ଅଣାଯାଇଥିଲା। ସେଠାରେ ତାଙ୍କୁ ମୃତ ଭାବରେ ଝିଅର ମାଆ ଦେଖିବାକୁ ପାଇ ମହାକାଳପଡ଼ା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ମହାକାଳପଡ଼ା ପୋଲିସ ଏତଲା ଆଧାରରେ ୨୫୬/୨୪ ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ପୋଲିସ ଏହି ଘଟଣାରେ କ'ଣ ପଦକ୍ଷେପ ନେଉଛି ତାହା ଦେଖିବାକୁ ବାକି।

ଯୁବ ଚେତନା ସଙ୍ଗଠନ ପକ୍ଷରୁ ଅଂକୁରାୟନ କାର୍ଯ୍ୟକ୍ରମ

ଗରଦପୁର, ୨୩।୧୨ (ସଂଚାର ବ୍ୟୁରୋ): କେନ୍ଦ୍ରାପଡ଼ା ଜିଲ୍ଲା ଗରଦପୁର ବ୍ଲକ୍ ଅନ୍ତର୍ଗତ ପାଇକା ନଦୀ କୂଳ ଲଙ୍କାପଡ଼ା ମକର ପଡ଼ିଆ ଠାରେ ଯୁବ ଚେତନା ସଂଗଠନ 'ବନ୍ଧୁ 'ପକ୍ଷରୁ ଅଂକୁରାୟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଅଛି। ଏହି ଅଂକୁରାୟନ କାର୍ଯ୍ୟକ୍ରମରେ ୧୪ ଗୋଟି ଜିଲ୍ଲାରୁ ପ୍ରାୟ ୯୦୦ ରୁ ଉର୍ଦ୍ଧ ଛାତ୍ରଛାତ୍ରୀ ବିଭିନ୍ନ ପ୍ରତିଯୋଗିତା ରେ ଭାଗନେବା ସହ ନିଜର ସାଂସ୍କୃତିକ କଳା ପ୍ରଦର୍ଶନ କରିଥିଲେ। ବନ୍ଧୁ ସଂଗଠନର ସଭାପତି ତଥା ଅଂକୁରାୟନ କାର୍ଯ୍ୟକ୍ରମର ଆବାହକ ବିଭୂସେନ ପତି ଏବଂ ଅଧ୍ୟାପକ ତାରାକାନ୍ତ ନାୟକଙ୍କ କହିବା ମୁତାବକ ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ବିଭିନ୍ନ ପ୍ରକାର ପ୍ରତିଯୋଗିତା କରାଇ ପିଲାମାନଙ୍କ ମନରେ ସାମାଜିକ ଚେତନାର ବିକାଶ ସହ ଆମ ସଂସ୍କୃତି ପ୍ରତି ଅନୁରାଗ ସଂପୋଷଣ କରାଇବା ଅନୁଷ୍ଠାନର ମୂଳଲକ୍ଷ ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ପ୍ଲାଷ୍ଟିକ୍ ର ଏକକ ବ୍ୟବହାର, ତାଳବରଡ଼ା ର ତାଟି,ସଢେଇ ଓ ପାଳଭୁତ ବ୍ୟବହାର ସମ୍ପର୍କରେ ବିଭିନ୍ନ ପ୍ରୋଜେକ୍ଟ ମାନ ପ୍ରଦର୍ଶନ କରାଯାଇଥିଲା।ଏହାକୁ ଦେଖିବା ପାଇଁ ବିଭିନ୍ନ ଜିଲ୍ଲାରୁ ହଜାର ହଜାର ଲୋକଙ୍କ ଭିଡ଼ ଜମିଥିବା ଦେଖିବାକୁ ମିଳିଥିଲା।

ଘର ଥାଇବି ବାରଣ୍ଡାରେ ପଢୁଛନ୍ତି ପିଲା

ଅଙ୍ଗନବାଡି ଗୃହରୁ ଖୋଲୁନି ତାଲା, ଦିଦିଙ୍କ ପାଖରେ ନାହିଁ ଖବର

ମହାକାଳପଡ଼ା, ୨୩।୧୨ (ସଂଚାର ବ୍ୟୁରୋ): କୋମଳମତି କୁନି କୁନି ପିଲାମାନଙ୍କୁ ଶାରୀରିକ ଓ ମାନସିକ ଦକ୍ଷତା ବୃଦ୍ଧି ପାଇଁ ସରକାର ଅଙ୍ଗନୱାଡି ଯୋଜନା ମାଧ୍ୟମରେ ଖର୍ଚ୍ଚ କରୁଛନ୍ତି କୋଟି କୋଟି ଟଙ୍କା। ସୁବ୍ୟବସ୍ଥିତ ପକ୍କା ଗୃହ ମଧ୍ୟରେ ସୁଦୃଢ ବ୍ୟବସ୍ଥା ଓ ପୁଷ୍ଟିକର ଖାଦ୍ୟ ସାମଗ୍ରୀ ଯୋଗାଇ ଦେବାକୁ ପ୍ରୟାସ କରୁଛନ୍ତି। ହେଲେ ଆମେ ଏମିତି ଏକ ଅଙ୍ଗନୱାଡି କେନ୍ଦ୍ର ବିଷୟରେ ଆପଣଙ୍କୁ କହିବୁ ଯାହା ବିଷୟରେ ଶୁଣିଲେ ଆପଣ ଆଶ୍ଚର୍ଯ୍ୟ ଚକିତ ହେବେ। ଆଜିର ଆଧୁନିକ ଯୁଗରେ ଏମିତି ଘଟଣା କାହିଁକି ଘଟୁଛି ତାହା ମଧ୍ୟ ଆପଣମାନଙ୍କ ମନକୁ ଆନ୍ଦୋଳିତ କରିବ ନିଶ୍ଚୟ। ଆମେ କହୁଛୁ କେନ୍ଦ୍ରାପଡ଼ା ଜିଲ୍ଲା ମହାକାଳପଡା ବ୍ଲକ ଗଡରୋମିତ ଗ୍ରାମପଞ୍ଚାୟତ ଛନ୍ଦା ଗ୍ରାମର ଅଙ୍ଗନୱାଡି କେନ୍ଦ୍ରର କଥା।

ଏହି କେନ୍ଦ୍ରର ସ୍ଥାୟୀ ଘର ଥିବା ସତ୍ତ୍ୱେ ଦୀର୍ଘଦିନ ଧରି କୁନି କୁନି ପିଲାମାନେ ସ୍କୁଲ ବାରଣ୍ଡାରେ ବସି ପାଠ ପଢୁଛନ୍ତି। କି ବର୍ଷା କି ଶୀତ ସବୁ ଯେମିତି ଏହି ପିଲା ମାନଙ୍କ ପାଇଁ ନିତିଦିନିଆ କଥା। ସେଇ ବାରଣ୍ଡାରେ ପାଠପଢ଼ା,ସେଇଠି

ଖାଇବା ପିଇବା। ଯାହା ପିଲାମାନଙ୍କ ଅଧିକାରକୁ କ୍ଷୁର୍ଣ୍ଣ କରୁଛି ତାହା ନୁହେଁ ବରଂ ମହାକାଳପଡ଼ା ଶିଶୁ ମଙ୍ଗଳ ଅଧିକାରୀଙ୍କ ପାରିବା ପଣିଆକୁ ପଦାରେ ପକାଇଛି। ଯାହା ସୂଚନା ମିଳିଛି ଦୀର୍ଘ ୧୨ ବର୍ଷ ହେବ ପିଲାମାନେ ଏହି ସ୍କୁଲ ବାରଣ୍ଡା ରେ ପାଠ ପଢୁଛନ୍ତି। ଅଙ୍ଗନୱାଡି କେନ୍ଦ୍ରର ସ୍ୱତନ୍ତ୍ର ଗୃହ ନିର୍ମାଣ ସରିଛି ହେଲେ ଠିକାଦାରଙ୍କ ମଧ୍ୟରେ ବାଣ୍ଟ ଛିଡୁନଥିବାରୁ ଏକ ପକ୍ଷ କେନ୍ଦ୍ରରେ ତାଲା ପକାଇ ରଖିଛନ୍ତି। ଘର ହସ୍ତାନ୍ତର ପ୍ରକ୍ରିୟା ପାଇଁ ନା ପ୍ରଶାସନ ନା ସି.ଡି.ପି.ଓ କେହି ଦୃଷ୍ଟି ଦେଉନାହାନ୍ତି। ସମସ୍ତଙ୍କୁ ଗୁହାରି କରି କରି କେହି ଶୁଣୁନଥିବା ଅଭିଯୋଗ ହେଉଛି।

ଏନେଇ ଆମେ କେନ୍ଦ୍ରର କର୍ମୀ କଳ୍ପନା ମହାନ୍ତିଙ୍କୁ ପଚାରିବାରୁ କେନ୍ଦ୍ରରେ ୧୫ ଜଣ ପିଲା ଅଛନ୍ତି। ବିଦ୍ୟାଳୟର କୋଠରୀରେ ପିଲା ବସୁଥିଲେ ହେଲେ ସେଠାରେ କାଗଜପତ୍ର କାର୍ଯ୍ୟ ହେବାରୁ ପିଲାମାନେ ବାରଣ୍ଡାରେ ବସୁଛନ୍ତି। ଅଙ୍ଗନୱାଡି ଗୃହ ବିଷୟରେ ମୋର କୌଣସି ଧାରଣା ନାହିଁ ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ ଶିଶୁ ମଙ୍ଗଳ ଅଧିକାରୀଙ୍କୁ ଯୋଗାଯୋଗ କରାଯାଇଥିଲା ହେଲେ ଯୋଗାଯୋଗ ହୋଇ ପାରିଲା ନାହିଁ। ତୁରନ୍ତ ବିଭାଗୀୟ ଅଧିକାରୀ ଏହି ଘଟଣାରେ ଦୃଷ୍ଟି ଦେଇ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହେଉଛି।

ବାଲି ଚୋରାଚାଲାଣ ବେଳେ ମାଡ଼ିବସିଲା ସ୍ପେସାଲ ସ୍କ୍ୱାଡ୍

କେନ୍ଦ୍ରାପଡ଼ା, ୨୩।୧୨ (ସଂଚାର ବ୍ୟୁରୋ) : କୁଦାନଗରୀ ଥାନା ଅଂଚଳରେ ଦିନ ରାତି ସହ ସହ ଟ୍ରାକ୍ଟର ଦ୍ୱାରା ବିଭିନ୍ନ ବାଲି ଖାଦନରୁ ବାଲି ଲୁଟ୍ ହେବାରେ ଲାଗିଛି। ସ୍ଥାନୀୟ ପୋଲିସ ଏବଂ ଖଣି ଅଧିକାରୀଙ୍କୁ ହାତ କରି ମାଫିଆ ମାନେ ଅହ ରହ ଚିତ୍ରୋତ୍ପଳା ନଦୀରୁ ବାଲି ପୋଛି ନେଉଥିବା ସ୍ଥାନୀୟ ଅଞ୍ଚଳର ଲୋକେ ବାରମ୍ବାର ଅଭିଯୋଗ କରୁଛନ୍ତି । ହେଲେ ଏଥିରେ ସ୍ଥାନୀୟ ପ୍ରଶାସନିକ ଅଧିକାରୀଙ୍କ କୌଣସି ନଜର ବା ପଦକ୍ଷେପ ଗ୍ରହଣ କରୁନଥିବା ସମୟରେ ସୋମବାର କେନ୍ଦ୍ରାପଡ଼ା ସ୍ପେସାଲ ସ୍କ୍ୱାର୍ଡ ପୋଲିସ ଟିମ୍ ଅଚାନକ ଚଢ଼ାଉ କରି କୁଦାନଗରୀ ବାଲିଖାଦନରେ ମାଫିଆଙ୍କୁ ଧରିବାରେ ସକ୍ଷମ ହୋଇଛି। ଏହି ଚଢ଼ାଉ ସମୟରେ ତିନିଜଣ ଯୁବକ ଙ୍କ ସମେତ

**ବାଲି ବୋଝେଇ ଟ୍ରାକ୍ଟର ସହ

୭୧ ହଜାରରୁ ଅଧିକ ନିଯୁକ୍ତିପତ୍ର ବାଣ୍ଟିଲେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ,୨୩।୧୨: ଡିସେମ୍ବର ୨୩ରେ ରୋଜଗାର ମେଳା ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ୭୧ ହଜାରରୁ ଊର୍ଦ୍ଧ୍ୱ ନିଯୁକ୍ତି ପତ୍ର ପ୍ରଦାନ କରିବେ। ଭିଡିଓ କନଫରେନ୍ସିଂ ଯୋଗେ ପ୍ରଧାନମନ୍ତ୍ରୀ ମୋଦୀ ପୂର୍ବାହ୍ନ ପ୍ରାୟ ସାଢ଼େ ୧୦ଟା ବେଳକୁ ନିଯୁକ୍ତି ପତ୍ର ବଣ୍ଟନ କରିବେ। ରୋଜଗାର ମେଳା ଅବସରରେ ପ୍ରଧାନମନ୍ତ୍ରୀ ଉଦ୍‌ବୋଧନ ଦେବାର କାର୍ଯ୍ୟକ୍ରମ ମଧ୍ୟ ରହିଛି। ଦେଶର ୪୫ଟି ସ୍ଥାନରେ ଏହି ନିଯୁକ୍ତି ମେଳା ଅନୁଷ୍ଠିତ ହେବ। କେନ୍ଦ୍ର ସରକାରଙ୍କର ବିଭିନ୍ନ ମନ୍ତ୍ରଣାଳୟ ଓ ବିଭାଗ ଲାଗି ଏହି ମେଳା ଅନୁଷ୍ଠିତ ହେଉଛି। ନବ ନିଯୁକ୍ତମାନେ କେନ୍ଦ୍ର ସରକାରଙ୍କ ଗୃହ ମନ୍ତ୍ରଣାଳୟ, ଡାକ ବିଭାଗ, ଉଚ୍ଚଶିକ୍ଷା ବିଭାଗ, ସ୍ୱାସ୍ଥ୍ୟ ବିଭାଗ, ଅର୍ଥ ବିଭାଗ ସହ ଅନ୍ୟାନ୍ୟ ବିଭାଗ ଲାଗି କାମ କରିବେ।

ରୁବେନଙ୍କ ବହିକୁ ବିଜେଡିର ପ୍ରତ୍ୟାଖ୍ୟାନ



ଭୁବନେଶ୍ୱର,୨୩।୧୨ (ସଂଚାର ବ୍ୟୁରୋ): ନବୀନ ପଟ୍ଟନାୟକଙ୍କ ଉପରେ ରୁବେନ୍ ବାନାର୍ଜୀଙ୍କ ଲିଖିତ ବହିକୁ ନେଇ ବିଜେଡିରେ କମ୍ପନ। ପ୍ରଥମେ ଦଳର ବରିଷ୍ଠ ନେତା ପ୍ରସନ୍ନ ଆଚାର୍ଯ୍ୟ ରୁବେନଙ୍କ ତଥ୍ୟକୁ ପରୋକ୍ଷରେ ସମର୍ଥନ କରିଥିବାବେଳେ ଏବେ ଏହି ତଥ୍ୟକୁ ନେଇ ଆପତ୍ତି ଉଠାଇଛନ୍ତି ବିଜେଡି ବିଧାୟକ ଅରୁଣ ସାହୁ। କେବଳ ଚା ଖଟି ଓ ବିରୋଧୀ ଚର୍ଚ୍ଚା କରୁଥିବା ତଥ୍ୟ ସବୁ ସେ ବହିରେ ଉଲ୍ଲେଖ କରାଯାଇଥିବା କହିଛନ୍ତି ଅରୁଣ। ସେପଟେ ବିଜେଡି ସତ୍ୟକୁ ଗ୍ରହଣ କରିବାକୁ ଶିଖୁ ବୋଲି କହିଛି ବିଜେପି। ବରିଷ୍ଠ ସାମ୍ବାଦିକ ରୁବେନ ବାନାର୍ଜୀ ନବୀନ ପଟ୍ଟନାୟକଙ୍କ ଉପରେ ଲେଖିଥିବା ବହିକୁ ନେଇ ପ୍ରତିକ୍ରିୟାରେ ଅରୁଣ କହିଛନ୍ତି ଯେ ଦୀର୍ଘବର୍ଷ ହେବ ନବୀନ ପଟ୍ଟନାୟକଙ୍କୁ ରୁବେନ୍ ବାନାର୍ଜୀ ଭେଟି ନାହାନ୍ତି। କଥା ହୋଇନାହାନ୍ତି କି କେବେ ସାକ୍ଷାତକାର ମଧ୍ୟ ନେଇନାହାନ୍ତି। କେବଳ ଚା ଖଟି ଓ ବିରୋଧୀ ଚର୍ଚ୍ଚା କରୁଥିବା ତଥ୍ୟ ସବୁ ବହିରେ ଉଲ୍ଲେଖ କରିଛନ୍ତି ରୁବେନ ବାନାର୍ଜୀ। କାହା ଉପରେ ବହି ଲେଖିବାବେଳେ ତାଙ୍କ ମତାମତ ନେବା କଥା, କିନ୍ତୁ ଯେଉଁମାନେ ନବୀନଙ୍କୁ ବିରୋଧ କରନ୍ତି ସେମାନଙ୍କ ମତାମତ ନେଇ ସେ ବହି ଲେଖିଛନ୍ତି।

ଜ୍ୟୋସ୍ନାମୟୀ ହତ୍ୟାକାଣ୍ଡରେ ପୋଲିସ ନିରବ କାହିଁକି ?

ଜଟଣୀ,୨୩।୧୨(ସଂଚାର ବ୍ୟୁରୋ): ଘଟି ସାରିଥିବା ଅପରାଧର ତଦନ୍ତ କରି ଅଭିଯୁକ୍ତଙ୍କୁ ନ୍ୟାୟ ପରିସରଭୁକ୍ତ କରିବାରେ ପୋଲିସ ସମସ୍ତ ପ୍ରକାର ଉଦ୍ୟମ କରିବ ବୋଲି କମିଶନରେଟ ପୋଲିସ ପ୍ରଚାର କରୁଛି । ହେଲେ ବାସ୍ତବରେ ଏହାର ଓଲଟା ଚିତ୍ର ଦେଖିବାକୁ ମିଳିଛି ଜଟଣୀ ଥାନା ଅଞ୍ଚଳରେ। ଜଣେ ନବ ବିବାହିତାଙ୍କ ମୃତ୍ୟୁକୁ ପାଞ୍ଚ ମାସ ବିତିଯାଇଥିଲେ ମଧ୍ୟ ପୋଲିସ ହାତ ବାନ୍ଧି ବସିଛି । ଏହି ଘଟଣାରେ ଅଭିଯୁକ୍ତଙ୍କୁ ଧରିବାରେ ପୋଲିସ କାହିଁକି ପଛଘୁଞ୍ଚା ଦେଉଛି ତାହା ସମସ୍ତଙ୍କୁ ଚକିତ କରିଛି । ମୃତକଙ୍କ ବାପା ମା' ଏ ନେଇ ଅତିରିକ୍ତ ଡିସିପିଙ୍କୁ ଭେଟି ସାତ ଦିନ ଭିତରେ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଦାବି କରିଛିନ୍ତି । ସପ୍ତାହକ ମଧ୍ୟରେ ଅଭିଯୁକ୍ତ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆନଗଲେ ଡିଜିପିଙ୍କ ଭୁବନେଶ୍ୱରସ୍ଥିତ କ୍ୟାମ୍ପ ଅଫିସ ସମ୍ମୁଖରେ ଅନିର୍ଦ୍ଦିଷ୍ଟକାଳ ପର୍ଯ୍ୟନ୍ତ ଧାରଣାରେ ବସିବେ ବୋଲି କହିଛନ୍ତି । ଜଣେ ବିଧାୟକଙ୍କ ଚାପରେ ପୋଲିସ କାର୍ଯ୍ୟାନୁଷ୍ଠାନ ନେବାକୁ ପଛଘୁଞ୍ଚା ଦେଉଥିବା ନେଇ ପରିବାର ଲୋକ ଅଭିଯୋଗ ଆଣିଛନ୍ତି । ମୃତ ଜୋସ୍ନାମୟୀଙ୍କ ବାପା ରଘୁନାଥ ଆଚାର୍ଯ୍ୟଙ୍କ ଅଭିଯୋଗ ଅନୁଯାୟୀ, ବୈଦିକ ରୀତିରେ ଜଟଣୀ ତରାବୋଇ ଅଞ୍ଚଳର ଶ୍ରୀବସ୍ତ୍ର ରଥଙ୍କ ପୁଅ ଚିନ୍ମୟ କୁମାର ରଥଙ୍କ ସହ ଗତ ଜୁଲାଇ ୧୨ ତାରିଖରେ ବିବାହ ହୋଇଥିଲା । ହେଲେ ଶ୍ରୀବସ୍ତ୍ରଙ୍କ ପରିବାର ଲୋକେ ଜୋସ୍ନାମୟୀଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଦେଉଥିଲେ । ଏପରିକି ବିବାହର ୨ ମାସ ପର୍ଯ୍ୟନ୍ତ ବାପ ଘରକୁ ଛାଡିନଥିଲେ । ଗତ ସେପ୍ଟେମ୍ବର ୧୧ ତାରିଖରେ ଝିଅକୁ ମାରିଦେଇ ପଙ୍ଖାରେ ଝୁଲାଇ ଦେଇଥିବା ବୋଲି କରିଛନ୍ତି ପରିବାର ଲୋକ। ମୃତ୍ୟୁ ପୂର୍ବରୁ ଚିନ୍ମୟୀ ଘରକୁ ପଠାଇଥିବା ଏକ କଲ ରେକର୍ଡ ପଠାଇଥିଲେ । ଏଥିରେ ତାଙ୍କୁ ମାନସିକ ନିର୍ଯାତନା ଦିଆଯାଉଥିବା କଥା ସ୍ପଷ୍ଟ ହୋଇଛି । ହେଲେ ଯେଉଁମାନଙ୍କ ନାମରେ ଅଭିଯୋଗ ହୋଇଛି ପୋଲିସ ସେମାନଙ୍କ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ନେଉନାହିଁ ।

ଚଣ୍ଡୀ ମନ୍ଦିର ଉନ୍ନୟନ କାର୍ଯ୍ୟ ସାରିବାକୁ ଲକ୍ଷ୍ୟ ଧାର୍ଯ୍ୟ

ଡିସେମ୍ବର ୨୦୨୫ ଡେଟ୍ ଲାଇନ୍ ଦେଲେ ପୃଥ୍ୱୀରାଜ

ଭୁବନେଶ୍ୱର,୨୩।୧୨(ସଂଚାର ବ୍ୟୁରୋ): ମା' କଟକ ଚଣ୍ଡୀ ମନ୍ଦିରର ଉନ୍ନୟନ କାର୍ଯ୍ୟର ଅଗ୍ରଗତି ନେଇ ଏକ ସମୀକ୍ଷା ବୈଠକ ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । କଟକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି ବୈଠକରେ ମନ୍ଦିର ପରିସରର ବିଭିନ୍ନ ଉନ୍ନୟନ କାର୍ଯ୍ୟ ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା ହୋଇଥିଲା । ପ୍ରକଳ୍ପ କାର୍ଯ୍ୟ ବିଳମ୍ବିତ ହୋଇଥିବାରୁ ଆଗାମୀ ଦିନରେ ମନ୍ଦିର ପରିଚାଳନା କମିଟି ଏବଂ ସେବାୟତ ମାନଙ୍କ ସହ ଆଲୋଚନା କରି ସମସ୍ତ ବକେୟା କାର୍ଯ୍ୟକୁ ଆସନ୍ତା ୨୦୨୫ ଡିସେମ୍ବର ସୁଦ୍ଧା ଶେଷ କରିବା ପାଇଁ ବୈଠକରେ ନିଷ୍ପତ୍ତି ହୋଇଛି । ମା' କଟକ ଚଣ୍ଡୀ ମନ୍ଦିର ସହର ତଥା ଓଡ଼ିଶା ବାସୀଙ୍କ ଭାବାବେଗ ସହିତ ଜଡିତ ଥିବାରୁ ଉନ୍ନୟନ ପ୍ରକଳ୍ପକୁ ଯେତେ ସମ୍ଭବ ସୁନ୍ଦର ଓ ଆକର୍ଷଣୀୟ କରିହେବ ସେଥିନେଇ ପ୍ରୟାସ କରିବା ପାଇଁ ମନ୍ତ୍ରୀ ଦାୟିତ୍ୱରେ ଥିବା ଇଞ୍ଜିନିୟର ଓ କାମକରୁଥିବା ଏଜେନସି କୁ ପରାମର୍ଶ ଦେଇଥିଲେ । ଏଥିସହିତ

ଏହାକୁ ଆମ ଐତିହ୍ୟ ସହ ଜଡିତ ପୁରାତନ ମନ୍ଦିର ରୂପରେଖ ଦେବା ଏବଂ ନିର୍ମାଣ କାର୍ଯ୍ୟକୁ ତ୍ୱରିତ ଗତିରେ ଆଗେଇ ନେବା ପାଇଁ ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଥିଲେ । ଏହି ବୈଠକରେ କଟକ ସାଂସଦ ଭର୍ତ୍ତୃହରି ମହତାବ, କଟକ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ, କଟକ-ଚୌଦ୍ୱାର ବିଧାୟକ ସୌଭିକ୍ ବିଶ୍ୱାଳ, କଟକ ବାରବାଟି ବିଧାୟିକା ସୋଫିୟା ଫିରଦୋସ୍, ମାହାଙ୍ଗା ବିଧାୟକ ସାରଦା ପ୍ରସାଦ ପ୍ରଧାନ, ନିଆଳି ବିଧାୟକ ଛବି ମଲ୍ଲିକ, ଜିଲ୍ଲାପାଳ ଦତ୍ତାତ୍ରୟ ବାହୁସାହେବ ସିନ୍ଦେ, ଓବିସିସି ଏମଡି ସମୀର ହୋତା, ଚିଫ ଇଞ୍ଜିନିୟର ରୋଡ଼-୨ ଧ୍ୟାନଚାନ୍ଦ ନାୟକ ଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ ଏବଂ ମନ୍ଦିର କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ଥିଲେ ।

୨୦୩୦ ସୁଦ୍ଧା ୭.୫ଗିଗାୱାଟ ସବୁଜ ଶକ୍ତି

ଓଡ଼ିଶା ସୌରଶକ୍ତି ନିବେଶକ ସମ୍ମିଳନୀ

ଭୁବନେଶ୍ୱର,୨୩।୧୨(ସଂଚାର ବ୍ୟୁରୋ): ଗ୍ରିଡକୋ ଏବଂ ଆଇଫରେଷ୍ଟର ମିଳିତ ଆନୁକୂଲ୍ୟରେ ଭୁବନେଶ୍ୱରରେ ଆଜି ଓଡ଼ିଶା ସୌରଶକ୍ତି ନିବେଶକ ସମ୍ମିଳନୀର ଆୟୋଜନ ହୋଇଥିଲା । ଏହି ସମ୍ମିଳନୀର ଆୟୋଜନ ୨୦୩୦ ସୁଦ୍ଧା ୭.୫ ଗିଗା ୱାଟ କ୍ଷମତା ବିଶିଷ୍ଟ ଅକ୍ଷୟ ଶକ୍ତି ହାସଲ ନିମନ୍ତେ ଓଡ଼ିଶାର ପ୍ରତିବଦ୍ଧତାକୁ ଦର୍ଶାଇଛି । ଏହା ରାଜ୍ୟର ୧୦.୯୫ ଗିଗା ୱାଟ ଭଳି ବୃହତ ଲକ୍ଷ୍ୟ ପୂରଣରେ ସହାୟକ ହେବା ଏହି ନିବେଶକ ସମ୍ମିଳନୀରେ ୧୫୦ ରୁ ଊର୍ଦ୍ଧ୍ୱ ବାଣିଜ୍ୟ ଓ ଶିଳ୍ପ କ୍ଷେତ୍ରରୁ ଉପଭୋକ୍ତା, ୧୦୦ରୁ ଅଧିକ ସୌରଶକ୍ତି ଉତ୍ପାଦନକାରୀ ସଂସ୍ଥା ଓ ପ୍ରାୟ ୪୦୦ ଜଣ ଅଂଶଗ୍ରହଣ କରି ଓଡ଼ିଶାକୁ ସୌରଶକ୍ତିର ହବ୍ ରେ ପରିଣତ କରିବା ପାଇଁ ସଙ୍କଳ୍ପବଦ୍ଧ ହୋଇଥିଲେ । ସମ୍ମିଳନୀରେ ମୁଖ୍ୟ ଅତିଥିରୂପେ ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ ଏବଂ ଶକ୍ତି ମନ୍ତ୍ରୀ ଶ୍ରୀ କନକ ବର୍ଦ୍ଧନ ସିଂହଦେଓ ଯୋଗଦେଇ କହିଥିଲେ ଯେ, ଓଡ଼ିଶା ସରକାର ଅକ୍ଷୟ ଶକ୍ତି ଉତ୍ପାଦନ ପାଇଁ ଦୃଢ ପ୍ରତିଶ୍ରୁତିବଦ୍ଧ । ଅକ୍ଷୟ ଶକ୍ତିରେ ଓଡ଼ିଶା ଏକ ଅଗ୍ରଣୀ ରାଜ୍ୟ ଭାବେ ପରିଗଣିତ ହେବ । ନିବେଶକଙ୍କ ପାଇଁ ଓଡ଼ିଶାର ଜଳବାୟୁ ମଧ୍ୟ ଅନୁକୂଳ ଏବଂ ଆବଶ୍ୟକୀୟ ସହାୟତା ମଧ୍ୟ ଆମେ ଯୋଗାଇଦେବା ପାଇଁ ପ୍ରସ୍ତୁତ । ଯଶସ୍ୱୀ ପ୍ରଧାନମନ୍ତ୍ରୀ ମଧ୍ୟ ୨୦୭୦ ସୁଦ୍ଧା ଅକ୍ଷୟ ଶକ୍ତି ଲକ୍ଷ୍ୟ ହାସଲ ଦିଗରେ ପ୍ରେରିତ କରିଛନ୍ତି। ଶକ୍ତି ବିଭାଗ ପ୍ରମୁଖ ଶାସନ ସଚିବ ଶ୍ରୀ ବିଶାଳ କୁମାର ଦେବ ସମ୍ମିଳନୀରେ ସ୍ୱାଗତ ଅଭିଭାଷଣ ଦେଇ କହିଥିଲେ ଯେ, ଓଡ଼ିଶା ଶକ୍ତି କ୍ଷେତ୍ରରେ ଏକ ବିରାଟ ପରିବର୍ତ୍ତନ ଦିଗରେ ଆଗେଇ ଚାଲିଛି। ବିଶ୍ୱରେ ଜଳବାୟୁ ପରିବର୍ତ୍ତନକୁ ଦୃଷ୍ଟିରେ ରଖି ସ୍ୱଚ୍ଛ ଓ ସୁଲଭ ଉପାୟରେ ଶକ୍ତି ଉତ୍ପାଦନକୁ ପ୍ରାଥମିକତା ଦିଆଯାଉଛି। ଏହା ପରିବେଶ ଓ ଜଳବାୟୁ ପ୍ରତି ଥିବା ଆମ ପ୍ରତିବଦ୍ଧତାକୁ ପ୍ରମାଣିତ କରୁଛି। ମୋଟ ୨୯୩୮ ମେଗା ୱାଟର ଅକ୍ଷୟ ଶକ୍ତିରୁ ୨୧% କେବଳ ସୌର ଶକ୍ତିରୁ ରହିଛି । ଏଥିରେ ୫୦୮ ମେଗା ୱାଟ ଗ୍ରାଉଣ୍ଡ- ମାଉଣ୍ଟେଡ, ୫୮ ମେଗା ୱାଟ ରୁଫଟପ୍ ଏବଂ ୪୨ ମେଗା ୱାଟ କ୍ଷମତା ବିଶିଷ୍ଟ ଅଫ୍ ଗ୍ରାଡ ସୌର ଶକ୍ତି ଅନ୍ତର୍ଭୁକ୍ତ । ୧୩୪୩ ମେଗା ୱାଟ ଅକ୍ଷୟ ଶକ୍ତିରୁ ୨୮% କାର୍ଯ୍ୟର ଅଗ୍ରଗତି ଜାରି ରହିଛି। ଶ୍ରେଷ୍ଠ ଜିଲ୍ଲା ମଧ୍ୟରେ ସୁନ୍ଦରଗଡ଼, ଅନୁଗୁଳ, ବଲାଙ୍ଗିର, ଝାରସୁଗୁଡ଼ା,ଓ ଢେଙ୍କାନାଳ ପ୍ରମୁଖ ରହିଛି ।

ହାଇଡ୍ରୋଜେନ ବସ୍ ଚଳାଚଳ ପାଇଁ ତ୍ରିପାକ୍ଷିକ ରାଜିନାମା

ଭୁବନେଶ୍ୱର,୨୩।୧୨(ସଂଚାର ବ୍ୟୁରୋ): ରାଜ୍ୟରେ ଗ୍ରୀନ୍ ହାଇଡ୍ରୋଜେନ୍ ମୋବିଲିଟି ପ୍ରୋଜେକ୍ଟ ଶୁଭାରମ୍ଭ ଦିଗରେ ଓଡ଼ିଶା ସରକାର ପ୍ରଥମ ପଦକ୍ଷେପ ଗ୍ରହଣ କରିଛନ୍ତି । ଏନେଇ ତ୍ରିପାକ୍ଷିକ ବୁଝାମଣା ପତ୍ର ଚୁକ୍ତି ସ୍ୱାକ୍ଷର ହୋଇଛି । ଓଡ଼ିଶା ସରକାରଙ୍କ ଗୃହ ନିର୍ମାଣ ଏବଂ ନଗର ଉନ୍ନୟନ ବିଭାଗ ଅଧିନରେ ଥିବା କ୍ୟାପିଟାଲ୍ ରିଜିୟନ ଅର୍ବାନ୍ ଟ୍ରାନ୍ସପୋର୍ଟ (କୁଟ୍), ଶକ୍ତି ବିଭାଗର ଗ୍ରିଡ୍ କର୍ପୋରେସନ୍ ଅଫ୍ ଓଡ଼ିଶା ଲିମିଟେଡ୍ (ଗ୍ରିଡ୍‌କୋ) ଏବଂ ଏନ୍‌ଟିପିସି ମଧ୍ୟରେ ଏକ ବୁଝାମଣା ପତ୍ର ଚୁକ୍ତି ସ୍ୱାକ୍ଷର ହୋଇଛି । ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ରାଜ୍ୟ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡାକ୍ତର କୃଷ୍ଣ ଚନ୍ଦ୍ର ମହାପାତ୍ରଙ୍କ ଉପସ୍ଥିତିରେ କୁଟର ପରିଚାଳନା ନିର୍ଦ୍ଦେଶକ ତିରୁମାଲା ନାୟକ, ଏନଟିପିସିର ସିଜିଏମ୍ ଡିଏମଆର ପଣ୍ଡା , ଗ୍ରିଡକୋର ପରିଚାଳନା ନିର୍ଦ୍ଦେଶକ ତ୍ରିଲୋଚନ ପଣ୍ଡା ରାଜିନାମାରେ ସ୍ୱାକ୍ଷର କରିଥିଲେ । ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ପ୍ରମୁଖ ସଚିବ ଉଷା ପାଢୀ ପ୍ରକଳ୍ପ ସଂକ୍ରାନ୍ତରେ ବିସ୍ତୃତ ସୂଚନା ଦେଇଥିବାବେଳେ ଶକ୍ତି ସଚିବ ବିଶାଳ ଦେବ ଉପସ୍ଥିତ ଥିଲେ । ଆସନ୍ତା ପାଞ୍ଚ ବର୍ଷ ପାଇଁ କାର୍ଯ୍ୟକାରୀ ହେବାକୁ ଥିବା ଏମଓୟୁରେ ସମ୍ପୃକ୍ତ ତିନିଟି ସଂସ୍ଥାର ପ୍ରମୁଖ ଭୂମିକା ଏବଂ ଦାୟିତ୍ୱମାନ ଉଲ୍ଲେଖ କରାଯାଇଛି । ହାଇଡ୍ରୋଜେନ୍ ଚାଳିତ ବସ୍‌ଗୁଡ଼ିକର ସୁପରିଚାଳନା ଦାୟିତ୍ୱ କୁଟ୍‌କୁ ଦିଆଯାଇଥିବାବେଳେ ଏନ୍‌ଟିପିସି ହାଇଡ୍ରୋଜେନ୍ ଉତ୍ପାଦନ ଉପରେ ଧ୍ୟାନ ଦେବ ଏବଂ ଗ୍ରିଡ୍‌କୋ ଅକ୍ଷୟ ଶକ୍ତି ଯୋଗାଣ ସୁନିଶ୍ଚିତ କରିବ । ଜାତୀୟ ଗ୍ରୀନ୍ ହାଇଡ୍ରୋଜେନ୍ ମିଶନ୍ ଅଧୀନରେ ନୂତନ ଏବଂ ନବୀକରଣଯୋଗ୍ୟ ଶକ୍ତି ମନ୍ତ୍ରଣାଳୟ, ଭାରତ ସରକାରଙ୍କ ଦ୍ୱାରା ପରିବହନ କ୍ଷେତ୍ରରେ ସବୁଜ ହାଇଡ୍ରୋଜେନ ବ୍ୟବହାର ପାଇଁ ପାଇଲଟ୍ ପ୍ରୋଜେକ୍ଟଗୁଡିକର କାର୍ଯ୍ୟକାରୀ କରିବା ପାଇଁ ପ୍ରୋଜେକ୍ଟର ଗାଇଡଲାଇନ ଜାରି କରାଯାଇଛି ।

ବ୍ଲିନ୍ ସିଟି କ୍ରାଇମ୍

ମଦ୍ୟପ ସ୍ୱାମୀର ଉନ୍ମତ୍ତ କାଣ୍ଡ

ଭୁବନେଶ୍ୱର,୨୩।୧୨(ସଂଚାର ବ୍ୟୁରୋ): କ୍ୟାପିଟାଲ ଥାନା ପୁଲିସ ମାମଲାର ତଦନ୍ତ କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି । ସୂଚନାଯୋଗ୍ୟ ଯେ, ଅଭିଯୁକ୍ତ ରାମ ଚନ୍ଦ୍ର ନାୟକ ଗତ ୨୦୧୯ ମସିହାରେ ପୀଡ଼ିତାଙ୍କୁ ବିବାହ କରିଥିଲେ ଏବଂ ଉଭୟଙ୍କର ଏକ ଶିଶୁ କନ୍ୟା ମଧ୍ୟ ଅଛି । ବିବାହ ପରେ ଅଭିଯୁକ୍ତ ରାମ ପୀଡ଼ିତାଙ୍କୁ ବିଭିନ୍ନ ପ୍ରକାର କଟୁକଥା କହିବା ସହ ପ୍ରାୟ ମଦ୍ୟପାନ କରି ମାରଧର କରିଥାନ୍ତି । ଘଟଣା ଦିନ ଗତ ତା.୨୨.୧୨.୨୦୨୪ ରିଖ ବିଳମ୍ବିତ ରାତି ପ୍ରାୟ ୩ ସମୟରେ ପୀଡ଼ିତା ବାଥରୁମ ଯାଇ ବେଡରୁମକୁ ଫେରିବା ବେଳେ, ଅଭିଯୁକ୍ତ ଅଚାନକ ପିଡ଼ିତାଙ୍କୁ ମରଣାନ୍ତକ ଆକ୍ରମଣ କରି ତାଙ୍କର ମୁଣ୍ଡକୁ ଘର କାନ୍ଥରେ ପିଟିଦେଇଥିଲେ । ଫଳରେ ତାଙ୍କର ମୁଣ୍ଡଫାଟି ପ୍ରଚୁର ରକ୍ତସ୍ରାବ ହୋଇଥିଲା । ଏନେଇ ପୀଡ଼ିତା କ୍ୟାପିଟାଲ ଥାନାରେ ଏକ ଲିଖି ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୁଲିସ ମାମଲାର ତଦନ୍ତ କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରିବାରେ ସକ୍ଷମ ହୋଇଥିଲେ। ପଚରାଉଚରା ବେଳେ ଅଭିଯୁକ୍ତ ଜଣକ ନିଜର ଅପରାଧ ସ୍ୱୀକାର କରିଥିଲେ ।

ସାମାନ୍ୟ ଝଗଡାରୁ ପଥରରେ ଆକ୍ରମଣ

ଭୁବନେଶ୍ୱର,୨୩।୧୨(ସଂଚାର ବ୍ୟୁରୋ): ଅଭିଯୋଗକାରୀ ଆଶିଷ ନାୟରଙ୍କ ଏତଲା ଆଧାରରେ ଲକ୍ଷ୍ମୀସାଗର ଥାନା ପୁଲିସ ଉପରୋକ୍ତ ମାମଲା ରୁଜୁ କରି ତଦନ୍ତ କରିବା ସହ ଅଭିଯୁକ୍ତ ଗୋପୀନାଥ ରାଉତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି । ସୂଚନାଯୋଗ୍ୟ ଯେ, ଅଭିଯୋଗକାରୀ ଏବଂ ଅଭିଯୁକ୍ତ ଗୋପୀନାଥ ପୂର୍ବରୁ ପରିଚିତ ହୋଇଥିବାବେଳେ ଉଭୟଙ୍କ ମଧ୍ୟରେ ବିବାଦ ରହିଥିଲା। ଗତ ତା ୦୯-୧୦.୧୨.୨୦୨୪ ମଧ୍ୟରାତ୍ରି ସମୟରେ ଏକ ଶୌଚଳୟ ନିକଟରେ ଉଭୟଙ୍କ ମଧ୍ୟରେ ପୁନଶ୍ଚ ଝଗଡା ହୋଇଥିଲା। ପରବର୍ତ୍ତୀ ସମୟରେ ନିମ୍ନୋକ୍ତ ଅଭିଯୁକ୍ତ ଉତକ୍ଷିପ୍ତ ହୋଇ ଅଭିଯୋଗାରୀଙ୍କ ଉପରକୁ ଏକ ପଥରରେ ମରଣାନ୍ତକ ଆକ୍ରମଣ କରିଥିଲେ। ଆକ୍ରମଣ ଫଳରେ ଅଭିଯୋଗକାରୀଙ୍କ ମୁଣ୍ଡ ଫାଟି ପ୍ରଚୁର ରକ୍ତସ୍ରାବ ହୋଇଥିଲା। ଏନେଇ ଅଭିଯୋଗ ହେବା ପରେ, ପୁଲିସ ମାମଲାର ତଦନ୍ତ କରିବା ସହିତ ଅଭିଯୁକ୍ତ ଗୋପୀନାଥ ରାଉତଙ୍କୁ ଗିରଫ କରିଥିଲେ । ପଚରାଉଚରା ବେଳେ ଅଭିଯୁକ୍ତ ଜଣକ ନିଜର ଅପରାଧ ସ୍ୱୀକାର କରିଥିଲେ।

ବେଆଇନ ଦେଶୀମଦ ଭାଟି ଉପରେ ଚଢାଉ

ଭୁବନେଶ୍ୱର,୨୩।୧୨(ସଂଚାର ବ୍ୟୁରୋ): ମୈତ୍ରୀବିହାର ଥାନା ପୁଲିସ ବେଆଇନ ଦେଶୀ ମଦ ପ୍ରସ୍ତୁତି ତଥା ବିକ୍ରୟ ଅଭିଯୋଗରେ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି । ସୂଚନାଯୋଗ୍ୟ ଯେ, ଗତ ତା.୨୨.୧୨.୨୦୨୪ ରିଖ ରାତି ୧୧.୩୦ ସମୟରେ ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନା ଆଧାରରେ ମୈତ୍ରୀବିହାର ଥାନାର ଏକ ଟିମ ଲକ୍ଷ୍ମୀପୁର ସାନ୍ତାଳ ବସ୍ତିରେ ଅତର୍କିତ ଚଢଉ କରିଥିଲେ । ଏହି ଚଢଉ ବେଳେ ପୁଲିସ ଅଭିଯୁକ୍ତମାନଙ୍କ ହେପାଜତରୁ ମୋଟ ୩୦୦ ଲିଟର ଦେଶୀମଦ ସହ ୧୫ ଟି ସିଲଭର ଡିକ୍ଷି ଜବତ କରିଥିଲେ । ପଚରାଉଚରା ବେଳେ ଅଭିଯୁକ୍ତ ଦୁହେଁ ନିଜର ଅପରାଧ ସ୍ୱୀକାର କରିବା ସହ ଏହି ଦେଶୀମଦ ପ୍ରସ୍ତୁତି ତଥା ବିକ୍ରୟ ନେଇ ପାଖରେ କୌଣସି ଅନୁମତି ପତ୍ର ନଥିବା ଦର୍ଶାଇଥିଲେ ।

ବିବାହିତ ପ୍ରେମିକାଙ୍କୁ ଆକ୍ରମଣ

ଭୁବନେଶ୍ୱର,୨୩।୧୨(ସଂଚାର ବ୍ୟୁରୋ): ମୈତ୍ରୀବିହାରଥାନା ପୁଲିସ ଉପରୋକ୍ତ ମାମଲାରେ ସମ୍ପୃକ୍ତ ଥିବା ଅଭିଯୋଗରେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍

SANCHAR
ସଂଚାର

୪ ମଙ୍ଗଳବାର ୨୪ ଡିସେମ୍ବର ୨୦୨୪, ଭୁବନେଶ୍ୱର
Tuesday 24 December 2024 Bhubaneswar

ଜୀବନ ଅମୃତ ଅନୁଚିନ୍ତା

ଅହିଂସା ପରମଧର୍ମ- ସବୁ ଧର୍ମର ମୂଳ ତତ୍ତ୍ୱ ହେଲା ଅହିଂସା ଏବଂ ଜୀବେ ଦୟା। କୌଣସି ଧର୍ମକୁ କେବେ ହିଂସାକୁ ପ୍ରୋତ୍ସାହିତ କରିନାହିଁ। କିନ୍ତୁ ହିଂସାର ଅର୍ଥ କେବଳ ଅସ୍ତ୍ରଧାରଣ କରିବା ନୁହେଁ। ଅନ୍ୟର କ୍ଷତି କରିବା, ଅନ୍ୟର ନିନ୍ଦା ଏବଂ ଅନ୍ୟକୁ ଅସୁବିଧାରେ ପକାଇବା ମଧ୍ୟ ହିଂସା ଆଚରଣ।

ସଂସଦର ଗରିମା ନଷ୍ଟ

ସଂସଦର ଶୀତକାଳିନ ଅଧିବେଶନ ଆରମ୍ଭ ହେବାର ତିନିଦିନ ପୂର୍ବରୁ ଆଦାନୀ ବିରୋଧରେ ଆମେରିକାଏକ କୋର୍ଟ ଗିରଫ ପରୱାନା ଜାରି କଲେ। ଆଦାନୀ ବିରୋଧରେ ଠକେଇ ଏବଂ ଲାଞ୍ଚ ଅଭିଯୋଗରେ କୋର୍ଟ ଏହି ନିର୍ଦ୍ଦେଶ ଜାରି କରିଛନ୍ତି ଯାହା ଏକ ପ୍ରଶ୍ନବାଚୀ। ନଭେମ୍ବର ୨୫ରୁ ଆରମ୍ଭ ହୋଇଥିବା ସଂସଦର ଶୀତକାଳୀନ ଅଧିବେଶନ ଡିସେମ୍ବର ୨୦ରେ ଶେଷ ହୋଇଛି। ଉଭୟ ଗୃହକୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ମୁଲତବି ରଖାଯାଇଛି। ଅଧିବେଶନ କାଳରେ ଚଳିତ ଆର୍ଥିକ ବର୍ଷ ପାଇଁ ଅତିରିକ୍ତ ବଜେଟ ଗୃହୀତ ହୋଇଛି। ଏହା ବ୍ୟତିତ କିଛି ବିଲ ବିନା ଆଲୋଚନାରେ ଗୃହୀତ ହୋଇଛି। ଅଧିବେଶନ କାଳରେ ଉଭୟ ଲୋକସଭା ଏବଂ ରାଜ୍ୟସଭାରେ ଦୁଇ ଦିନ ଧରି ସମ୍ବିଧାନ ଉପରେ ସ୍ୱତନ୍ତ୍ର ଆଲୋଚନା ହୋଇଥିଲା। ଏହା ବ୍ୟତିତ ଅଧିବେଶନର ଅଧିକାଂଶ ଦିନ ହଙ୍ଗାମା ଯୋଗୁଁ ନଷ୍ଟ ହୋଇଯାଇଛି। ଅଧିକାଂଶ ଦିନ ଘଣ୍ଟାଏ ବି ଗୃହ ଚାଲିପାରିନାହିଁ ଏବଂ ଗୃହକୁ ପୁରା ଦିନକ ଲାଗି ମୁଲତବି ଘୋଷଣା କରାଯାଇଛି। ଆରମ୍ଭରୁ ଆଦାନୀ ଲାଞ୍ଚ ପ୍ରସଙ୍ଗ ନେଇ ହଙ୍ଗାମା ହୋଇଥିଲା। ଏହି ପ୍ରସଙ୍ଗରେ ପ୍ରଧାନମନ୍ତ୍ରୀଙ୍କ ବିବୃତି ଦାବି କରି ବିରୋଧୀ ହଙ୍ଗାମା କରିଥିଲେ। ଉଲ୍ଲେଖ ଯୋଗ୍ୟ ଯେ, ଅଧିବେଶନ ଆରମ୍ଭ ହେବାର ଠିକ ପୂର୍ବରୁ ଆମେରିକାର ଏକ କୋର୍ଟ ଆଦାନୀ ଗ୍ରୁପ ବିରୋଧରେ ଲାଞ୍ଚ ମାମଲାରେ ଗିରଫ ପରୱାନା ଜାରି କରିଥିଲେ। ସଂସଦରେ ବିରୋଧୀ ଦଳ ଏହାକୁ ମୁଖ୍ୟ ପ୍ରସଙ୍ଗ କରିବେ ବୋଲି ଆଶା କରାଯାଉଥିଲା। ଏହା ବ୍ୟତିତ ମଣିପୁର ହିଂସା, ଆତଙ୍କବାଦୀ ଏବଂ ଅନ୍ୟାନ୍ୟ ପ୍ରସଙ୍ଗରେ ଗୃହରେ ବିରୋଧୀ ପ୍ରବଳ ହଙ୍ଗାମା କରିଥିଲେ। ଶେଷରେ ଗୃହରେ ସମ୍ବିଧାନ ଆଲୋଚନା ବେଳେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କ ଏକ ମନ୍ତବ୍ୟକୁ କେନ୍ଦ୍ର କରି ତୁମୁଳ ହଙ୍ଗାମା ହୋଇଥିଲା। ସମ୍ବିଧାନ ପ୍ରଣେତା ବି ଆର ଆମ୍ବେଦକରଙ୍କ ପ୍ରତି ନୁହେଁ, ତାଙ୍କ ସମର୍ଥକଙ୍କ ପ୍ରତି ଗୃହ ମନ୍ତ୍ରୀଙ୍କ ଏକ ମନ୍ତବ୍ୟ ପ୍ରତିବାଦରେ ଗୃହରେ ଝଡ଼ ସୃଷ୍ଟି ହୋଇଥିଲା। ରାଜ୍ୟସଭାରେ ସମ୍ବିଧାନ ଆଲୋଚନାର ଉତ୍ତର ଦେବା ବେଳେ ସ୍ୱରାଷ୍ଟ୍ରମନ୍ତ୍ରୀ କହିଥିଲେ ଯେ, ଆମ୍ବେଦକରଙ୍କ ନାମ ନେବା ଏବେ ଏକପ୍ରକାର ଫେସନ ହୋଇଗଲାଣି। ଏହାକୁ ବିରୋଧୀ ଦଳ ଗୃହରେ ହଙ୍ଗାମା କରିବା ସହ ଗୃହମନ୍ତ୍ରୀଙ୍କ କ୍ଷମା ପ୍ରାର୍ଥନା ଏବଂ ଇସ୍ତଫା ଦାବି କରିଥିଲେ। ସଂସଦ ଅଧିବେଶନର ପୁରା ଗୋଟିଏ ଦିନ ଏଥିରେ ଧୋଇଗଲା। ଏହା ପର ଦିନ ଭିନ୍ନ ଏକ ବିବାଦ ଉଠିଲା। ସଂସଦ ପରିସରରେ ମକର ଦ୍ୱାର ନିକଟରେ ବିଜେପି ଓ କଂଗ୍ରେସ ସଭ୍ୟଙ୍କ ମଧ୍ୟରେ ଠେଲାପେଲା, ଧସ୍ତାଧସ୍ତି ହୋଇଥିଲା। ଏଥିରେ ବିଜେପିର ଦୁଇ ଜଣ ସାଂସଦ ପ୍ରତାପ ଷଡ଼ଙ୍ଗୀ, ମୁକେଶ ରାଜପୁତ ଆହତ ହୋଇଥିଲେ। ଏହାକୁ ନେଇ ଆରୋପ-ପ୍ରତ୍ୟାରୋପ ଭିତରେ ପୁନର୍ବାର ଅଧିବେଶନର ଗୋଟିଏ ଦିନ ଧୋଇଗଲା। ପର ଦିନ ମଧ୍ୟ ସମାନ ପ୍ରସଙ୍ଗରେ ହଙ୍ଗାମା ଯୋଗୁଁ ଗୃହ ଚାଲିପାରିଲା ନାହିଁ ଏବଂ ଉଭୟ ଗୃହକୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ମୁଲତବି ଘୋଷଣା କରାଗଲା। ଅଧିବେଶନ କାଳରେ ରାଜ୍ୟସଭା ଅଧ୍ୟକ୍ଷ ଜଗଦୀପ ଧନଖଡଙ୍କ ବିରୋଧରେ ବିରୋଧୀ ଅନାସ୍ଥା ନୋଟିସ ଦେଇଥିଲେ। କିନ୍ତୁ ଏହାକୁ ଗୃହର ଉପାଧ୍ୟକ୍ଷ ଅଗ୍ରାହ୍ୟ କରି ଦେଇଥିଲେ। ଅଧିବେଶନ କାଳରେ ଗୃହରେ ଗୋଟିଏ ଦେଶ ଗୋଟିଏ ନିର୍ବାଚନ ବିଲ୍ ଆଗତ ହୋଇଥିଲା। କିନ୍ତୁ ଏହା ଉପରେ ବିଶେଷ ଆଲୋଚନା ହୋଇପାରିନଥିଲା ଏବଂ ବିଲକୁ ଜେପିସିକୁ ପଠାଇ ଦିଆଗଲା। ମୋଟ ଉପରେ ଗୋଟିଏ ବାକ୍ୟରେ କହିଲେ ସଂସଦର ଏକ ଗୁରୁତ୍ୱପୂର୍ଣ୍ଣ ଅଧିବେଶନ ବିନା ଆଲୋଚନାରେ ଶେଷ ହୋଇଗଲା। ଏହା ଦୁର୍ଭାଗ୍ୟଜନକ। ସଂସଦ ଅଧିବେଶନ ବାବଦରେ କୋଟି କୋଟି ଟଙ୍କା ଖର୍ଚ୍ଚ ହେଉଛି। ଏହାକୁ ଏପରି ବରବାଦ କରିବାର ଅଧିକାର କାହାର ନାହିଁ। ଦ୍ୱିତୀୟରେ ସଂସଦ ଅଧିବେଶନର ମୂଳ ଉଦ୍ଦେଶ୍ୟ ହେଲା ଦେଶର ସ୍ୱାର୍ଥ, ସୁରକ୍ଷା ଏବଂ ବିକାଶ ସମ୍ପର୍କରେ ଆଲୋଚନା, ଲୋକଙ୍କ ସମସ୍ୟା ଏବଂ ସ୍ୱାର୍ଥ ସମ୍ପର୍କରେ ଆଲୋଚନା କରିବା। କିନ୍ତୁ ସଂସଦରେ ଏହା ଦେଖିବାକୁ ମିଳୁନି। ଏହା ସଂସଦୀୟ ଗଣତନ୍ତ୍ରର ମୂଳ ଉଦ୍ଦେଶ୍ୟକୁ ବ୍ୟର୍ଥ କରିଦେଉଛି। ଏହାର ପୁନରାବୃତ୍ତି ହେବା ଅନୁଚିତ। ଏହାକୁ ଭାଙ୍ଗିବା ଦାୟିତ୍ୱ ଶାସକ ଦଳର। ଶାସକ ଓ ବିରୋଧୀ ମିଳିତ ଭାବେ ଆଲୋଚନା କରି ଏହି ଧାରାରେ ପୂର୍ଣ୍ଣଚ୍ଛେଦ ପକାଇବା ଉଚିତ। ଦରବୃଦ୍ଧି, ପ୍ରାକୃତିକ ବିପର୍ଯ୍ୟୟ ଭଳି ଅନେକ ସମସ୍ୟା ରହିଛି ଯାହା ଉପରେ ସଂସଦରେ ଆଲୋଚନାର ଆବଶ୍ୟକତା ରହିଛି। କିନ୍ତୁ ବିରୋଧୀ ଦଳର ଅସହଯୋଗ ଯୋଗୁଁ ଏହା ସମ୍ଭବ ହୋଇପାରୁନାହିଁ। ସଂସଦ ଅଧିବେଶନ ପାଇଁ ରାଜକୋଷରୁ ବିପୁଳ ଅର୍ଥ ବ୍ୟୟ ହେଉଛି। ସାଂସଦମାନେ ମୋଟା ଅଙ୍କର ଦରମା ଓ ଭତ୍ତା ପାଉଛନ୍ତି। କିନ୍ତୁ ଏହାର କିଛି ମୂଲ୍ୟ ରହୁନି। ଏହା ନିହାତି ନିନ୍ଦନୀୟ ଏବଂ ଦୁର୍ଭାଗ୍ୟର ବିଷୟ। ଆଲୋଚନା ବେଳେ ଯାହାର ଯାହା କହିବାର କଥା ଗୃହରେ ଉପସ୍ଥାପନ କରିପାରିବେ। ବିରୋଧୀ ହଙ୍ଗାମା ଜାରି ରଖିବା ଏବଂ ସଂସଦକୁ ଅଚଳ କରିବା ବାସ୍ତବିକ ଦୁର୍ଭାଗ୍ୟଜନକ ଏବଂ ଗଣତନ୍ତ୍ର ପ୍ରତି ବିପଦ। ଏହା ଦ୍ୱାରା ସାଧାରଣ ନାଗରିକଙ୍କ ପ୍ରତି ଅନ୍ୟାୟ ହେଉଛି। ତାଙ୍କ ଟିକସ ଅର୍ଥକୁ ସଂସଦ ଅଧିବେଶନ ନାମରେ ବରବାଦ କରାଯାଉଛି। ଏଥିପାଇଁ କାହାର ଅଧିକାର ନାହିଁ। ଏହା ଦ୍ୱାରା ସଂସଦର ଗରିମା ନଷ୍ଟ ହେଉଛି ଏବଂ ସଂସଦୀୟ ଗଣତନ୍ତ୍ରର ପ୍ରକୃତ ଉଦ୍ଦେଶ୍ୟ ପୂରଣ ହୋଇପାରୁନାହିଁ। ଏହା ପୂର୍ବରୁ ସଂସଦର ମୌସୁମୀ ଅଧିବେଶନ କାଳରେ ମଧ୍ୟ ଅନୁରୂପ ପରିସ୍ଥିତି ସୃଷ୍ଟି ହୋଇଥିଲା। ପ୍ରସଙ୍ଗ ଥିଲା ମଣିପୁର ହିଂସା। ବାମ୍ବାର ସଂସଦରେ ଲଭଳି ଭିନ୍ନ ଭିନ୍ନ ପ୍ରସଙ୍ଗ ନେଇ ହଙ୍ଗାମା ହେବା ଏକ ପରମ୍ପରାରେ ପରିଣତ ହୋଇଗଲାଣି। ଆଜି ଯେଉଁମାନେ ଶାସକ ଦଳରେ ଅଛନ୍ତି, କାଲି ସେମାନେ ବିରାଧୀ ପକ୍ଷକୁ ଗଲେ ସମାନ ଆଚରଣ ପ୍ରଦର୍ଶନ କରିବେ। ଏଥିରେ ପୂର୍ଣ୍ଣଚ୍ଛେଦ ପଡ଼ିବା ଉଚିତ।

ସଙ୍ଗୀତର ମର୍ଯ୍ୟାଦା ରକ୍ଷା ହେଉ

ମନୋରଞ୍ଜନ ମହାନ୍ତି

ଏବେ ଗାଁରୁ ସହରଯାଏ ସବୁଠି ଡାକବାଜି ଯନ୍ତ୍ରର ଅପବ୍ୟବହାର। ବାହାଘର, ବ୍ରତଘର, ହୋମଯଜ୍ଞ, ବନ୍ଧୁମିଳନ ଭୋଜୀ, ଅଷ୍ଟପ୍ରହର ନାମ ସଂକୀର୍ତ୍ତନ, ସଭାସମିତି, ଉତ୍ସବ, ଦୋଳ ମିଳନ, ବିଭିନ୍ନ ଧର୍ମର ପ୍ରାର୍ଥନା ପ୍ରବଚନ ସଭା, ନାନା ଧର୍ମଗ୍ରନ୍ଥର ପାରାୟଣ ଇତ୍ୟାଦିରେ ମାଇକ୍ରୋଫୋନ୍, ଲାଉଡ୍‌ସ୍ପିକର୍‌ର ଯଥେଚ୍ଛା ବ୍ୟବହାର, ଅନାବଶ୍ୟକ ସଙ୍ଗୀତର ଆସର। କିଛି ରାଜନେତା ଯେଉଁ ସଭାକୁ ଯାଉଛନ୍ତି ସେଠି ବହୁ ଲୋକଙ୍କ ସମାବେଶରେ ଧୂଳି ଉଡୁଛି, ବାଣଗୁଡ଼ାକ ଫୁଟି ଧୂଆଁ ବାହାରୁଛି, ବାଜା ବାଜି ଶୂନ୍ୟମଣ୍ଡଳ କମ୍ପୁଛି, ଡାକବାଜି ଯନ୍ତ୍ରରୁ ଶୁଭୁଛି 'ଲଙ୍ଗ୍ ଲିଭ୍ ଲଙ୍ଗ୍ ଲିଭ୍, ଅପ୍ ଅପ୍, ଅପ୍ ଅପ୍, ଜିନ୍ଦାବାଦ୍ ଜିନ୍ଦାବାଦ୍, ମାଟିର ମହାନାୟକ ସ୍ୱାଗତମ୍ ସ୍ୱାଗତମ୍, ବରପୁତ୍ର ଆଗେଇ ଚାଲ ଆଗେଇ ଚାଲ, ଭାଇ ତୁମେ ମାଡ଼ିଚାଲ, ଆମେ ତୁମ ପଛରେ ଅଛୁ' ଇତ୍ୟାଦି। ସଭା ଆରମ୍ଭରେ ଓ ଶେଷରେ ଯେଉଁ କାର୍ଯ୍ୟକ୍ରମକୁ 'ସାଂସ୍କୃତିକ' କୁହାଯାଉଛି, ସେଠି ସଂସ୍କୃତି ନାହିଁ, ନାଚ ଅଭିନୟରେ ଶାଳୀନତା ନାହିଁ। ଆଜିକାଲି ଏପରି କିଛି ଗୀତ ଲେଖାଯାଉଛି ବୋଲାଯାଉଛି ଯେଉଁଥିରେ ଭବଜନଙ୍କର ଦିବ୍ୟଭାବ ସୃଷ୍ଟି କରିବାର ଉପାଦାନ ନାହିଁ, ଅଛି କେବଳ କିଛି ଉତ୍ତେଜିତ ମଣିଷଙ୍କ ଉଦ୍ଦଣ୍ଡ ନାଚ କରିବାର ଉତ୍ତାପ, ଉତ୍ପାତ। ପ୍ରାୟ ପ୍ରତ୍ୟେକ କାର୍ଯ୍ୟକ୍ରମରେ ବାଦ୍ୟ, ସଙ୍ଗୀତ ପରିବେଷଣ ନାଁରେ ପିଶାଚଙ୍କ ନାଚ, ସଇତାନ୍‌ଙ୍କ ସଙ୍ଗୀତ, ଯାହାର ପରିଣତି ମହାଶୂନ୍ୟର ମହାପ୍ରଦୂଷଣ।

ତେବେ ଉତ୍ତମ ସଙ୍ଗୀତ କ'ଣ ? ଉତ୍ତମ ଗୀତିକାର, ସଙ୍ଗୀତକାର, ବାଦ୍ୟକାର, ସଙ୍ଗୀତଜ୍ଞ, ଶ୍ରୋତା କିଏ ? କୁହାଯାଏ ଉତ୍ତମ ସଙ୍ଗୀତ ହେଉଛି ମାନସିକ ଶକ୍ତିର ଦୈବୀକରଣ। କବି ରଘୁପତି ସହାୟ 'ଫିରକ୍' ଗୋରଖପୁରୀ ଲେଖନ୍ତି, 'ମୁତ୍‌ରିବ୍ ସେ କହୋ ଇସ୍ ଅନ୍ଦାଜ୍ ସେ ଗୟେ / ହର୍ ଦିଲ୍ କୋ ଲଗେ ଚୋଟ୍-ସି / ହର୍ ଆଁଖି ଭର୍ ଆୟେ', ଅର୍ଥାତ୍ 'ଦୟାକରି ସଙ୍ଗୀତଜ୍ଞଙ୍କୁ କହନ୍ତୁ ଗୋଟେ ଧାରାରେ ଗାଇବାକୁ / ଯେପରି ପ୍ରତି ହୃଦୟ ହେବ ଆହତ ଓ ପ୍ରତି ଆଖି ଅଶ୍ରୁସିକ୍ତ।' 'ସଙ୍ଗୀତ ହିଁ ଦେବତ୍ୱ', ଏହି ପୁରୁଣା ସୂକ୍ତିଟି ସଙ୍ଗୀତର ଉଦାତ୍ତ, ଉତ୍କୃଷ୍ଟ, ବିଶିଷ୍ଟ ପ୍ରକୃତିକୁ ପ୍ରକାଶ କରୁଛି। ଇଂରାଜୀର 'ମ୍ୟୁଜିକ୍' ଶବ୍ଦଟି ଆସିଛି ଆରବୀ ଶବ୍ଦ 'ମୌଜିକି'ରୁ, ଯାହାର ଅର୍ଥ ହେଉଛି ସ୍ୱର୍ଗର କୋମଳ, ତାଳବଦ୍ଧ, ତାଳ-ସୁର ସମ୍ବନ୍ଧୀୟ ତରଙ୍ଗ। ସଙ୍ଗୀତର ଶକ୍ତି ଅଛି ଶ୍ରୋତାମାନଙ୍କୁ ସପ୍ତମ ସ୍ୱର୍ଗ, ଖୁସିର ରାଜ୍ୟକୁ ନେଇଯିବ। ସଙ୍ଗୀତ ଶୁଣିବା ଏକ ମାନବୀକରଣ ପ୍ରକ୍ରିୟା। ସଙ୍ଗୀତ ମନକୁ ମୁକ୍ତ କରେ। ମନୋବିଶ୍ଳେଷକ କାଲ୍ଲ ଗୁସ୍ତାଭ୍ ଜଙ୍ଗ୍ ରୋଗୀମାନଙ୍କ ସହିତ କଥା ହେଉଥିଲାବେଳେ ପୃଷ୍ଠଭୂମିରେ ଶୁଣାଯାଉଥିଲା ବ୍ୟାସ୍ ଓ ମୋଜାର୍ଟଙ୍କ ସଙ୍ଗୀତ। ଥରେ ଜଙ୍ଗ୍ ଅଷ୍ଟ୍ରିଆର ରାଜଧାନୀ ଭିଏନାରେ ଜଣେ ଦଣ୍ଡିତ ବନ୍ଦୀକୁ ଭେଟିବା ପାଇଁ ସ୍ୱତନ୍ତ୍ର ଅନୁମତି ଆଣିଲେ। ସେତେବେଳେ ୟୁରୋପର ଅନେକ ରାଷ୍ଟ୍ରରେ ପ୍ରାଣଦଣ୍ଡ ପ୍ରଚଳିତ ଥିଲା। ଜଙ୍ଗ୍ ସେହି ଯୁବବନ୍ଦୀକୁ ପଚାରିଲେ, 'ତୁମେ ସଙ୍ଗୀତକୁ ଭଲପାଅ ?' ସେ ଉତ୍ତରଦେଲା, 'ହଁ, ମୁଁ ଖୁବ୍ ଭଲ ପାଏ।' ଜଙ୍ଗ୍ ହଠାତ୍ ସରକାରଙ୍କୁ ଚିଠି ଲେଖିଲେ, 'ଯେଉଁ ଲୋକ ସଙ୍ଗୀତକୁ ଭଲପାଉଛି, ତାକୁ ଗୁଳି ଚଳାଇବାବାଲାଙ୍କ ଆଗରେ ଠିଆ କରାଯାଇପାରିବ ନାହିଁ। ତା'ର ଅନ୍ତଃସ୍ଥ ଦେବତ୍ୱ ତଥାପି ଜୀବିତ ଅଛି।' ବନ୍ଦୀର ପ୍ରାଣଦଣ୍ଡକୁ ଆଜୀବନ କାରାଦଣ୍ଡରେ ବଦଳାଇ ଦିଆଗଲା। କେବଳ କଟ୍ଟର୍, କଠୋର ଅପରାଧୀ ଓ ହତ୍ୟାକାରୀମାନଙ୍କର ସଙ୍ଗୀତ ପ୍ରତି ସ୍ୱାଭାବିକ ଘୃଣା, ଦ୍ୱେଷ ଲକ୍ଷ୍ୟ କରାଯାଏ। ଏପରିକି ପଶୁପକ୍ଷୀ ଓ ବୃକ୍ଷଲତା ସଙ୍ଗୀତ ପ୍ରତି ଆକର୍ଷିତ ହୁଅନ୍ତି। ସଙ୍ଗୀତ ଶୁଣି ବୃକ୍ଷଲତା ଶୀଘ୍ର ଶୀଘ୍ର ବଢ଼ିଯାଆନ୍ତି।

ତେବେ ସଙ୍ଗୀତ ଆମର ବୋଧଶକ୍ତି ପ୍ରତି ଏପରି ନୈସର୍ଗିକ ଓ ସୁଖଶାନ୍ତିଦାୟକ ହୋଇଥାଏ କିଭଳି ? ସଙ୍ଗୀତରେ ଥାଏ 'ସୁକୁତ୍-ଇ-ଶୁଭ୍-ଇ-ଅଜଲ୍', ଅର୍ଥାତ୍ ମାନବ-ସଭ୍ୟତାର ପ୍ରଥମ ସକାଳର କଳ୍ପିତ ଶାନ୍ତି, ସ୍ଥିରତା, ନିସ୍ତବ୍ଧତା। ସଙ୍ଗୀତର ସ୍ୱର ଈଶ୍ୱରଙ୍କ ସ୍ୱର। ତାନ୍‌ସେନ୍ କହୁଥିଲେ, 'ସଙ୍ଗୀତ ହେଉଛି ବ୍ରହ୍ମାଣ୍ଡ-ଧ୍ୱନିର ବିଶୁଦ୍ଧ ରୂପ।' ବ୍ରହ୍ମାଣ୍ଡରେ ପ୍ରଚଳିତ ଓ ବ୍ୟାପ୍ତ କୋଳାହଳର ପ୍ରତିପକ୍ଷତା ହେଉଛି ସଙ୍ଗୀତ। ସେଥିପାଇଁ ସମସ୍ତ ଦିବ୍ୟଗୀତ, ଭଜନ ଓ ସ୍ତୁତିଗାନକୁ ଏପରି କଳ୍ପନା କରାଯାଏ ଯେପରି ସେଗୁଡ଼ିକୁ ସହଜରେ ସଙ୍ଗୀତର ରୂପ ଦେଇହେବ।

ମହାରାଷ୍ଟ୍ରର ସନ୍ଥ-କବି ତୁକାରାମ୍‌ଙ୍କ 'ଅଭଙ୍ଗ', ବେଙ୍ଗଲ୍ ଗ୍ରାମାଞ୍ଚଳର ବାଉଲ୍ ଲୋକସଙ୍ଗୀତ, ସୁଫି ରହସ୍ୟବାଦୀମାନଙ୍କର ଅର୍ଦ୍ଧଚେତନ ଭଳି ସଙ୍ଗୀତ, ଶ୍ରୁତିମଧୁର ଆଜାନ୍, ପ୍ରାର୍ଥନା ପାଇଁ ଆହ୍ୱାନ ହେଉଛି ସଙ୍ଗୀତର ଅଲୌକିକ ଶକ୍ତିର କେତୋଟି ଦୃଷ୍ଟାନ୍ତ, ଯାହା ଆମକୁ ଆମର ଉଚ୍ଚତର ଅସ୍ତିତ୍ୱ ଏବଂ ଏକ ସାର୍ବଭୌମିକ ପ୍ରାଣ, ଆତ୍ମା, ଭାବ ସହିତ ଯୁକ୍ତ କରେ। ଯାହା କୁହାଯାଇପାରିବ ନାହିଁ, ତାହା ଗାନ କରାଯିବା ଉଚିତ। ଯେତେବେଳେ ସଙ୍ଗୀତ ଗାନ କରାଯାଏ, ଗୋଟେ ସଦ୍‌ଭାବ, ସମରସତା ସୃଷ୍ଟି କରେ - ବ୍ରହ୍ମାଣ୍ଡୀୟ ସଦ୍‌ଭାବ, ସମରସତା। ଆମର ବ୍ରହ୍ମାଣ୍ଡ ସଦ୍‌ଭାବମୂଳକ ଗତିଶୀଳତାର କବ୍‌ଜାରେ ଥାଏ। ସଙ୍ଗୀତ ଏହି ସଦ୍‌ଭାବକୁ ଜୀବିତ, ସକ୍ରିୟ ଓ ଚିର ଜାଗ୍ରତ କରି ରଖେ।

ସମୟର ଆକ୍ରମଣରୁ ବଞ୍ଚିଠଚଯିବାକୁ, ଚିରଦିନ ଆମର ଚୈତନ୍ୟରେ ପ୍ରତିଧ୍ୱନିତ ହେବାକୁ ସଙ୍ଗୀତର ଏକ ସକାରାତ୍ମକ, ଅଲିଭା, ଶାଶ୍ୱତ ଗୁଣ ରହିଛି। ବନ୍ଧୁ ଜନ୍ କୀଟ୍‌ସ୍‌ଙ୍କ ଦେହାନ୍ତରେ ଏକ ଶୋକଗାଥାରେ ପି.ବି.ଶେଲୀ ଲେଖିଛନ୍ତି, 'ଯେତେବେଳେ କୋମଳ ସ୍ୱରଗୁଡ଼ିକ ମରିଯାଏ, ସଙ୍ଗୀତ ଆମ ସ୍ମୃତିରେ କମ୍ପନ ସୃଷ୍ଟି କରେ।' ସଙ୍ଗୀତର ପ୍ରକୃତି ଏଭଳି ଯେ ସମୂହ ଚୈତନ୍ୟ ଉପରେ ତା'ର ଏକ ଚିକିତ୍ସକୀୟ ବା ଚିକିତ୍ସାବିଧାନ ସମ୍ବନ୍ଧୀୟ ପ୍ରଭାବ ରହିଥାଏ। ୟୁରୋପରେ ଅପେରାଗୁଡ଼ିକୁ 'ସଦ୍‌ଭାବ କ୍ଲିନିକ୍' ବୋଲି ମଧ୍ୟ କୁହାଯାଉଥିଲା, ଯେହେତୁ ଯେଉଁମାନେ ସେଥିରେ ଯୋଗଦେଉଥିଲେ, ଘରକୁ ଫେରିବାବେଳକୁ ସେମାନଙ୍କ ଜୀବନରେ କୌଣସି ପ୍ରତିକୂଳ ସ୍ୱର ଶୁଣିବାକୁ ମିଳୁନଥିଲା। ସଙ୍ଗୀତ-ଚିକିତ୍ସା, ତେଣୁ, ଅବସାଦରୁ ମୁକ୍ତି ପାଇବାର ସର୍ବୋତ୍ତମ ପ୍ରତିକାର। ଏପରିକି ଉଦାସୀ ଓ ଚିନ୍ତାଗ୍ରସ୍ତ ସଙ୍ଗୀତର ଶକ୍ତି ଅଛି ଆମର ବୋଧଶକ୍ତି, ଇନ୍ଦ୍ରିୟଗୁଡ଼ିକୁ ପ୍ରସନ୍ନ କରିବ, ଆମ ମନୋଦଶା ବା ଭାବକୁ ଉନ୍ନତ କରିବ। ସଙ୍ଗୀତର ଏକ ପ୍ରଭାବ ରହିଛି, ଯାହା ଶକ୍ତିଶାଳୀ ଭାବ ଆବେଗଗୁଡ଼ିକର ମୁକ୍ତ ପ୍ରକାଶ ଜରିଆରେ ମନସ୍ତାତ୍ତ୍ୱିକ ସାନ୍ତ୍ୱନା ଆଣିଦେବ। ରୋମ୍ ସମ୍ରାଟ୍ ମାର୍କସ୍ ଅରେଲିୟସ୍‌ଙ୍କ ଦରବାରରେ ଦଳେ ସଙ୍ଗୀତ-ସେବକ ଥିଲେ, ଯେଉଁମାନଙ୍କୁ ସେ 'ପୃଥିବୀରେ ଦେବଦୂତ' ବୋଲି କହୁଥିଲେ, ଠିକ୍ ଭାରତୀୟ ଶାସ୍ତ୍ରୀୟ ସଙ୍ଗୀତର ଗନ୍ଧର୍ବମାନଙ୍କ ଭଳି। ସଙ୍ଗୀତ ହେଉଛି ମାନସିକ ଶକ୍ତିର ଆଦର୍ଶ, ଗୁଣଗାନ, ଦୈବୀକରଣ ଏବଂ ମାନବଜାତିର ଅତ୍ୟନ୍ତ ସୌମ୍ୟ ମୁଖମଣ୍ଡଳ।

ସଙ୍ଗୀତ ଆମକୁ ସାତ୍ତ୍ୱିକତାର ସ୍ୱାଦ ଦିଏ, ଅମୃତମୟ ସ୍ଥିତିକୁ ଉନ୍ନୀତ କରେ ଓ ଫଳସ୍ୱରୂପ ଆମକୁ ଆମର ଦିବ୍ୟ ଅସ୍ତିତ୍ୱ ସଚେତନ କରାଏ। କିନ୍ତୁ ଏବେ ବହୁ କ୍ଷେତ୍ରରେ ସଙ୍ଗୀତର ସାମ୍ରାଜ୍ୟକୁ ଗ୍ରାସିଯାଉଛି ରାଜସିକତା, ତାମସିକତା। କିଛି ଗୀତିକାର ନିମ୍ନ ମାନର ଗୀତ ଲେଖୁଛନ୍ତି, ନିର୍ଦ୍ଦେଶକ ନିର୍ଦ୍ଦେଶନା ଦେଉଛନ୍ତି, ଗାୟକ ଗଳଦ୍‌ଘର୍ମ ହୋଇ ଖୁବ୍ ଦ୍ରୁତ ବେଗରେ ଗାଉଛନ୍ତି, ବାଦ୍ୟଯନ୍ତ୍ରର ପ୍ରାବଲ୍ୟ ଓ ଉଚ୍ଚ ନାଦ ପରିବେଶଟିକୁ ବେଶ୍ କୋଳାହଳମୟ, ଉଷ୍ଣ କରୁଛି, ସଙ୍ଗୀତର ତାଳେ ତାଳେ ଦଳେ ନର୍ତ୍ତକଙ୍କର ନିକୃଷ୍ଟ ପ୍ରବୃତ୍ତି ଉଦ୍ଦୀପକ, ସ୍ନାୟୁ ଉତ୍ତେଜକ ନୃତ୍ୟକୁ ଦଳେ ନୀଚ ରୁଚିସମ୍ପନ୍ନ ଦର୍ଶକ ତାରିଫ୍ କରୁଛନ୍ତି। ଆଜିକାଲି ବିଭିନ୍ନ ଜିଲ୍ଲାର ମହୋତ୍ସବଗୁଡ଼ିକରେ ଦେଖାଯାଉଛି ଏଭଳି ଦୃଶ୍ୟ। କୁରୁଚିପୂର୍ଣ୍ଣ ଗୀତ ଗାଉଥିବା, ନାଚ ନାଚୁଥିବା ସଙ୍ଗୀତଜ୍ଞ ନର୍ତ୍ତକଙ୍କୁ ଆମନ୍ତ୍ରଣ କରାଯାଉଛି, ଲକ୍ଷ ଲକ୍ଷ ଟଙ୍କା ଦିଆଯାଉଛି, ସଙ୍ଗୀତ ନୃତ୍ୟ ନାଁରେ ପ୍ରଦୂଷଣକୁ ପ୍ରୋତ୍ସାହନ ଯୋଗାଉଛି ପ୍ରଶାସନ। ସେପରି ସଙ୍ଗୀତ ଶୁଣିବା ପାଇଁ, ନାଚ ଦେଖିବା ପାଇଁ ମଞ୍ଚ ନିକଟରେ ବସିବାକୁ ତଥାକଥିତ ଭି.ଆଇ.ପିଙ୍କ ସମେତ କିଛି ପ୍ରଭାବଶାଳୀଙ୍କୁ ପାସ୍ ଦିଆଯାଉଛି। ଏତଦ୍ୱାରା ମହୋତ୍ସବ-ମଣ୍ଡପରେ ସେମାନେ ନିଜର ସ୍ୱତନ୍ତ୍ରତାକୁ ଉପସ୍ଥାପନ କରିବାର ସୁଯୋଗ ପାଇ ଉଲ୍ଲସିତ ହେଉଛନ୍ତି, ବେଳେବେଳେ ମଣ୍ଡପ ଉପରେ ଠିଆହୋଇ ଗାଉଛନ୍ତି, ନାଚୁଛନ୍ତି ମଧ୍ୟ। ଅଶ୍ଳୀଳ ସଙ୍ଗୀତ ସାଥିରେ ଅଭଦ୍ର ନୃତ୍ୟ ଆଜି ଆମର କଳାକ୍ଷେତ୍ରକୁ କ୍ଷତାକ୍ତ, ରକ୍ତାକ୍ତ କରିଛି। ବାହାଘର ପ୍ରସେସନ୍, ପିକ୍‌ନିକ୍, ହୋଟେଲ୍, ଖାଦ୍ୟପାନୀୟ ମଉଜମସ୍ତିରୁ ଆରମ୍ଭ କରି ମେଲୋଡ଼ି ପାର୍ଟି, ଡ୍ରାମା ଅପେରା ପେଣ୍ଡାଲ୍, ଚଟୁଳ ଚଳଚ୍ଚିତ୍ର ପର୍ଯ୍ୟନ୍ତ ସବୁଠି ଅଶ୍ଳୀଳ ସଙ୍ଗୀତର ମନମତାଣିଆ ଆସର। ଏବେ ସମୟ ଆସିଛି

ପୂଜା ଖେଡ଼କରଙ୍କ ଆଗୁଆ ଜାମିନ ଆବେଦନ ଖାରଜ

ନୂଆଦିଲ୍ଲୀ, ୨୩।୧୨: ମିଥ୍ୟା ଜାତିଗତ ସାର୍ଟିଫିକେଟ ଏବଂ ଦିବ୍ୟାଙ୍ଗ ସାର୍ଟିଫିକେଟ ଦେଇ ଆଇଏଏସ ପାଇଥିବା ମହାରାଷ୍ଟ୍ରର ପୂଜା ଖେଡ଼କରଙ୍କ ଆଗୁଆ ଜାମିନ ଆବେଦନକୁ ଦିଲ୍ଲୀ ହାଇକୋର୍ଟ ଖାରଜ କରିଦେଇଛନ୍ତି। ପୂଜାଙ୍କ ଜାଲିଆ ଜଣାପଡ଼ିବା ପରେ ତାଙ୍କ ଚୟନକୁ ବାତିଲ କରାଯିବା ସହିତ ୟୁପିଏସସି ତାଙ୍କୁ ଆଉ ୟୁପିଏସସି ଦ୍ୱାରା ପରିଚାଳିତ କୌଣସି ପରୀକ୍ଷା ଦେଇପାରିବେ ନାହିଁ ବୋଲି କଟକଣା ଜାରି କରିଛନ୍ତି। ତାଙ୍କ ଜାଲିଆତି ସମ୍ପର୍କରେ ଜଣାପଡ଼ିବା ପରେ ୟୁପିଏସସି ପକ୍ଷରୁ ସମସ୍ତ ସଫଳ ପରୀକ୍ଷାର୍ଥୀଙ୍କ ସମ୍ପର୍କରେ ଯାଞ୍ଚ ନିର୍ଦ୍ଦେଶ ଦେଇଛନ୍ତି। ପୂଜାଙ୍କ ବିରୋଧରେ ଥାନାରେ ଏତଲା ଦିଆଯାଇଥିଲା। ତେବେ ତାଙ୍କ ଗିରଫଦାରି ଉପରେ କୋର୍ଟ ରହିତାଦେଶ ଦେଇଛନ୍ତି। ତେଣୁ ତାଙ୍କୁ ଗିରଫ କରାଯାଇନଥିଲା। ତାଙ୍କ ଆଗୁଆ ଜାମିନ ଆବେଦନକୁ ଖାରଜ କରି ଦିଲ୍ଲୀ ହାଇକୋର୍ଟ କହିଛନ୍ତି ଯେ, ପୂଜା ଖେଡ଼କର ଏକ ବଡ଼ ଷଡ଼ଯନ୍ତ୍ରରେ ସାମିଲ ଅଛନ୍ତି। ଏହା ଏକ ସଙ୍ଗୀନ ଅପରାଧ। ତେଣୁ ତାଙ୍କୁ ଆଗୁଆ ଜାମିନ ପ୍ରଦାନ କରାଯାଇପାରିବ ନାହିଁ।

ଦିଲ୍ଲୀ ହାଇକୋର୍ଟ ବିଚାରପତି ଜଷ୍ଟିସ ଚନ୍ଦ୍ରଧାରୀ ସିଂହ ଆଜି ପୂଜାଙ୍କ ଆବେଦନକୁ ଖାରଜ କରି କହିଛନ୍ତି ଯେ ୟୁପିଏସ୍‌ସି ହେଉଛି ଗୋଟିଏ ପ୍ରତିଷ୍ଠିତ ପରୀକ୍ଷା। ଉଭୟ ସମାଜ ଓ ସଂଗଠନ ଉପରେ ଠକେଇର ପ୍ରଭାବ ପଡ଼ିଛି। ଏହା ପଛରେ ଥିବା ଷଡ଼ଯନ୍ତ୍ରକୁ ଉଜାଗର କରିବା ପାଇଁ ଜେରାର ଆବଶ୍ୟକତା ରହିଛି। ଏହି ମାମଲାରେ ପ୍ରଦର୍ଶିତ କରାଯାଇଥିବା ଆଚରଣରୁ ପ୍ରାଥମିକ ଭାବେ ଜଣାପଡୁଛି ଯେ ସଂଗଠନ ସହ ଛଳନା କରାଯାଇଛି। ନକଲି ଦସ୍ତାବିଜ ଦ୍ୱାରା ଫାଇଦା ହାସଲ କରିବାକୁ କେହି ବି ହକଦାର ନୁହନ୍ତି ବୋଲି ଜଷ୍ଟିସ ସିଂହ ମତ ରଖିଛନ୍ତି। ପୂଜା ଓବିସି ଓ ଦିବ୍ୟାଙ୍ଗ ସଂରକ୍ଷଣର ଅପବ୍ୟବହାର କରି ପ୍ରଶାସନିକ ସେବା ପରୀକ୍ଷାରେ ଫାଇଦା ହାସଲ କରିଥିବା ଅଭିଯୋଗ ହୋଇଥିଲା। ଏହି କାରଣରୁ କେନ୍ଦ୍ର ସରକାର ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲେ। ସେପ୍ଟେମ୍ବର ୬ ତାରିଖରେ ପୂଜାଙ୍କୁ ଆଇଏସ ନିୟମ ୧୯୫୪ର ଧାରା ୧୨ ଅଧୀନରେ କେନ୍ଦ୍ର ସରକାର କାର୍ଯ୍ୟାନ୍ତର ନିର୍ଦ୍ଦେଶ ଦେଇଥିଲେ। ପୂଜା ବେଆଇନ ଭାବେ ଆଇଏଏସ୍ ପଦ ହାତେଇଥିବା ଜଣାପଡ଼ିବା ପରେ ପ୍ରଥମେ ୟୁପିଏସ୍‌ସି ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲା। ଜୁଲାଇ ୩୧ରେ ୟୁପିଏସସି ପୂଜା ଖେଡକରଙ୍କ ପ୍ରୋଭିଜନାଲ ପ୍ରାର୍ଥିତ୍ୱକୁ ବାତିଲ କରିଥିଲା ଓ ତାଙ୍କୁ ଭବିଷ୍ୟତରେ ପ୍ରଶାସନିକ ସେବାର ପରୀକ୍ଷା ଦେବାରୁ ବଞ୍ଚିତ କରିଥିଲା। ପୂଜା ଖେଡକର ପ୍ରଶାସନିକ ସେବା ପରୀକ୍ଷା ନିୟମ ୨୦୨୨କୁ ଉଲ୍ଲଙ୍ଘନ କରିଥିବାରୁ ତାଙ୍କ ବିରୋଧରେ ଏପରି କାର୍ଯ୍ୟାନୁଷ୍ଠାନ ନିଆଯାଇଥିଲା। ସେ ନିଜର ନକଲି ପରିଚୟ ଦେଇ ୟୁପିଏସ୍‌ସିରେ କୃତକାର୍ଯ୍ୟ ହୋଇଥିବା ଜଣାପଡ଼ିଛି। ପୂଜାଙ୍କ ପ୍ରାର୍ଥିତ୍ୱକୁ ବାତିଲ କରିବା ସହ ତାଙ୍କ ବିରୋଧରେ ୟୁପିଏସ୍‌ସି ଅପରାଧିକ ମାମଲା ଚାଲୁ କରିଛି। ସେ ଠକେଇ, ଧୋକା ଓ ହେରଫେର କରିଥିବା ଅଭିଯୋଗ ହୋଇଛି। ୟୁପିଏସସିର ଏହି ନିଷ୍ପତ୍ତିକୁ ପୂଜା ଦିଲ୍ଲୀ ହାଇକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ତାଙ୍କ ପ୍ରାର୍ଥିତ୍ୱକୁ ବାତିଲ କରିବାର ଅଧିକାର ୟୁପିଏସ୍‌ସିର ନାହିଁ ବୋଲି ସେ କହିଥିଲେ। ୨୦୨୩ ବ୍ୟାଚ୍‌ର ଆଇଏଏସ୍ ପୂଜାଙ୍କୁ ପୁଣେରେ ଟ୍ରେନି ଅଧିକାରୀ ଭାବେ ନିଯୁକ୍ତି ମିଳିଥିଲା। ତେବେ ସେ କ୍ଷମତାର ଅପବ୍ୟହାର କରିଥିବା ଅଭିଯୋଗ ଆସିଥିବା ପରେ ତାଙ୍କୁ ୱାସିମଙ୍କୁ ବଦଳି କରାଯାଇଥିଲା। ପରେ ସେ ନିଜ ନାଁ ଠାରୁ ଆରମ୍ଭ କରି ବିଭିନ୍ନ ପ୍ରମାଣପତ୍ରରେ ଜାଲିଆତି କରିଥିବା ଅଭିଯୋଗ ଆସିଥିଲା।

ଇଣ୍ଡିଆ ବ୍ଲକର ନେତୃତ୍ୱ ପରିବର୍ତ୍ତନ ଲାଗି କଂଗ୍ରେସ ପ୍ରସ୍ତୁତ ରହୁ

ନୂଆଦିଲ୍ଲୀ, ୨୩।୧୨: ମମତା ବାନାର୍ଜୀ ହୁଅନ୍ତୁ ବା ଅନ୍ୟ କେହି ହୁଅନ୍ତୁ, କଂଗ୍ରେସ ବ୍ୟତିରେକେ ଯଦି କେହି ଇଣ୍ଡିଆ ବ୍ଲକର ନେତୃତ୍ୱ ନେବାକୁ ପ୍ରସ୍ତୁତ ତେବେ କଂଗ୍ରେସ ଏହାକୁ ଗ୍ରହଣ କରିବା ଉଚିତ ଏବଂ ଏଥିଲାଗି ପ୍ରସ୍ତୁତ ରହିବା ଉଚିତ ବୋଲି କହିଛନ୍ତି କଂଗ୍ରେସର ବରିଷ୍ଠ ନେତା , ପୂର୍ବତନ କେନ୍ଦ୍ରମନ୍ତ୍ରୀ ମଣିଶଙ୍କର ଆୟାର। ଆୟାର କହିଛନ୍ତି ଯେ, କିଏ ଇଣ୍ଡିଆ ବ୍ଲକର ନେତୃତ୍ୱ ନେବ, କିଏ ଅଧ୍ୟକ୍ଷ ହେବ ତାହା କଂଗ୍ରେସ ପାଇଁ ମୁଖ୍ୟ ପ୍ରସଙ୍ଗ ନୁହେଁ। ଏଥିରେ କିଛି ଯାଏ ଆସେ ନାହିଁ। ଇଣ୍ଡିଆ ବ୍ଲକରେ କଂଗ୍ରେସର ସ୍ଥିତି ସର୍ବଦା ଅପରିବର୍ତ୍ତିତ ରହିବ। ଏହା ନେତୃତ୍ୱ ନେଉ ବା ନନେଉ କଂଗ୍ରେସ ବିରୋଧୀ ମେଣ୍ଟରେ ସର୍ବଦା କେନ୍ଦ୍ରବିନ୍ଦୁ ହୋଇ ରହିବ। ବରଂ ରାହୁଲ ଗାନ୍ଧି ଏହା ଦ୍ୱାରା ଇଣ୍ଡିଆ ବ୍ଲକରେ ଅଧିକ ସମ୍ମାନ ପାଇବେ ବୋଲି ମଣିଶଙ୍କର କହିଛନ୍ତି। କିଛି ଦିନ ତଳେ ମଣିଶଙ୍କର ଏକ ସାକ୍ଷାତକାର ଅବସରରେ କହିଥିଲେ ଯେ, ମନମୋହନ ସିଂହଙ୍କ ପରିବର୍ତ୍ତେ ପ୍ରଣବ ମୁଖାର୍ଜୀ ଦେଶର ପ୍ରଧାନମନ୍ତ୍ରୀ ହୋଇଥିଲେ ଆଜି ଦଳର ଏପରି ଅବସ୍ଥା ହୋଇନଥାନ୍ତା। ଏହା ସହିତ ସେ କହିଥିଲେ ଯେ, ତାଙ୍କ ରାଜନୈତିକ ଉତଥାନ ପାଇଁ ଗାନ୍ଧି ପରିବାର ଯେତିକି ଦାୟୀ, ତାଙ୍କ ପତନ ପାଇଁ ମଧ୍ୟ ସେତିକି ଦାୟୀ। ହରିୟାନା ଓ ମହାରାଷ୍ଟ୍ର ବିଧାନସଭା ନିର୍ବାଚନରେ କଂଗ୍ରେସ ପରାଜିତ ହେବା ପରେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଇଣ୍ଡିଆ ବ୍ଲକର ନେତୃତ୍ୱ ପରିବର୍ତ୍ତନ ସପକ୍ଷରେ ସ୍ୱର ଉଠାଇଛନ୍ତି। ତାଙ୍କୁ ଲାଲୁ ପ୍ରସାଦ ଯାଦବ ଏବଂ ଶରଦ ପାୱାରଙ୍କ ସହ ସମାଜବାଦୀ ପାର୍ଟୀ ମଧ୍ୟ ସମର୍ଥନ କରିଛି। ଏପରିକି ଇଣ୍ଡିଆ ବ୍ଲକ ବାହାରେ ଥିବା ଜଗନ ମୋହନ ରେଡ୍ଡୀଙ୍କ ୱାଇଏସଆର କଂଗ୍ରେସ ମଧ୍ୟ ମମତାଙ୍କ ନେତୃତ୍ୱ ସପକ୍ଷରେ ମତବ୍ୟକ୍ତ କରିଛି।

ହୋଟେଲ ପାର୍କିଂରେ ଟ୍ରିପଲ ମର୍ଡର
ଦୁଇ ଯୁବକ, ଜଣେ ଯୁବତୀଙ୍କୁ ଗୁଳି କରି ହତ୍ୟା

ନୂଆଦିଲ୍ଲୀ, ୨୩।୧୨: ହୋଟେଲ ପାର୍କିଂରେ ଫୁଟିଲା ଗୁଳି। ଦୁଇ ଜଣ ଯୁବକ ଓ ଜଣେ ଯୁବତୀଙ୍କୁ ଗୁଳି କରି କରାଯାଇଛି ହତ୍ୟା। ହରିୟାଣାର ପଞ୍ଚକୁଲାରେ ଥିବା ଗୋଟିଏ ହୋଟେଲର ପାର୍କିଂରେ ଅଜଣା ଦୁର୍ବୃତ୍ତମାନେ ୩ ଜଣଙ୍କୁ କରିଛନ୍ତି ହତ୍ୟା। ରବିବାର ବିଳମ୍ବିତ ରାତିରେ ଘଟଣା ଘଟିଥିବା ବେଳେ ଆଜି ପୁଲିସ୍ ଏ ସମ୍ପର୍କରେ ସୂଚନା ଦେଇଛି। ଗୁଳିମାଡ଼ରେ ଦିଲ୍ଲୀର ଭିକ୍କି ଓ ବିପିନଙ୍କ ସମେତ ହିର୍ସାର ନିଆଙ୍କ ମୃତ୍ୟୁ ହୋଇଛି। ହୋଟେଲର ପାର୍କିଂରେ ଏମାନେ ଛିଡ଼ା ହୋଇଥିବା ବେଳେ କିଛି ଦୁର୍ବୃତ୍ତ ସେଠାରେ ପହଞ୍ଚି ୩ ଜଣଙ୍କୁ ହତ୍ୟା କରିଛନ୍ତି। ଏମାନେ ଗୋଟିଏ ଜନ୍ମଦିନ ପାର୍ଟିରେ ଯୋଗ ଦେବାକୁ ହୋଟେଲକୁ ଆସିଥିଲେ। ପାର୍ଟି ପରେ ସେମାନେ ଏକାଠି ପାର୍କିଂକୁ ଆସିଥିଲେ। ସମସ୍ତେ ସେମାନଙ୍କ ଗାଡ଼ି ନିକଟରେ ଛଡ଼ା ହୋଇଥିବା ବେଳେ କିଛି ମୁଖାପିନ୍ଧା ଯୁବକ ସେଠାରେ ପହଞ୍ଚିଥିଲେ। କେହି କିଛି ବୁଝିବା ଆଗରୁ ସେମାନେ ଭିକ୍କି, ବିପିନ ଓ ନିଆଙ୍କ ଉପରକୁ ଗୁଳି କରିଥିଲେ। ଘଟଣା ସ୍ଥଳରେ ହିଁ ୩ ଜଣ ଢଳି ପଡ଼ିଥିଲା। ଏହାପରେ ଦୁର୍ବୃତ୍ତମାନେ ସେଠାରୁ ଚମ୍ପଟ ମାରିଛନ୍ତି। ଭିକ୍କିଙ୍କ ବୟସ ପ୍ରାୟ ୩୦ ବର୍ଷ ହେବ। ତାଙ୍କ ନାଁରେ ଏକାଧିକ ମାମଲା ରହିଛି। ତେଣୁ ପୂର୍ବ ଶତ୍ରୁତାରୁ କେହି ଏପରି କରିଥିବା ଆଶଙ୍କା କରାଯାଉଛି। ତଥାପି ପୁଲିସ୍ ସିସିଟିଭି ଫୁଟେଜକୁ ଯାଞ୍ଚ କରି ହତ୍ୟାକାରୀଙ୍କ ପାଖରେ ପହଞ୍ଚିବାକୁ ଚେଷ୍ଟା କରୁଛି।

ଫୁଟ୍‌ପାଥରେ ଶୋଇଥିବାବେଳେ ୯ ଜଣଙ୍କ ଉପରେ ମାଡ଼ିଗଲା ଡମ୍ପର୍

ନୂଆଦିଲ୍ଲୀ, ୨୩।୧୨: ଫୁଟ୍‌ପାଥ ଉପରେ ଶୋଇଥିବା ଲୋକଙ୍କ ଉପରେ ଚଢ଼ିଗଲା ଡମ୍ପର୍। ଦ୍ରୁତ ଗତିରେ ଆସି ୯ ଜଣଙ୍କୁ ଚାପିଦେଲା ଡମ୍ପର। ଘଟଣାସ୍ଥଳରେ ହିଁ ଚାଲିଗଲା ୩ ଜଣଙ୍କ ଜୀବନ। ମହାରାଷ୍ଟ୍ରର ପୁଣେରେ ଘଟିଛି ଏଭଳି କିଛି ଭୟଙ୍କର ଦୁର୍ଘଟଣା। ସୂଚନା ମୁତାବକ, ମୃତକଙ୍କ ମଧ୍ୟରେ ୨ ଜଣ ଛୋଟ ପିଲା ଓ ଜଣେ ବ୍ୟକ୍ତି ଅଛନ୍ତି ଯିଏ ସେମାନଙ୍କ ଦାଦା ବୋଲି ଜଣାପଡିଛି। ସେହିପରି ଅନ୍ୟ ୬ ଜଣ ଗୁରୁତର ହୋଇଛନ୍ତି। ସେମାନଙ୍କୁ ଉଦ୍ଧାର କରି ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ୱାଗୋଲିର କେସନନ୍ଦ ଫାଟା ପୁଲିସ ଷ୍ଟେସନ ସମ୍ମୁଖରେ ରାତି ପ୍ରାୟ ସାଢ଼େ ୧୨ଟାରେ ଏହି ଦୁର୍ଘଟଣା ଘଟିଥିଲା। ଡମ୍ପର ଡ୍ରାଇଭର ନିଶାସକ୍ତ ଅବସ୍ଥାରେ ଗାଡ଼ି ଚଳାଉଥିଲା ବୋଲି କୁହାଯାଉଛି। ପୁଲିସ ଡମ୍ପର ଡ୍ରାଇଭରକୁ ଅଟକ ରଖି ତଦନ୍ତ ଜାରି ରଖିଛି।

୧୩ କୋଟିର ଘଣ୍ଟା ଆଣିଲେ ଦମ୍ପତି, ବାନ୍ଧିଲା ପୁଲିସ

ଦୁବାଇ, ୨୩।୧୨: ଘଣ୍ଟା ପିନ୍ଧିବା ପ୍ରାୟ ସମସ୍ତଙ୍କ ସଉକ। କିଏ କେଉଁ ପ୍ରକାରର ଘଣ୍ଟା ପିନ୍ଧନ୍ତି। ଦାମୀ ଘଣ୍ଟା ପିନ୍ଧିବାକୁ ଅନେକ ପସନ୍ଦ କରନ୍ତି। ହେଲେ ଦାମୀ ଘଣ୍ଟା ଆଣିବା ଏବେ ଜଣେ ସ୍ୱାମୀ ସ୍ତ୍ରୀଙ୍କୁ ମହଙ୍ଗା ପଡିଛି। ୧୩ କୋଟିର ଘଣ୍ଟା ଆଣି ଫଶିଛନ୍ତି ଦମ୍ପତି। ତାଙ୍କୁ ପୁଲିସ ଗିରଫ କରିଛି। ଦୁବାଇରୁ ପ୍ରାୟ ୧୩ କୋଟି ଟଙ୍କା ମୂଲ୍ୟର ଦୁଇଟି ଦାମୀ ଘଣ୍ଟା ଚୋରା ଚାଲାଣ କରିବା ଅଭିଯୋଗରେ ରାଜସ୍ଥାନର ଜଣେ ସ୍ୱାମୀ-ସ୍ତ୍ରୀଙ୍କୁ ଅହମ୍ମଦାବାଦ ବିମାନବନ୍ଦରରୁ ଶୁକ୍ରବାର ପୁଲିସ ଗିରଫ କରିଥିଲ। ଏମାନଙ୍କ ପାଖରୁ Audemars Piguet Royal Oak ଏବଂ Richard Mille ଘଣ୍ଟା ଜବତ ହୋଇଛି। ଏହି ଘଣ୍ଟାକୁ ପ୍ରାୟତଃ ବିଲିୟନେୟାର କିମ୍ବା ସେଲିବ୍ରିଟିଙ୍କ ହାତରେ ଦେଖାଯାଏ। ଦୁବାଇରୁ ସର୍ଦ୍ଦାର ବଲ୍ଲଭଭାଇ ପଟେଲ ଅନ୍ତର୍ଜାତୀୟ ବିମାନବନ୍ଦରରେ ପୃଥକ ଭାବରେ ପହଞ୍ଚିଥିବା ଦମ୍ପତିଙ୍କ ଠାରୁ ଏହି ଦୁଇଟି ଘଣ୍ଟା ଜବତ କରାଯାଇଥିଲା। ଅଧିକାରୀଙ୍କ କହିବା ଅନୁସାରେ ଦୁବାଇରୁ ଫେରିବା ପରେ ଜଣେ ମହିଳାଙ୍କ ହାତରେ ଦାମୀ ଘଣ୍ଟା ଦେଖିବାକୁ ମିଳିଥିଲା। ପଚରାଉଚରା କରିବା ପରେ ସେ କହିଥିଲେ ଯେ, ତାଙ୍କୁ ତାଙ୍କ ସ୍ୱାମୀ ଏହି ଘଣ୍ଟା ଗିଫ୍ଟ କରିଛନ୍ତି। ସ୍ୱାମୀ କେଉଁଠି ଅଛନ୍ତି ପଚାରିବାରୁ ସେ କହିଥିଲେ ଅନ୍ୟ ଏକ ଫ୍ଲାଇଟ୍‌ରେ ଆସୁଛନ୍ତି। ଏହାପରେ ବିମାନ ବନ୍ଦରରେ ଅବତରଣ କରିବା ପରେ ତାଙ୍କ ସ୍ୱାମୀ ଧରାପଡିଥିଲେ।

ଅସଦଙ୍କଠାରୁ ଛାଡ଼ପତ୍ର ନେବେ ପତ୍ନୀ

ଦାମାସ୍କସ, ୨୩।୧୨: ଶାସନ ଗଲା, ଦେଶ ଗଲା ଏବେ ସମ୍ପର୍କ ବି ତୁଟିବ। ସିରିଆରେ ଗୃହଯୁଦ୍ଧ ପରେ ବହିଷ୍କୃତ ରାଷ୍ଟ୍ରପତି ବଶର ଅଲ ଅସଦଙ୍କ ଠାରୁ ଅଲଗା ହେବେ ତାଙ୍କ ପତ୍ନୀ। ରୁଷର ଅଦାଲତରେ ଛାଡପତ୍ର ପାଇଁ ଆବେଦନ କରିଛନ୍ତି ଅସଦଙ୍କ ପତ୍ନୀ ଆସ୍‌ମା। ତୁର୍କୀ ଏବଂ ଆରବ ଗଣମାଧ୍ୟମ ଅନୁଯାୟୀ ଆସମା ମସ୍କୋରେ ଖୁସିରେ ନାହାଁନ୍ତି ଏବଂ ସେ ଲଣ୍ଡନ ଯିବାକୁ ଚାହୁଁଛନ୍ତି। ବିଦ୍ରୋହୀ ଗୋଷ୍ଠୀ ଦ୍ୱାରା ସିରିଆରେ ହୋଇଥିବା ସତ୍ତା ପରିବର୍ତ୍ତନ ପରେ ବଶର ଅଲ-ଅସଦ ତାଙ୍କ ପରିବାର ସହ ରୁଷକୁ ପଳାୟନ କରିଥିଲେ। ସେଠାରେ ଯାଇ ସେ ଶରଣ ନେଇଛନ୍ତି। ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ତାଙ୍କୁ ଆଶ୍ରୟ ଦେଇଛନ୍ତି। ଏବେ ବଶର ଅଲ ଅସଦଙ୍କ ପତ୍ନୀ ଆସମା ରୁଷ କୋର୍ଟରେ ଛାଡ଼ପତ୍ର ପାଇଁ ଆବେଦନ କରିଛନ୍ତି। ସେ କୋର୍ଟରୁ ମସ୍କୋ ଛାଡିବାକୁ ସ୍ୱତନ୍ତ୍ର ଅନୁମତି ମାଗିଛନ୍ତି। ରିପୋର୍ଟ ଅନୁଯାୟୀ ଆସମାଙ୍କର ବ୍ରିଟେନ ଏବଂ ସିରିଆର ଦ୍ୱାରା ନାଗରିକତା ରହିଛି। ଆସମାଙ୍କ ଘର ଲଣ୍ଡନରେ ଅଛି ଯେଉଁଠାରେ ସେ ଜନ୍ମ ହୋଇଥିଲେ। ୨୦୦୦ ମସିହାରେ ଆସମା ସିରିଆ ଯାଇଥିଲେ। ସେହି ବର୍ଷ ହିଁ ବଶର ଅଲ-ଅସଦଙ୍କୁ ବିବାହ କରିଥିଲେ।

୨ ନାବାଳକ ସାବତ ଭାଇଙ୍କ ତଣ୍ଟି କାଟିଦେଲା

ଗୌହାଟୀ, ୨୩।୧୨: ନିଜର ଦୁଇ ନାବାଳକ ସାବତ ଭାଇଙ୍କୁ ସ୍କୁଲ ଛାଡ଼ିବାକୁ ଯାଉଥିଲା ଜଣେ ଯୁବକ। ହେଲେ ହଠାତ ଦୁଇ ସାବତ ଭାଇଙ୍କୁ ତଣ୍ଟି କାଟି ହତ୍ୟା କରି ଦେଇଛି। ଡିସେମ୍ବର ୨୧ରେ ୨ ନାବାଳକଙ୍କ ତଣ୍ଟି କଟା ମୃତଦେହ ଆସାମର ସନ୍ତୋପଡ଼ାରୁ ପୁଲିସ୍ ଉଦ୍ଧାର କରିଥିଲା। ଏବେ ଏହି ଘଟଣାରେ ପୁଲିସ୍ ଦୁଇ ନାବାଳକଙ୍କ ସାବତ ବଡ଼ ଭାଇକୁ ଗିରଫ କରିଛି। ଡିସେମ୍ବର ୨୦ରେ ପୂରା ଘଟଣା ଘଟିଥିଲା। ୨ ନାବାଳକ ଘରୁ ସ୍କୁଲକୁ ବାହାରିଥିଲେ। ହେଲେ ସେମାନେ ଆଉ ଫେରି ନଥିଲେ। ପରିବାର ଲୋକଙ୍କ ଅଭିଯୋଗ ପରେ ପୁଲିସ୍ ସର୍ଚ୍ଚ ଅପରେସନ ଆରମ୍ଭ କରିଥିଲା। ହେଲେ କୌଣସି ସୁଫଳ ମିଳି ନଥିଲା। କିନ୍ତୁ ଦିନକ ପରେ ଦୁଇ ନାବାଳକଙ୍କ ତଣ୍ଟିକଟା ମୃତଦେହ ଉଦ୍ଧାର ହୋଇଥିଲା। ପୁଲିସ୍ ତଦନ୍ତରୁ ଜାଣିବାକୁ ପାଇଛି ଯେ ଅଭିଯୁକ୍ତ ନୀରଜ ଶର୍ମା ତା'ର ଦୁଇ ସାବତ ଭାଇଙ୍କୁ ବାଇକରେ ସ୍କୁଲ ଛାଡ଼ିବାକୁ ନେଇଥିଲା। କିନ୍ତୁ ସ୍କୁଲ ଯିବା ବଦଳରେ ସେ ଉଭୟଙ୍କୁ ଗୋଟିଏ ନିଛାଟିଆ ସ୍ଥାନକୁ ନେଇ ଯାଇଥିଲା। ସେଠାରେ ସେ ଉଭୟଙ୍କୁ ତଣ୍ଟି କାଟି ହତ୍ୟା କରିଥିଲା। ପୁଲିସ୍ ନୀରଜକୁ ଗିରଫ କରିବା ସହ ତା'ର ବାଇକ ଓ ହତ୍ୟାରେ ବ୍ୟବହାର କରିଥିବା ଛୁରୀକୁ ଜବତ କରିଛି। ଜେରା ବେଳେ ନୀରଜ କହିଛି ଯେ ତା' ବାପା ଦ୍ୱିତୀୟ ବିବାହ କରିଥିଲେ। ଦ୍ୱିତୀୟ ପତ୍ନୀଙ୍କ ଦୁଇ ପୁଅଙ୍କୁ ସେ ଅଧିକ ସ୍ନେହ କରୁଥିବା ବେଳେ ନୀରଜଙ୍କୁ ଅଣଦେଖା କରୁଥିଲେ।

ହାସିନାଙ୍କ ପ୍ରତ୍ୟର୍ପଣ ଦାବି: ଭାରତକୁ ଚିଠି ଲେଖିଲା ବାଂଲାଦେଶ

ନୂଆଦିଲ୍ଲୀ, ୨୩।୧୨: ବାଂଲାଦେଶର ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ ହାସିନାଙ୍କ ପ୍ରତ୍ୟର୍ପଣ ଲାଗି ବାଂଲାଦେଶ ଭାରତ ନିକଟରେ ଦାବି କରିଛି। ବାଂଲାଦେଶର ମଧ୍ୟବର୍ତ୍ତୀକାଳିନ ସରକାର ଏଥିନେଇ ଭାରତ ସରକାରଙ୍କୁ ଅନୁରୋଧପତ୍ର ପଠାଇଛନ୍ତି। ପୂର୍ବରୁ ବାଂଲାଦେଶର ଅନ୍ତରୀଣ ଶାସନ ମୁଖ୍ୟ ମହମ୍ମଦ ୟୁନୁସ ଭାରତ ହାସିନାଙ୍କୁ ପ୍ରତ୍ୟର୍ପଣ କରିବା ଉଚିତ ବୋଲି କହିଥିଲେ। ଗତ ଅଗଷ୍ଟ ମାସରେ ବାଂଲାଦେଶରେ ଛାତ୍ର ଆନ୍ଦୋଳନ ଜନିତ ହିଂସା ରୋକିବାରେ ବିଫଳ ହୋଇ ପ୍ରଧାନମନ୍ତ୍ରୀ ଶେଖ ହାସିନା ସେନାର ନିର୍ଦ୍ଦେଶକ୍ରମେ ତାଙ୍କ ପଦରୁ ଇସ୍ତଫା ଦେଇ ଭାରତକୁ ଚାଲି ଆସିଥିଲେ। ସେବେଠାରୁ ସେ ଭାରତର ରାଜନୈତିକ ଆଶ୍ରୟରେ ଅଛନ୍ତି। ସେ ଇଂଲଣ୍ଡ ଚାଲିଯିବାକୁ ଉଦ୍ୟମ କରିଥିଲେ ମଧ୍ୟ ଇଂଲଣ୍ଡ ସରକାର ତାଙ୍କୁ ରାଜନୈତିକ ଆଶ୍ରୟ ଦେବାକୁ ମନା କରି ଦେଇଥିଲା। ଗତ ସପ୍ତାହରେ ଭାରତର ବୈଦେଶିକ ସଚିବ ବିକ୍ରମ ମିଶ୍ରି ଢାକା ଗସ୍ତରେ ଯାଇ ବାଂଲାଦେଶ ପ୍ରତିପକ୍ଷଙ୍କ ସହ ଆଲୋଚନା କରିଥିଲେ। ଏହା ପରେ ବାଂଲାଦେଶ ହାସିନାଙ୍କ ପ୍ରତ୍ୟର୍ପଣ ଦାବି କରିଛି। ବାଂଲାଦେଶର ଏକ କୋର୍ଟ

ହାସିନାଙ୍କ ବିରୋଧରେ ଗିରଫ ପରୱାନା ଜାରି କରିଛି। ସେ ସେଠାକୁ ଗଲେ ତାଙ୍କୁ ତତ୍କାଳ ଗିରଫ କରାଯିବ।

ସେ ଅଗଷ୍ଟ ୫ରୁ ଭାରତର କୌଣସି ସେଫ ହାଉସରେ ଆତ୍ମଗୋପନ କରିଛନ୍ତି। ତେଣୁ ବାଂଲାଦେଶର ମହମ୍ମଦ ୟୁନୁସ ସରକାର ତାଙ୍କୁ ପ୍ରତ୍ୟର୍ପଣ କରିବାକୁ ଭାରତକୁ କହିଛନ୍ତି। ଢାକା ଭିତ୍ତିକ ଅନ୍ତର୍ଜାତୀୟ ଅପରାଧ ଟ୍ରିବ୍ୟୁନାଲ(ଆଇସିଟି) ମାନବଜାତି ବିରୋଧରେ ଅପରାଧ ଓ ନରସଂହାର ଅଭିଯୋଗରେ ଶେଖ ହସିନା, ତାଙ୍କ ସରକାରରେ ଥିବା ମନ୍ତ୍ରୀ, ପରାମର୍ଶଦାତା, ପୂର୍ବତନ ସାମରିକ ଓ ବେସାମରିକ ଅଧିକାରୀଙ୍କ ବିରୋଧରେ ଗିରଫ ପରୱାନା ଜାଣି କରିଛନ୍ତି। ଅନ୍ତରୀଣ ସରକାରରେ ବୈଦେଶିକ ବ୍ୟାପାର ପରାମର୍ଶଦାତା ଭାବେ କାମ କରୁଥିବା ତୋହିଦ ହୁସେନ କହିଛନ୍ତି, "ଆମେ ବିଧିବଦ୍ଧ ଭାବେ ଭାରତ ସରକାରଙ୍କ ପାଖକୁ କୂଟନୀତିକ ସ୍ତରରେ ଗୋଟିଏ ଚିଠି ଲେଖିଛୁ। ନ୍ୟାୟିକ ପ୍ରକ୍ରିୟା ପାଇଁ ବାଂଲାଦେଶ ଶେଖ ହସିନାଙ୍କୁ ଚାହୁଁଥିବା ଆମେ କହୁଛୁ। ତେଣୁ ଭାରତ ସରକାର ତୁରନ୍ତ ହସିନାଙ୍କୁ ବାଂଲାଦେଶକୁ ପଠାଇନ୍ତୁ।" ଏହାପୂର୍ବରୁ ଗୃହ ମନ୍ତ୍ରଣାଳୟର ପରାମର୍ଶଦାତା ଜାହାଙ୍ଗିର ଆଲାମ କହିଥିଲେ ଯେ ଭାରତର ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟକୁ ଚିଠି ଲେଖି ହସିନାଙ୍କୁ ପ୍ରତ୍ୟର୍ପଣ କରିବାକୁ କହିଥିଲେ। ସେ କହିଥିଲେ, "ହସିନାଙ୍କ ପ୍ରତ୍ୟର୍ପଣ ସମ୍ପର୍କରେ ଆମେ ଚିଠି କରି ସାରିଛୁ। ପ୍ରତ୍ୟର୍ପଣ ପ୍ରକ୍ରିୟା ଆରମ୍ଭ ହୋଇଯାଇଛି।"

ଏନ୍‌କାଉଣ୍ଟରରେ ୩ ଖଲିସ୍ତାନୀ ଆତଙ୍କୀ ନିହତ

ଲକ୍ଷ୍ନୌ, ୨୩।୧୨: ଉତ୍ତର ପ୍ରଦେଶର ପିଲିଭିତ୍‌ରେ ବଡ଼ ଧରଣ ଏନକାଉଣ୍ଟର ହୋଇଛି। ଖଲିସ୍ତାନୀ କମାଣ୍ଡୋ ଫୋର୍ସର ୩ ଆତଙ୍କୀ ନିହତ ହୋଇଥିବା ସୂ

ବକ୍ସିଂ ଡେ ଟେଷ୍ଟ ପଛର ରୋଚକ କାହାଣୀ

ନୂଆଦିଲ୍ଲୀ,୨୩/୧୨: ବର୍ଡର-ଗାଭାସ୍କର ଟ୍ରଫି ଟୁର୍ଣ୍ଣାମେଣ୍ଟର ଚତୁର୍ଥ ଟେଷ୍ଟ ଆସନ୍ତା ୨୬ ତାରିଖରେ ଖେଳାଯିବ। ଏହାକୁ ବକ୍ସିଂ ଡେ ଟେଷ୍ଟ କୁହାଯାଉଛି। ଏହି ଟେଷ୍ଟକୁ ନେଇ କ୍ରିକେଟପ୍ରେମୀଙ୍କ ମଧ୍ୟରେ ନାହିଁ ନଥିବା ଉତ୍ସାହ ଦେଖିବାକୁ ମିଳିଛି। ୫ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜରେ ଦୁଇଦଳ ଗୋଟିଏ ଲେଖାଏ ମ୍ୟାଚ ଜିତି ସ୍ଥିତି ବରାବର କରିଛନ୍ତି। ଗୋଟିଏ ଡ୍ର ରହିଛି। ତେଣୁ ଚତୁର୍ଥ ଅର୍ଥାତ ବକ୍ସିଂ ଡେ ଟେଷ୍ଟର ଗୁରୁତ୍ୱ ବଢିଯାଇଛି। ବକ୍ସିଂ ଡେ ଟେଷ୍ଟକୁ ନେଇ ଚର୍ଚ୍ଚା କାହିଁକି। ଭାରତର ରେକର୍ଡ କଣ ରହିଛି। ତେବେ ଏହି ଟେଷ୍ଟର ଏପରି ନିଆରା ନାମ କାହିଁକି ରହିଛି। ସମସ୍ତଙ୍କ ମନରେ ପ୍ରଶ୍ନ ଉଙ୍କି ମାରିଛି। ଆସନ୍ତୁ ଜାଣିବା ଏହା ପଛର ରୋଚକ କାହାଣୀ।

ବକ୍ସିଂ ଡେ ଟେଷ୍ଟ କଣ: ଆସନ୍ତା ଡିସେମ୍ବର ୨୬ରୁ ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ମେଲବୋର୍ଣ୍ଣରେ ଚତୁର୍ଥ ଟେଷ୍ଟ ମ୍ୟାଚ ଆରମ୍ଭ ହେବ। ଏହି ଟେଷ୍ଟକୁ ବକ୍ସିଂ ଡେ ଟେଷ୍ଟ କୁହାଯାଉଛି। ବକ୍ସିଂ ଡେ ଟେଷ୍ଟ କ୍ରିକେଟର ଏକ ଉତ୍ସବ। ଖ୍ରୀଷ୍ଟମାସ ଅର୍ଥାତ ବଡଦିନ ପରଦିନ ଡିସେମ୍ବର ୨୬କୁ ବକ୍ସିଂ ଡେ କୁହାଯାଇଥାଏ। ଏହା ଏକ ଛୁଟି ଦିନ। ଅନ୍ୟପଟେ ଖ୍ରୀଷ୍ଟମାନ ଛୁଟିର ପର ସପ୍ତାହର ପ୍ରଥମ ଦିନକୁ ବକ୍ସିଂ ଡେ କୁହାଯାଇଥାଏ। ଏହି ଦିନ ଲୋକ ପରସ୍ପର ମଧ୍ୟରେ ବକ୍ସିଂ ବା ବାକ୍ସ ଉପହାର ଦିଆ ନିଆ ହୋଇଥାନ୍ତି। କାମକୁ ଯାଉଥିବା ଲୋକଙ୍କୁ ସେମାନଙ୍କ ମାଲିକ ଖ୍ରୀଷ୍ଟମାସ ବକ୍ସ ଗିଫ୍ଟ ଦିଅନ୍ତି। କୁହାଯାଏ ଖ୍ରୀଷ୍ଟମାସରେ ଚର୍ଚ୍ଚଗୁଡିକରେ ଏହି ଗିଫ୍ଟ ରହିଥାଏ। ବଡଦିନ ପରଦିନ ଏହାକୁ ଗରିବ ଓ ସାଧାରଣ ଲୋକ ବକ୍ସଗୁଡିକୁ ସଂଗ୍ରହ କରିଥାନ୍ତି। ତେଣୁ ଏହାକୁ ବକ୍ସିଂ ଡେ କୁହାଯାଏ। ତେଣୁ ଡିସେମ୍ବର ୨୬ରୁ ଏହି ଟେଷ୍ଟ ଆରମ୍ଭ ହେଉଥିବାରୁ ଏହାକୁ ବକ୍ସିଂ ଡେ ଟେଷ୍ଟ କୁହାଯାଏ।

ବକ୍ସିଂ ଡେ ଟେଷ୍ଟରେ ଭାରତର ରେକର୍ଡ: ପ୍ରତିବର୍ଷ ମେଲବୋର୍ଣ୍ଣ କ୍ରିକେଟ ଗ୍ରାଉଣ୍ଡ ସହ ବିଶ୍ୱର ଏକାଧିକ ଷ୍ଟାଡିୟମରେ ଏହି ବକ୍ସିଂ ଡେ ଟେଷ୍ଟ ଡିସେମ୍ବର ୨୬ ତାରିଖରୁ ଖେଳାଯାଇଥାଏ। ବକ୍ସିଂ ଡେ ଟେଷ୍ଟରେ ଭାରତକୁ ମିଶ୍ରିତ ଫଳ ମିଳିଛି। ବକ୍ସିଂ ଡେ'ରେ ଖେଳିଥିବା ୧୪ଟି ମ୍ୟାଚରୁ ଭାରତ ୪ଟି ମ୍ୟାଚ ଜିତିଛି। ୮ଟି ମ୍ୟାଚରେ ପରାସ୍ତ ହୋଇଥିବାବେଳେ ୨ଟି ଡ୍ର ରହିଥିଲା। ୨୦୨୦ଗସ୍ତରେ ଅଜିଙ୍କ୍ୟ ରାହାଣେଙ୍କ ନେତୃତ୍ୱରେ ଭାରତୀୟ ଦଳ ଅଷ୍ଟ୍ରେଲିଆକୁ ୮ଟି ୱିକେଟରେ ହରାଇଥିଲା। ଏହା ଭାରତର ସବୁଠୁ ବଡ ଟେଷ୍ଟ ବିଜୟର ମାନ୍ୟତା ପାଇଥିଲା। ରାହାଣେ ବ୍ୟକ୍ତିଗତ ଭାବେ ଏହି ମ୍ୟାଚରେ ଶତକୀୟ ପାଳି ଖେଳିଥିଲେ। ଭାରତୀୟ ବୋଲର ମଧ୍ୟ ଚମତ୍କାର ପ୍ରଦର୍ଶନ କରିଥିଲେ।

କ୍ରିକେଟରେ ଏହାର ଏଣ୍ଟ୍ରୀ: ୧୮୯୨ରେ କ୍ରିକେଟରେ ବକ୍ସିଂ ଡେର ପ୍ରବେଶ ହୋଇଥିଲା। ଏହି ବର୍ଷ ମେଲବୋର୍ଣ୍ଣ କ୍ରିକେଟ ଗ୍ରାଉଣ୍ଡରେ ଅଷ୍ଟ୍ରେଲିଆର ଭିକ୍ଟୋରିଆ ଓ ନ୍ୟୁସାଉଥୱେଲ୍ସ ମଧ୍ୟରେ ବଡଦିନ ଅବସରରେ ଏକ ମ୍ୟାଚ ହୋଇଥିଲା। ପ୍ରତିବର୍ଷ ଏହି ଦିନ ଦୁଇଦେଶ ମଧ୍ୟରେ ମ୍ୟାଚ ହୋଇଥାଏ। ଅଷ୍ଟ୍ରେଲିଆ ଘରୋଇ କ୍ରିକେଟର ବକ୍ସିଂ ଡେ ଟେଷ୍ଟର ପରମ୍ପରା ୧୮୬୫ରୁ ଆରମ୍ଭ ହୋଇଛି। ଆଧୁନିକ ବକ୍ସିଂ ଡେ ମ୍ୟାଚ ୧୯୫୦-୫୧ରୁ ଅଷ୍ଟ୍ରେଲିଆ ଓ ଇଂଲଣ୍ଡ ଆସେସ୍ ଟେଷ୍ଟରୁ ଖେଳାଯାଉଛି।

ଭାରତକୁ ମିଳିଲା ଲେଡି ଜାହିର ଖାନ୍

କୁନି ଝିଅଙ୍କ ଦିୱାନା ହେଲେ ସଚିନ ତେନ୍ଦୁଲକର

ନୂଆଦିଲ୍ଲୀ,୨୩।୧୨: ମହାନ କ୍ରିକେଟର ସଚିନ ତେନ୍ଦୁଲକର ସୋସିଆଲ ମିଡିଆରେ ଏକ ଭିଡିଓ ଶେୟାର କରିଛନ୍ତି। ଏହି ଭିଡିଓରେ ଏକ ଛୋଟ ଝିଅ ବୋଲିଂ କରୁଥିବା ଦେଖାଯାଉଛି, ଯାହାର କାର୍ଯ୍ୟ ଭାରତର କିମ୍ବଦନ୍ତୀ ବୋଲର ଜାହିର ଖାନଙ୍କ ସହିତ ସମାନ। ଏହି ଝିଅଟିର ନାମ ସୁଶୀଲା ମୀନା। ସଚିନ ତେନ୍ଦୁଲକର ତାଙ୍କ ବୋଲିଂ ଆକ୍ସନ ଦ୍ୱାରା ବହୁତ ପ୍ରଭାବିତ ହୋଇଛନ୍ତି। ସେ ତାଙ୍କ କ୍ୟାପସନରେ ଜହିର ଖାନଙ୍କୁ ମଧ୍ୟ ଟ୍ୟାଗ କରିଛନ୍ତି। ଏହି ଲେଖା ଲେଖିବାର ସମୟ ପର୍ଯ୍ୟନ୍ତ, ଏହି ଭିଡିଓକୁ ୪ ଲକ୍ଷରୁ ଅଧିକ ଥର ଦେଖାଯାଇଛି। ସଚିନ ତେନ୍ଦୁଲକର ଏହି ଭିଡିଓର କ୍ୟାପସନରେ ଲେଖିଛନ୍ତି, ସୁଥ ଏବଂ ଦେଖିବାର ଆନନ୍ଦ। ଜାହିର ଖାନ, ସୁଶୀଳା ମୀନାଙ୍କ ବୋଲିଂ ଆକ୍ସନ ଆପଣଙ୍କ ପରି ଦେଖାଯାଉଛି। ଆପଣ ଏହା ମଧ୍ୟ ଦେଖିଛନ୍ତି କି ? ଜାହିର ଖାନ ବାମହାତୀ ଦ୍ରୁତ ବୋଲର ଥିଲେ। ସଚିନ ଏହି ଭିଡିଓ ଶେୟାର କରିବା ମାତ୍ରେ ଏହାକୁ ସୋସିଆଲ ମିଡିଆରେ ବହୁଳ ଭାବରେ ସେୟାର କରାଯାଉଛି। ପ୍ରଶଂସକମାନେ ମଧ୍ୟ ସୁଶୀଳାଙ୍କୁ ବହୁତ ପ୍ରଶଂସା କରୁଛନ୍ତି।

'Aamliya_ishwar' ର ଏକ ଇନଷ୍ଟାଗ୍ରାମ ଆକାଉଣ୍ଟ ଅନୁଯାୟୀ ସୁଶୀଳା ମୀନା ରାଜସ୍ଥାନର ପ୍ରତାପଗଡ ଅଞ୍ଚଳରେ ରୁହନ୍ତି। ଏହି ଆକାଉଣ୍ଟରେ ସୁଶୀଲାଙ୍କର ଅନ୍ୟ କ୍ରିକେଟ ସମ୍ବନ୍ଧୀୟ ଭିଡିଓ ମଧ୍ୟ ଉପଲବ୍ଧ। ସ୍କୁଲ ମଧ୍ୟରେ କ୍ରିକେଟ ମ୍ୟାଚ ଖେଳୁଥିବା ବେଳେ ସୁଶୀଲା ପ୍ରାୟତ। ଦେଖାଯାଏ। ଜାହିରଙ୍କ ଜଣେ ସୁଇଙ୍ଗ ମାଷ୍ଟର ଭାବରେ ଜଣାଶୁଣା, ଯିଏ ଉଭୟ ପାର୍ଶ୍ୱରେ ବଲ ସୁଇଙ୍ଗ କରିବାରେ ସକ୍ଷମ ଥିଲେ। ସେ ୩୦୯ ମ୍ୟାଚର ଅନ୍ତର୍ଜାତୀୟ କ୍ୟାରିୟରରେ ମୋଟ ୬୧୦ ଇଇକେଟ ନେଇଥିଲେ। କପିଲ ଦେବଙ୍କ ପରେ ସେ ଭାରତ ପାଇଁ ସର୍ବାଧିକ ଇଇକେଟ ନେଇଥିବା ଦ୍ୱିତୀୟ ଦ୍ରୁତ ବୋଲର ଥିଲେ।

ବିବାହ ବନ୍ଧନରେ ବାନ୍ଧି ହେଲେ ପିଭି ସିନ୍ଧୁ

ନୂଆଦିଲ୍ଲୀ, ୨୩।୧୨: ବାଜିଲା ଶାହାନାଇ। ପଡ଼ିଲା ହାତ ଗଣ୍ଠି। ହାତକୁ ଦି ହାତ ହେଲେ ଭାରତର ବ୍ୟାଡମିଣ୍ଟନ ଷ୍ଟାର୍ ପିଭି ସିନ୍ଧୁ। ଭେଙ୍କଟ ଦତ୍ତା ସାଇଙ୍କ ସାଜିଲେ କନିଆଁ। ଉଦୟପୁରରେ ଉଭୟ ନେଲେ ସାତ ଫେରା। ଗତକାଲି ରାଜସ୍ଥାନର ଉଦୟପୁରରେ ହିନ୍ଦୁ ରୀତିନୀତି ଅନୁଯାୟୀ ବ୍ୟାଡ୍‌ମିଣ୍ଟନ ଷ୍ଟାର ପିଭି ସିନ୍ଧୁ ହାଇଦ୍ରାବର ଭେଙ୍କଟ ଦତ୍ତା ସାଇଙ୍କ ସହ ବିବାହ କରିଛନ୍ତି। ଭେଙ୍କଟ ପେସାରେ ଜଣେ ବିଜନେସ୍ ମ୍ୟାନ୍। ସେ ପ୍ରୋସାଇଡେକ୍ସ ଟେକ୍ନୋଲଜିର ଏଗ୍‌ଜିକ୍ୟୁଟିଭ ଡାଇରେକ୍ଟର ଅଟନ୍ତି। ପିଭି ସିନ୍ଧୁ ଓ ଭେଙ୍କଟଙ୍କ ବିବାହ ବେଳର ଫଟୋ ଏବେ ସାମ୍ନାକୁ ଆସିଛି। ଯାହା ସୋଶାଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଏହି ବିବାହରେ ଅନେକ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇଥିଲେ। ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଓ କେନ୍ଦ୍ର ମନ୍ତ୍ରୀ ଗଜେନ୍ଦ୍ର ସିଂହ ଶେଖାୱାତ ମଧ୍ୟ ସିନ୍ଧୁଙ୍କ ବିବାହକୁ ଆସିଥିଲେ। ଘନିଷ୍ଠ ବନ୍ଧୁବାନ୍ଧବଙ୍କ ସହ କିଛି ସେଲିବ୍ରିଟିଙ୍କୁ ପିଭି ସିନ୍ଧୁଙ୍କ ବିବାହକୁ ନିମନ୍ତ୍ରଣ କରାଯାଇଥିଲା। କେବଳ ସୀମିତ ଲୋକଙ୍କ ଉପସ୍ଥିତିରେ ଏହି ବିବାହ ସମ୍ପନ୍ନ ହୋଇଥିଲା। ମଙ୍ଗଳବାର ତାଙ୍କ ରିସେପ୍‌ସନ୍ ଅଛି। ଏଥିରେ ଅନେକ ସେଲେବ୍ରିଟି ସାମିଲ ହେବେ। ସିନ୍ଧୁ ମହାନ କ୍ରିକେଟର ସଚିନ ତେନ୍ଦୁଲକରଙ୍କୁ ମଧ୍ୟ ନିମନ୍ତ୍ରଣ କରିଥିଲେ। ସେ ନିଜେ ଭେଙ୍କଟଙ୍କ ସହ ସଚିନଙ୍କ ଘରକୁ ଯାଇଥିଲେ। ସିନ୍ଧୁ ଏବଂ ଭେଙ୍କଟ ଉଦୟପୁରର ହୋଟେଲ ରାଫେଲରେ ବିବାହ କରିଥିଲେ। ବିବାହ ସମୟରେ ସିନ୍ଧୁ ଏକ ଗୋଲ୍ଡେନ୍ ଓ କ୍ରିମ୍ କଲର୍‌ର ସ୍ୱତନ୍ତ୍ର ଶାଢ଼ି ପିନ୍ଧିଥିଲେ।

ଇତିହାସ ରଚିଲା ପାକିସ୍ତାନ

ନୂଆଦିଲ୍ଲୀ,୨୩।୧୨: ତିନି ମ୍ୟାଚ ବିଶିଷ୍ଟ ଦିନିକିଆ ସିରିଜରେ ପାକିସ୍ତାନ ଦକ୍ଷିଣ ଆଫ୍ରିକାକୁ ପରାସ୍ତ କରିଛି। ସିରିଜର ତୃତୀୟ ତଥା ଶେଷ ମ୍ୟାଚରେ ଡକ୍‌ୱର୍ଥ-ଲୁଇସ୍ ନିୟମ ଅଧୀନରେ ପାକିସ୍ତାନ ୩୬ ରନ ଜିତିଥିଲା। ଏହି ବିଜୟ ସହିତ ପାକିସ୍ତାନ ବିଶ୍ୱ ରେକର୍ଡ ହାସଲ କରିଛି। ବର୍ତ୍ତମାନ ପାକିସ୍ତାନ ନିଜ ଘରୋଇ ଗ୍ରାଉଣ୍ଡରେ ଏକ ଦିନିକିଆ ସିରିଜରେ ଦକ୍ଷିଣ ଆଫ୍ରିକାକୁ ଘରୋଇ ମାଟିରେ କ୍ଲିନ୍ ସୁଇପ୍ କରିବାରେ ବିଶ୍ୱର ପ୍ରଥମ ଦଳ ହୋଇଛି। ମହମ୍ମଦ ରିଜୱାନଙ୍କ ଅଧିନାୟକତ୍ୱରେ ପାକିସ୍ତାନ ଏହି ପ୍ରଦର୍ଶନ କରିଛି। ଜୋହାନ୍ସବର୍ଗରେ ପାକିସ୍ତାନ ଏବଂ ଆଫ୍ରିକା ମଧ୍ୟରେ ତୃତୀୟ ଦିନିକିଆ ଖେଳାଯାଇଥିଲା। ଏହି ମ୍ୟାଚରେ ପ୍ରଥମେ ପାକିସ୍ତାନ ପକ୍ଷରୁ ଭଲ ବ୍ୟାଟିଂ ଏବଂ ପରେ ଚମତ୍କାର ବୋଲିଂ ଦେଖିବାକୁ ମିଳିଥିଲା। ଦକ୍ଷିଣ ଆଫ୍ରିକା ଟସ ଜିତି ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା। ପାକିସ୍ତାନ ୪୭ ଓଭରରେ ବୋର୍ଡରେ ୩୦୮/୯ ରନ ସଂଗ୍ରହ କରିଥିଲା। ବର୍ଷା ହେତୁ ଦଳ କେବଳ ୪୭ ଓଭର ପାଇଁ ବ୍ୟାଟିଂ କରିପାରିବ। ଏହି ସମୟ ମଧ୍ୟରେ ଦଳ ପାଇଁ ଖୋଲିବାକୁ ଆସିଥିବା ସାମ ଆୟୁବ ଏକ ଚମତ୍କାର ଇନିଂସ ଖେଳି ୯୪ ବଲରେ ୧୩ ଚୌକା ଓ ୨ ଛକା ସହାୟତାରେ ୧୦୧ ରନ ସ୍କୋର କରିଥିଲେ। ଦକ୍ଷିଣ ଆଫ୍ରିକା ଦଳ ୪୨ଓଭରରେ ୨୭୧ ରନରେ ଅଲଆଉଟ୍ ହୋଇଥିଲା।

ମନ୍ନତା, ସୃଷ୍ଟିଙ୍କ ନୂଆ ଜାତୀୟ ରେକର୍ଡ

ଭୁବନେଶ୍ୱର, ୨୩।୧୨: ଦକ୍ଷିଣ ଆଫ୍ରିକାରେ ଆୟୋଜିତ କେଏନ୍‌ଜେଡ୍ ପ୍ରୋଭିଜିନାଲ୍ ସନ୍ତରଣ ଚାମ୍ପିଅନସିପ୍‌ରେ ଦୁଇ ଓଡ଼ିଆ ଝିଅ ମନ୍ନତା ମିଶ୍ର ଓ ସୃଷ୍ଟି ଉପାଧ୍ୟାୟ ନୂଆ ଜାତୀୟ କୀର୍ତ୍ତିମାନ ସ୍ଥାପନ କରି ଇତିହାସ ରଚିଛନ୍ତି। ମନ୍ନତା ୧୦୦ମିଟର ବ୍ରେଷ୍ଟ ଷ୍ଟ୍ରୋକ୍‌ରେ ୧:୧୨.୯୦ ମିନିଟ୍ ସମୟ ନେଇ ପୂର୍ବରୁ ଥିବା ୧:୧୩:୧୩ ମିନିଟ୍‌ର କୀର୍ତ୍ତିମାନକୁ ଟପିଥିଲେ। ସେ ମଧ୍ୟ ଜାତୀୟ ମହିଳା ସନ୍ତରଣର ସର୍ବକନିଷ୍ଠ ଏବଂ ଓଡ଼ିଶାର ପ୍ରଥମ ଜାତୀୟ ସନ୍ତରଣ ରେକର୍ଡଧାରୀ ହୋଇଛନ୍ତି। ସେହିଭଳି ଏହି ପ୍ରତିଯୋଗିତାର ମହିଳା ୧୦୦ ମିଟର ବଟରଫ୍ଲାଏରେ ସୃଷ୍ଟି ନୂଆ ଜାତୀୟ ରେକର୍ଡ ନିଜ ନାଁରେ କରି ନେଇଛନ୍ତି। ୧:୦୨.୫୩ ମିନିଟ୍ ସମୟ ସହ ପୂର୍ବର ୧:୦୨.୭୮ ମିନିଟ୍ ସମୟକୁ ଅତିକ୍ରମ କରିଛନ୍ତି। ମହିଳା ସନ୍ତରଣର କୌଣସି ଜାତୀୟ ରେକର୍ଡ ହାସଲ କରିବାରେ ସୃଷ୍ଟି ମଧ୍ୟ ଓଡ଼ିଶାର ସର୍ବକନିଷ୍ଠ ଖେଳାଳି ହେବାର ଗୌରବ ଅର୍ଜନ କରିଛନ୍ତି। ଏହି ଅନନ୍ୟ ସଫଳତା ଲାଗି ଓଡ଼ିଶା ସନ୍ତରଣ ସଂଘ ଏବଂ ସର୍ବଭାରତୀୟ ସନ୍ତରଣ ମହାସଂଘ ମନ୍ନତା ଓ ସୃଷ୍ଟିଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

ଖୋ-ଖୋ ବିଶ୍ୱକପ ୨୦୨୫

ସମସ୍ତଙ୍କୁ ମିଳିବ ଫ୍ରି ଏଣ୍ଟ୍ରି

ନୂଆଦିଲ୍ଲୀ, ୨୨/୧୨: ଭାରତରେ ହେବାକୁ ଥିବା ପ୍ରଥମ ଖୋ-ଖୋ ବିଶ୍ୱକପ ମ୍ୟାଚ୍ ସମୟରେ ଦର୍ଶକମାନେ ଷ୍ଟାଡିୟମରେ ମାଗଣା ପ୍ରବେଶ କରିବେ। ଖୋ-ଖୋ ମହାସଂଘ (କେକେଏଫ୍‌ଆଇ) ସଭାପତି ତଥା ବିଶ୍ୱକପ୍ ଆୟୋଜକ କମିଟିର ମୁଖ୍ୟ ସୁଧାଂଶୁ ମିତ୍ତଲ ରବିବାର ଗଣମାଧ୍ୟମରେ ପ୍ରକାଶ କରିଛନ୍ତି। ସେ କହିଛନ୍ତି ଯେ, ଏହି ଆୟୋଜନର ଉଦ୍ଦେଶ୍ୟ ନୂତନ ପୀଢ଼ିକୁ ପ୍ରେରଣା ଦେବା। ତେଣୁ ଉଭୟ ପୁରୁଷ ଏବଂ ମହିଳା ବର୍ଗରେ ଦର୍ଶକଙ୍କ ପାଇଁ ଷ୍ଟାଡିୟମର ପ୍ରବେଶ ମାଗଣା ରଖାଯିବ। ଏହି ବିଶ୍ୱକପ ଦେଖିବା ପାଇଁ ଷ୍ଟାଡିୟମକୁ ଆସୁଥିବା ସ୍କୁଲ ପିଲାମାନଙ୍କୁ ମଧ୍ୟ ସ୍ୱାଗତ ଯୋଗାଇ ଦିଆଯିବ ବୋଲି ସୁଧାଂଶୁ ମିତ୍ତଲ କହିଛନ୍ତି। ଏହି ପଦକ୍ଷେପ ଦର୍ଶକଙ୍କୁ ବିଶେଷ ରୂପରେ ଯୁବ ପିଢ଼ୀଙ୍କୁ ଖେଳ ସହିତ ଯୋଡ଼ିବ ଏବଂ ଖୋ-ଖୋକୁ ଏକ ପ୍ରମୁଖ ଖେଳ ଭାବରେ ପ୍ରତିଷ୍ଠିତ କରିବାରେ ପ୍ରେରଣା ଯୋଗାଇବ।

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

ପ୍ଲାଷ୍ଟିକ ବ୍ୟାଗ୍ ...

ନେଇଛନ୍ତି। ଏଥିମଧ୍ୟରୁ ୩ଟି କାରଖାନା କାର୍ଯ୍ୟକ୍ଷମ ହୋଇଛି । ତନ୍ମଧ୍ୟରୁ ଆଜି ଲୋକାର୍ପିତ ହୋଇଥିବା ଏହି ପ୍ଲାଷ୍ଟିକ ବ୍ୟାଗ ଉତ୍ପାଦନ କାରଖାନା ଏନର୍ଜନ ପଲିମାଟିକ୍ସ କମ୍ପାନୀ ଦ୍ୱାରା ସ୍ଥାପିତ ହୋଇଛି । ଏଠାରେ ପଲିପ୍ରପିଲିନ କାରଖାନାର କଞ୍ଚାମାଲକୁ ନେଇ ଏନରଗନ ପ୍ଲାଷ୍ଟିକ ବ୍ୟାଗ୍ ତିଆରି କରିବାର ଏକ ପ୍ରଡକ୍ଟ ଲାଇନ ତିଆରି କରିପାରିଥିବାରୁ ଧନ୍ୟବାଦ ଦେଇଛନ୍ତି କେନ୍ଦ୍ରମନ୍ତ୍ରୀ। କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ ଏହି ପ୍ଲାଣ୍ଟ ପ୍ରତିଷ୍ଠା ଦ୍ୱାରା ପ୍ଲାଷ୍ଟିକ ବ୍ୟାଗ୍ ଉତ୍ପାଦନରେ ଓଡ଼ିଶା ଅଧିକ ଆତ୍ମନିର୍ଭର ହେବ। ପାରାଦୀପ ପ୍ଲାଷ୍ଟିକ ପାର୍କରେ ପ୍ଲାଷ୍ଟିକ ବ୍ୟାଗ ଉତ୍ପାଦନ କାରଖାନାର ପ୍ରକ୍ରିୟାକରଣ କ୍ଷମତା ରହିଛି ମାସିକ ୫୦୦ ମେଟ୍ରିକ୍ ଟନ। ଏହି ସ୍ୱୟଂଚାଳିତ ପ୍ଲାଣ୍ଟରେ ବିଭିନ୍ନ ପ୍ରକାର ପ୍ଲାଷ୍ଟିକ ବ୍ୟାଗ୍ ତିଆରି ହେବ । ଏହି ବ୍ୟାଗ ତିଆରି ପାଇଁ ସିମେଣ୍ଟ, ଫର୍ଟିଲାଇଜର ଏବଂ ପେଟ୍ରୋକେମିକାଲ୍ସ ଶିଳ୍ପ ସହ ଆନୁସଙ୍ଗିକ ସୁବିଧା ରହିଛି । ଭାରତ ସରକାର ଏବଂ ଓଡ଼ିଶା ସରକାରଙ୍କ ମିଳିତ ଭାବରେ ଏହି ପ୍ଲାଷ୍ଟିକ ପାର୍କର କଳ୍ପନା କରିଥିଲେ। ଆଗାମୀ ଦିନରେ ଓଡ଼ିଶା ସରକାରଙ୍କ ସହଯୋଗରେ କେମିକାଲ୍ସ ଏବଂ ପେଟ୍ରୋକେମିକାଲରେ ଇଣ୍ଡିଆନ ଅଏଲର ନାପ୍‌ଥା କ୍ରାକର ଦ୍ୱାରା ପ୍ରାୟ ୬୧ ହଜାର କୋଟି ଟଙ୍କା ଖର୍ଚ୍ଚ କରି ବହୁ ଆକାଂକ୍ଷୀ ଯୋଜନା କରିବା ପାଇଁ ଯାଉଛି। ପୂର୍ବ ସରକାରର ଅସହଯୋଗ କାରଣରୁ ଏହି କାମ ବିଳମ୍ବ ହୋଇଛି।

ଆଜିର ଡବଲ ଇଞ୍ଜିନ ସରକାର ସଠିକ୍ ପଦକ୍ଷେପ ନିଆଯାଉଛି । ଓଡ଼ିଶାର ଅର୍ଥନୀତିକୁ ମଜଭୁତ୍ କରିବା ପାଇଁ ହେଲେ ଆମ ପାଖରେ ଥିବା ସମ୍ଭାବନାକୁ ସ୍ଥାନୀୟ ଲୋକଙ୍କ ସହ ଯୋଡିବାକୁ ପଡିବ। ପୂର୍ବୋଦୟ ମିଶନରେ ଓଡ଼ିଶା ବିଶେଷ ଭାବରେ ପାରାଦୀପରେ ଶିଳ୍ପ ଭିତ୍ତିଭୂମିକୁ ସୁଦୃଢ କରିବା ପାଇଁ ବିଶେଷ ପ୍ରାଥମିକତା ଦେଉଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ପେଟ୍ରୋଲିୟମ ମନ୍ତ୍ରୀ ହରଦୀପ ସିଂହ ପୁରୀ ଏବଂ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଶ୍ରୀ ପ୍ରଧାନ ଧନ୍ୟବାଦ ଜଣାଇଛନ୍ତି।

ଏହି ସମାରୋହରେ ଓଡ଼ିଶା ସରକାରଙ୍କ ଶିଳ୍ପ, ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ସ୍ୱାଇଁ ଉପସ୍ଥିତ ଥିଲେ ।

ଫେଲ୍...

ପାରିବ ନାହିଁ ବୋଲି ସରକାର ସ୍ପଷ୍ଟ ଭାବେ କହିଛନ୍ତି। ଶିକ୍ଷାର ଉନ୍ନତି ପାଇଁ କେନ୍ଦ୍ର ସରକାର ଏହି ନିଷ୍ପତ୍ତି ନେଇଛନ୍ତି।

ଶିକ୍ଷା ମନ୍ତ୍ରଣାଳୟର ଅଧିକାରୀଙ୍କ କହିବା ଅନୁଯାୟୀ କେନ୍ଦ୍ରୀୟ ବିଦ୍ୟାଳୟ, ନବୋଦୟ ବିଦ୍ୟାଳୟ ଓ ସୈନିକ୍ ସ୍କୁଲ୍ ସମେତ ୩୦୦୦ ରୁ ଅଧିକ କେନ୍ଦ୍ର ସରକାରଙ୍କ ଦ୍ୱାରା ପରିଚାଳିତ ବିଦ୍ୟାଳୟଗୁଡ଼ିକରେ ଏହି ନୂଆ ନିୟମ ପ୍ରଯୁଜ୍ୟ ହେବ। ମାତ୍ର ଶିକ୍ଷା ରାଜ୍ୟର ବ୍ୟାପାର ହୋଇଥିବାରୁ ରାଜ୍ୟଗୁଡ଼ିକ ସେମାନଙ୍କ ହିସାବରେ ଅନ୍ୟ ସ୍କୁଲରେ ଏହି ନିୟମ ଲାଗୁ କରିପାରିବେ।

ସୂଚନାଯୋଗ୍ୟ, ଲୋକସଭାରେ ଶିକ୍ଷା ଅଧିକାର (ଆର୍‌ଟିଇ) ଅଧିନିୟମରେ ସଂଶୋଧନ ପାଇଁ ଏକ ବିଲ୍ ପାରିତ ହୋଇଥିଲା। ଯାହା ସ୍କୁଲଗୁଡିକରେ 'ନୋ ଡିଟେନ୍‌ସନ୍ ପଲିସି' ଲାଗୁ କରିଥିଲା। ଶିକ୍ଷା ଅଧିକାରୀ ଆଇନ ୨୦୧୯ରେ ସଂଶୋଧନ କରି ୧୬ ରାଜ୍ୟ ଓ ୨ କେନ୍ଦ୍ର ଶାସିତ ଅଞ୍ଚଳର ସ୍କୁଲ ଗୁଡ଼ିକ ଫେଲ୍ ନ ହେବା କଟକଣାକୁ ହଟାଇ ଦେଇଛନ୍ତି। ସେମାନେ ମଧ୍ୟ ୫ମ ଓ ୮ମ ଶ୍ରେଣୀ ପାଇଁ ଏହି ନିୟମ ଲାଗୁ କରିଛନ୍ତି।

ପାଞ୍ଚ ଦିନ...

ଫସଲ କ୍ଷୟକ୍ଷତିର ସଠିକ୍ ମୂଲ୍ୟାଙ୍କନ କରିବାକୁ ଜିଲ୍ଲା ପ୍ରଶାସନକୁ ନିର୍ଦ୍ଦେଶ ଦିଆଯାଇଛି। କ୍ଷୟକ୍ଷତି ଆକଳନ ପାଇଁ ପ୍ରଭାବିତ ହୋଇ ନ ଥିବା ଅଞ୍ଚଳର ଅଧିକାରୀମାନଙ୍କୁ ନିୟୋଜନ କରିବାକୁ ପ୍ରଶାସନକୁ ନିର୍ଦ୍ଦେଶ ଦିଆଯାଇଛି। ରାଜସ୍ୱ ବିଭାଗ ଅଧିକାରୀମାନେ ବିଭିନ୍ନ ଅଂଚଳରେ ଆକଳନ ଆରମ୍ଭ କରିସାରିଛନ୍ତି। ସେମାନଙ୍କୁ ତିନିଦିନ ମଧ୍ୟରେ ମୂଲ୍ୟାଙ୍କନ ସମାପ୍ତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ପ୍ରାକୃତିକ ବିପର୍ଯ୍ୟୟ ଯୋଗୁଁ ରାଜ୍ୟ ସରକାର କ୍ଷତିପୂରଣ ଦେବେ। କୃଷକମାନଙ୍କୁ ଚିନ୍ତିତ ନ

କଳିଙ୍ଗ କର୍ଣ୍ଣଧାର ଷୋଳଭାଇ କୈବର୍ତ୍ତ ସଭା ପକ୍ଷରୁ କେନ୍ଦ୍ରମନ୍ତ୍ରୀଙ୍କୁ ଦାବିପତ୍ର

କୁଜଙ୍ଗ, ୨୩।୧୨ (ସଂଚାର ବ୍ୟୁରୋ) : କୁଜଙ୍ଗସ୍ଥିତ କଳିଙ୍ଗକର୍ଣ୍ଣଧାର ଷୋଳଭାଇ କୈବର୍ତ୍ତ ସଭା ପକ୍ଷରୁ ଆଜି କୁଜଙ୍ଗ ସ୍ଥିତ କାର୍ଯ୍ୟାଳୟ ଠାରେ ଶତାଧିକ କୈବର୍ତ୍ତ ସମ୍ପ୍ରଦାୟର ଲୋକମାନେ କେନ୍ଦ୍ରମନ୍ତ୍ରୀଙ୍କୁ ଭେଟି ସମ୍ବର୍ଦ୍ଧନା ଜଣାଇବା ସହିତ ଏହି ମହାନ ଜାତିର ବିଭିନ୍ନ ସମସ୍ୟା ଓ ଦାବି ପୂରଣ କରିବାକୁ ଅନୁରୋଧ ପତ୍ର ପ୍ରଦାନ କରିଥିବା ଜଣାପଡ଼ିଛି।

ଆଜି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କର ପାରାଦୀପ ଗସ୍ତ ଅବସରରେ ଉପରୋକ୍ତ ସଙ୍ଗଠନ ପକ୍ଷରୁ ତାଙ୍କୁ କୁଜଙ୍ଗଠାରେ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଶତାଧିକ କୈବର୍ତ୍ତ ସମ୍ପ୍ରଦାୟର ମୂରବୀମାନେ କେନ୍ଦ୍ରମନ୍ତ୍ରୀ ଶ୍ରୀଯୁକ୍ତ ପ୍ରଧାନଙ୍କ ସମେତ ରାଜ୍ୟ ସରକାରଙ୍କ ଶିଳ୍ପ ଓ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷାମନ୍ତ୍ରୀ ତଥା ପାରାଦୀପ ବିଧାୟକ ସମ୍ପଦ ଚରଣ ସ୍ୱାଇଁ, ଜଗତସିଂହପୁର ଲୋକସଭା ସାଂସଦ ବିଭୂପ୍ରସାଦ ତରାଇଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରିବା ସହିତ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ସମ୍ପ୍ରଦାୟର ମୂରବୀମାନେ ଉପକୂଳବର୍ତ୍ତୀ ଅଞ୍ଚଳ ବିଶେଷଭାବେ କୁଜଙ୍ଗ, ପାରାଦୀପ, ଏରାସମା ଓ କେନ୍ଦ୍ରାପଡ଼ା ଜିଲ୍ଲା ମହାକାଳପଡ଼ା, ମାର୍ଶାଘାଇ ଆଦି ଅଞ୍ଚଳର ଲକ୍ଷଲକ୍ଷ ସଂଖ୍ୟାରେ କୈବର୍ତ୍ତମାନେ ମହାନଦୀ ସମେତ ବିଭିନ୍ନ ଜୁଆରିଆ ନଦୀରେ ମାଛମାରି ସେମାନଙ୍କ ଜୀବିକା ନିର୍ବାହ କରୁଥିବା ବେଳେ ସେମାନଙ୍କର ବିଭିନ୍ନ ସମସ୍ୟା ଓ ଆବଶ୍ୟକତା ସମ୍ପର୍କରେ ଅନୁଧ୍ୟାନ କରିବା ସହିତ ପଦକ୍ଷେପ ଗ୍ରହଣ କରିବାକୁ ଏକ ଅନୁରୋଧ ପତ୍ର ପ୍ରଦାନ କରିଥିଲେ।

ଏହି ଅବସରରେ କଳିଙ୍ଗ କର୍ଣ୍ଣଧାର ଷୋଳଭାଇ କୈବର୍ତ୍ତ ମହାସଭାର ବରିଷ୍ଠ ଉପଦେଷ୍ଟା ପୂର୍ବତନ ସାଂସଦ ଡାକ୍ତର କୁଳମଣୀ ସାମଲ, କାର୍ଯ୍ୟକାରୀ ସଭାପତି ପ୍ରକାଶଚନ୍ଦ୍ର ପରିଡ଼ା, ସୁଧାଂଶୁ ଶେଖର ମହାପାତ୍ର, ଶରତ ବେହେରା, ନନ୍ଦିନୀ ପଣ୍ଡା, ରବୀନ୍ଦ୍ର ମହାପାତ୍ର, ରାଜନ କୁମାର ବେହେରା, ପୁରୁଷୋତମ ସ୍ୱାଇଁ, ବଟକୃଷ୍ଣ ପାଣୀ, କ୍ଷୀରୋଧ ମାଝୀ, ରଞ୍ଜନ କୁମାର ଦାସମହାପାତ୍ର, ମାନସ କୁମାର ତରାଇ, ନରେନ୍ଦ୍ର କୁମାର ପରିଡ଼ା, ବାବୁଲି ରାଉତ, ଜୟଦେବ ମହାପାତ୍ର, ଅଲେଖ ରାଉତ, ସୁରେନ୍ଦ୍ର କୁମାର ତରାଇ ପ୍ରମୁଖ କୈବର୍ତ୍ତ ଜାତିର ମୁରବୀଙ୍କ ସମେତ ବହୁ ସଂଖ୍ୟାରେ କୈବର୍ତ୍ତ ଜାତିର ଲୋକମାନେ ଉପସ୍ଥିତ ଥିଲେ।

ହିଞ୍ଜିଳିରେ କେବେ ଖୋଲିବ ରାତ୍ରି ଆଶ୍ରୟସ୍ଥଳୀ ?

ହିଞ୍ଜିଳିକାଟୁ, ୨୩।୧୨ (ସଂଚାର ବ୍ୟୁରୋ) : ଦୁଇ ଦିନର ବର୍ଷା ଛାଡିବା ପରେ ଶୀତର ପ୍ରକୋପ ଅଧିକାଂଶ ସ୍ଥାନରେ ବଢିଛି । ସକାଳ ହେଲା ମାତ୍ରେ ଘରୁ ବାହାରକୁ ବାହାରିବାକୁ ମନ କରୁନାହାନ୍ତି ଲୋକେ । ହେଲେ ଯେଉଁ ମାନଙ୍କର ମୁଣ୍ଡ ଗୁଞ୍ଜିବାକୁ ଛାତ ନାହିଁ, ସେମାନେ ଅତି ଦୟନୀୟ ଅବସ୍ଥାରେ ରାତି କାଟୁଛନ୍ତି । ତେବେ ହିଞ୍ଜିଳିକାଟୁ ସହରରେ କିଏ ଖୋଲା ଆକାଶ ତଳେ ତ କିଏ ରାସ୍ତା କଡରେ ଏବଂ ଆଉ କିଏ ବସ ଟର୍ମିନାଲ ପରିସରରେ ଶୀତରେ ଥରି ଥରି କାଟୁଛନ୍ତି ରାତି । ନିରାଶ୍ରୟଙ୍କ ପାଇଁ ସହରରେ ଖୋଲା ଯାଇଛି ରାତ୍ରି ଆଶ୍ରୟସ୍ଥଳୀ। ହେଲେ ସଚେତନତାର ଅଭାବ ହେଉ କି ପ୍ରଶାସନିକ ଅବହେଳା ଯୋଗୁଁ ଏହା ନିରାଶ୍ରୟଙ୍କ କାମରେ ଲାଗୁନି। ସେମାନେ ରାତିରେ ପୂର୍ବ ଭଳି ସେମିତି ରାସ୍ତାକଡ଼ରେ ଖୋଲା ଆକାଶ ତଳେ ଶୀତ କାକରରେ ଶୋଉଛନ୍ତି।

ଅସ୍ଥାୟୀ ଆଶ୍ରୟସ୍ଥଳୀ ଏବେ ପୋଷାକ କେନ୍ଦ୍ର

୨୦୧୯ ମସିହାରେ ଅସ୍ଥାୟୀ ରାତ୍ର ଆଶ୍ରୟସ୍ଥଳୀ ମିନି ଷ୍ଟାଡିୟମ ପରିସରରେ ଖୋଲାଗଲା ହେଲେ ପରେ ତାଲା ଝୁଲିଲା ଓ ବର୍ତ୍ତମାନ ପୋଷାକ କେନ୍ଦ୍ର ପାଲଟିଯାଇଛି । ପ୍ରବଳ ଜାଡ଼ରେ ନିରାଶ୍ରୟଙ୍କ ମୁଣ୍ଡ ଗୁଞ୍ଜିବାକୁ ଆଶ୍ରୟସ୍ଥଳୀ ନ ଥିବାରୁ ସହରର ବୁଦ୍ଧିଜୀବୀ ନାପସନ୍ଦ କରିଛନ୍ତି। ହିଂଜିଳି ମୁନିସିପାଲିଟି ହୋଇଥିବାରୁ ଭଲ ବ୍ୟବସାୟ ଆଶା ନେଇ ପ୍ରତିଦିନ ଗ୍ରାମାଞ୍ଚଳରୁ ଲୋକେ ନିଜ ନିଜର ପସରା ଧରି ସହର ମୁହାଁ ହୋଇଥା'ନ୍ତି । ଜିନିଷ ସରିଗଲେ ଦୁଇ ପଇସା ଲାଭବାନ ସହ ଘରକୁ ଫେରନ୍ତି ଆଉ ଯଦି ଜିନିଷ ନ ସରେ, ସେଇଠି ହିଁ ରହିଯା'ନ୍ତି। କାରଣ ତା' ପରଦିନ ଏହି ସାମଗ୍ରୀ ଧରି ପୁଣି ସହରକୁ ଆସିବା କଷ୍ଟକର ହୋଇପଡେ। ଇତି ମଧ୍ୟରେ କେତେ ଜଣ ବସଷ୍ଟାଣ୍ଡରେ ଶୋଇଥିବାର ଦୃଷ୍ଟି ଗୋଚର ହୋଇଥିଲା। ରାଜ୍ୟ ସରକାର ଗରିବ ଓ ଅସହାୟ ମାନଙ୍କ ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବା ବେଳେ ବାସ୍ତବ ଚିତ୍ର ନ କହିଲେ ଭଲ। ହାଡ଼ଭଙ୍ଗା ଶୀତ ରାତିରେ ନିରାଶ୍ରୟମାନେ ଯେମିତି ଭାବେ ଖୋଲା ଆକାଶ ତଳେ ରାତି କଟାଉଛନ୍ତି, ତାହା ଦେଖିଲେ ମନକୁ ଆସୁଛି କେବଳ ଗୋଟିଏ ପ୍ରଶ୍ନ- 'ସରକାରଙ୍କ ଏ ରାତ୍ରି ଆଶ୍ରୟସ୍ଥଳୀ' କାହା ପାଇଁ ?

ଏନେଇ କାର୍ଯ୍ୟ ନିର୍ବାହୀ ଅଧିକାରୀ ଜୁବୁଲି ବେହେରାଙ୍କୁ ପଚାରିବାରୁ ଏହିଭଳି ଅଭିଯୋଗ କେବେ ଆସି ନ ଥିଲା, ଖୁବ ଶୀଘ୍ର ଅସ୍ଥାୟୀ ଆଶ୍ରୟସ୍ଥଳୀ ଖୋଲା ରଖିବାକୁ ସୂଚନା ଦେଇଛନ୍ତି ।

ବିଜେଡି ପ୍ରତିଷ୍ଠା ଦିବସ ପ୍ରସ୍ତୁତି ବୈଠକ

ନୟାଗଡ଼, ୨୩।୧୨ (ସଂଚାର ବ୍ୟୁରୋ) : ନୟାଗଡ଼ ବିଜୁ ଜନତା ଦଳ କାର୍ଯ୍ୟାଳୟରେ ଆଜି ପ୍ରତିଷ୍ଠା ଦିବସ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବରିଷ୍ଠ କର୍ମକର୍ତ୍ତା, ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟଙ୍କ ସହିତ ଅନେକ ନେତୃବୃନ୍ଦ ଓ କର୍ମୀ ଯୋଗ ଦେଇଥିଲେ । ୨୬ ତାରିଖ ଦଳୀୟ କାର୍ଯ୍ୟାଳୟଠାରେ ପ୍ରତିଷ୍ଠା ଦିବସ ପାଳନ ହେବାକୁ ସ୍ଥିର କରାଯାଇଛି । ସକାଳ ୯ ଘଟିକାରୁ କାର୍ଯ୍ୟକ୍ରମ ଆରମ୍ଭ ହେବ । କାର୍ଯ୍ୟକ୍ରମରେ ସମସ୍ତ କର୍ମୀ ଯୋଗ ଦେବାକୁ ବିଧାୟକ ଆହ୍ୱାନ ଦେଇଛନ୍ତି । ୨୦୨୫ ନୂଆ ବର୍ଷରୁ ବିଜେଡି ନୂଆ ଭୂମିକା ନେବ ବୋଲି ବିଧାୟକ କହିବା ସହ ଶାରୀରିକ ଓ ମାନସିକ ସ୍ତରରେ ସମସ୍ତେ ପ୍ରସ୍ତୁତ ରହିବାକୁ ପରାମର୍ଶ ଦେଇଥିଲେ । ବୈଠକରେ ପୌର ପରିଷଦ ଅଧ୍ୟକ୍ଷା ନିରୂପମା ଖଟେଇ, ଉପାଧ୍ୟକ୍ଷ ଗୁରୁପ୍ରସାଦ ଜେନା, ଯୁବ ବିଜେଡି ଜିଲ୍ଲା ସଭାପତି ଦୁର୍ଯ୍ୟୋଧନ ବେହେରା, ଜିଲ୍ଲା ପରିଷଦ ସଦସ୍ୟ ସରୋଜ ରଣସିଂ, କ୍ଷୀରୋଦ ମହାପାତ୍ର ପ୍ରମୁଖ ଉପସ୍ଥିତ ରହିଥିଲେ ।

ସୋନା ମାଝୀ ଉମରକୋଟ ବିଧାୟକ ପ୍ରତିନିଧି

ନବରଙ୍ଗପୁର/ଉମରକୋଟ, ୨୩।୧୨ (ସଂଚାର ବ୍ୟୁରୋ) : ନବରଙ୍ଗପୁର ଜିଲ୍ଲା ଝରିଗାଁ ନିର୍ବାଚନ ମଣ୍ଡଳୀର ବିଧାୟକ ନରସିଂହ ଭତରା ଉମରକୋଟ ବ୍ଲକର ବିଧାୟକ ପ୍ରତିନିଧି ଭାବେ ବ୍ଲକର ଜଣେ ବରିଷ୍ଠ ବିଜେପି କର୍ମୀ ସୋନା ମାଝୀଙ୍କୁ ମନୋନୀତ କରିଛନ୍ତି। ଆଜି ବିଧାୟକ ନରସିଂହ ଭତରା ନିଜ ବିଜେପି କାର୍ଯ୍ୟାଳୟ ପୂର୍ଲା ଟାରେ ସୋନା ମାଝୀଙ୍କୁ ସ୍ମାରକପତ୍ର ପ୍ରଦାନ କରିଛନ୍ତି । ବିଧାୟକଙ୍କ ଅନୁପସ୍ଥିତିରେ ଶ୍ରୀ ବାଘ ତାଙ୍କ ପ୍ରତିନିଧି ଭାବେ ତାଙ୍କର ସମସ୍ତ କାର୍ଯ୍ୟ ତୁଲେଇବା ସହିତ ଜନସାଧାରଣ ମାନଙ୍କ ସହିତ ରହି ଅଞ୍ଚଳର ବିକାଶ ପାଇଁ କାର୍ଯ୍ୟ କରିବା ନେଇ ବିଧାୟକ ଶ୍ରୀ ଭତରା ସୂଚନା ଦେଇଛନ୍ତି। ଏହି ସ୍ମାରକପତ୍ର ପ୍ରଦାନ ବରିଷ୍ଠ ବିଜେପି ନେତା ଆଶୁତୋଷ ମଣ୍ଡଳ, ବାସନ୍ତୀ ମାଝୀ, କମଲୁ ମାଝୀ, ଦୋଳସାୟ ଭତରା, କୁର୍ଷଣ ମାଝୀ, ପବିତ୍ର ଗୋରଡା,ଉତ୍ତମ ହରିଜନ,, ବୋଲରମ ଗଣ୍ଡ ଚନ୍ଦ୍ର ସେକର ପୂଜାରୀ ,ସମେତ ଶତାଧିକ କର୍ମୀ ଓ ସମର୍ଥକ ଉପସ୍ଥିତ ରହିଥିଲେ।

ପାଣି ପାଇପ୍ ଚୋରି: ଥାନାରେ ୪ ଅଟକ, ଦୁଇ ମିନି ଟ୍ରକ ଜବତ

କୋଣାର୍କ, ୨୩।୧୨ (ସଂଚାର ବ୍ୟୁରୋ) : ରବିବାର ବିଳମ୍ବିତ ରାତିରେ କୋଣାର୍କ ଥାନା ପୋଲିସ ପାଟ୍ରୋଲିଂ କରୁଥିବା ବେଳେ କୋଣାର୍କ ଭଗବତୀ ମହାବିଦ୍ୟାଳୟ ପ୍ରାଚୀର ସମ୍ମୁଖରେ ପାନୀୟଜଳ ପ୍ରକଳ୍ପ ନିମନ୍ତେ ଆସିଥିବା ଜିଆଇ ପାଣି ପାଇପକୁ ଦୁଇଗୋଟି ମିନି ଟ୍ରକ ଯୋଗେ ଚୋରି କରୁଥିବା ବେଳେ ମଧ୍ୟପ୍ରଦେଶ, ଛତିଶଗଡ଼ ଓ ମହାରାଷ୍ଟ୍ର ଅଂଚଳର ୪ଜଣଙ୍କୁ କୋଣାର୍କ ଥାନା ପୋଲିସ ଅଟକ ରଖି ତଦନ୍ତ ଜାରି ରଖିଥିବା ଜଣାପଡିଛି। ଏହି ଘଟଣାକୁ ନେଇ କୋଣାର୍କ ଓ୍ୱାଟକୋ ସେସ୍ନନର ସହକାରୀ ପରିଚାଳକ ଦିପ୍ତୀ ରଞ୍ଜନ ପାତ୍ର ସୋମବାର ଜିଆଇ ପାଇପ ଚୋରିକୁ ନେଇ କୋଣାର୍କ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏହି ଘଟଣାରେ କୋଣାର୍କ ପୋଲିସ ପକ୍ଷରୁ ଛତିଶଗଡ ରାଜ୍ୟର ଏକ ଆଇଚେର ଗାଡି ନଂ - ସିଜି ୧୦ ବିଟି ୦୬୫୪ ଓ ମଧ୍ୟପ୍ରଦେଶ ରାଜ୍ୟର ଏକ ଆଇଚେର ଗାଡିନଂ-ଏମପି ୦୯ ଡିକେ ୯୬୭୧ ଗାଡି ଦୁଇଟିକୁ ଜବତ କରିଛି। ଏହି ଘଟଣାରେ ଛତିଶଗଡ ରାଜ୍ୟ ବିଳାସପୁର ଜିଲ୍ଲା ସିରିଖ ଥାନା ଗଣେଶ ନଗର ଗ୍ରାମର ଆଇଚେର ଗାଡିନଂ ସିଜି୧୦ ବିଟି ୦୬୫୪ ଗାଡିର ଡ୍ରାଇଭର ଲକ୍ଷ୍ମଣ ଯାଦବ ଓ ମହାରାଷ୍ଟ୍ର ଇନ୍ଦିରା ନଗର ତଳଗାଁ ଜିଲ୍ଲା ମୁକ୍ତାନଗର ଥାନା ଅଂଚଳର ହେଲପର ରାମକୃଷ୍ଣ ହାଡପାଇ(୨୩)ବର୍ଷ ଙ୍କୁ ଥାନାରେ ଅଟକ ରଖିଛି। ସେହିପରି ମଧ୍ୟପ୍ରଦେଶ ରାଜ୍ୟ ଉଜ୍ଜୟିନୀ ଜିଲ୍ଲାର ଆଇଚେରନଂ - ଏମପି ୦୯-ଡିକେ ୯୬୭୧ ର ଡ୍ରାଇଭର ଅରବିନ ସିଂହ (୩୫) ବର୍ଷ ଓ ହେଲପର ଯଶପାଲ ସିଂହ (୩୫)ବର୍ଷ ଦ୍ୱୟଙ୍କୁ ଥାନାରେ ଅଟକ ରଖି ତଦନ୍ତ ଜାରି ରଖିଛି। ପୂର୍ବରୁ ଏହି ସ୍ଥାନରୁ ଗତ ନଭେମ୍ବର ମାସ ୨୯ ତାରିଖରେ ଜିଆଇ ପାଇପ ଚୋରି ଘଟଣାରେ କୋଣାର୍କ ପୋଲିସ ଦୁଇ ଜଣଙ୍କୁ ଗିରଫ କରି ଏକ ଟ୍ରକ ସହିତ ପାଇପ ଜବତ କରି ମାମଲା ରୁଜୁ କରିଥିଲା।

ରାତ୍ରିକାଳୀନ ବସ ରହଣୀସ୍ଥଳି ପରିବର୍ତ୍ତନ ଦାବିରେ ତହସିଲଦାରଙ୍କୁ ଦାବିପତ୍ର

ନାଉଗାଁ, ୨୩।୧୨ (ସଂଚାର ବ୍ୟୁରୋ) : ସୂଚନା ଅନୁସାରେ ଜଗତସିଂହପୁର ଜିଲ୍ଲା ନାଉଗାଁ ବ୍ଲକ ଶିଖର ପଞ୍ଚାୟତର ସାରେଇକୂଳ ମୌଜାରେ ଖାତା ନମ୍ବର ୧୧୭୨ ପ୍ଲଟ ନଂ ୩୦୯୨ ଗୋଚର କିସମ ଜମିରେ ନାଉଗାଁ ବସ ଷ୍ଟାଣ୍ଡର ରାତ୍ରି କାଳୀନ ବସ ରହଣୀସ୍ଥଳି ନିମନ୍ତେ ତହସିଲ୍ ପକ୍ଷରୁ ଜାଗା ନିରୂପଣ କରାଯାଇଅଛି। କିନ୍ତୁ ସାରେଇକୂଳ ମୌଜାର ଗ୍ରାମବାସୀମାନେ ଆଜି ଏକତ୍ରୀତ ହୋଇ ତହସିଲଦାରଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଯେଉଁ ଦାବିପତ୍ରରେ ତହସିଲ୍ ପକ୍ଷରୁ ବସ ରାତ୍ରିକାଳୀନ ରହଣୀସ୍ଥଳି ପାଇଁ ନିରୂପଣ କରାଯାଇଥିବା ଜାଗାଟି ହେଉଛି ତାଙ୍କ ଗ୍ରାମର ଏକମାତ୍ର ଜାଗା ଯେଉଁଠି କି ଗାଈ ଗୋରୁ ଚରିବା ଠାରୁ ଆରମ୍ଭ କରି, ଶ୍ମସାନ ଶବଦାହ ଗୃହ, ଶ୍ମଶାନ ବିଶ୍ରାମସ୍ଥଳୀ, ପାନୀୟ ପ୍ରକଳ୍ପ, ପିଲା ମାନଙ୍କ ଖେଳ ପଡିଆ ସହିତ ଧାନ, ମୁଗ ବିରିର ଖଳା ସହିତ ଗ୍ରାମର ବିଭିନ୍ନ ପୌରାଣିକ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ମାନ କରାଯାଉଅଛି। ଯଦି ଏହି ଜାଗାଟିକୁ ବସ ରାତ୍ରିକାଳୀନ ରହଣୀସ୍ଥଳି ପାଇଁ ଦିଆଯାଏ ତେବେ ଆମ ଗ୍ରାମର ଗ୍ରାମବାସୀମାନେ ନାନା ପ୍ରକାର ଅସୁବିଧାର ସମ୍ମୁଖୀନ ହେବେ। ତେଣୁ ଏହି ପ୍ରକଳ୍ପ ଟିକୁ ଅନ୍ୟତ୍ର କରିବା ପାଇଁ ଗ୍ରାମବାସୀମାନେ ଆଜି ତହସିଲଦାରଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି।

ନୟାଗଡ଼ ଜିଲ୍ଲା ମହୋତ୍ସବ

ହଙ୍ଗଗୋଳରେ ସରିଲା ଇଭେଣ୍ଟ ମ୍ୟାନେଜମେଣ୍ଟ ବୈଠକ

ନୟାଗଡ଼, ୨୩।୧୨ (ସଂଚାର ବ୍ୟୁରୋ) : ନୟାଗଡ଼ ଜିଲ୍ଲା ମହୋତ୍ସବ ପଲ୍ଲିଶ୍ରୀ, ପୁସ୍ତକ ଓ କୃଷି ମେଳା ଆସନ୍ତାକାଲି ତଥା ୨୪ ତାରିଖଠାରୁ ଅନୁଷ୍ଠିତ ହେବାକୁ ଯାଉଛି । ଏଥିପାଇଁ ଆଜି ଉପଜିଲ୍ଲାପାଳ କର୍ଣ୍ଣଦେବ ସମାଦ୍ଦାରଙ୍କ ଅଧ୍ୟକ୍ଷତାରେ ଇଭେଣ୍ଟ ମ୍ୟାନେଜ୍‌ମେଣ୍ଟ ବୈଠକ ସଦଭାବନା ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଇଂ ଦେବାଶିଷ ପଟ୍ଟନାୟକ, ସହକାରୀ ଜିଲ୍ଲାପାଳ ତପତି ରାଜ୍, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସୁରେନ୍ଦ୍ର ନାଥ ସାହୁ ପ୍ରମୁଖ ଉପସ୍ଥିତ ରହିଥିଲେ । ବୈଠକରେ ଆଜି ପ୍ରବଳ ହଙ୍ଗଗୋଳ ହେବା ସହ ସଦସ୍ୟମାନେ ଉଦବେଗ ପ୍ରକାଶ କରିଥିଲେ।

ଜିଲ୍ଲା ମହୋତ୍ସବ କେଉଁ ଅଦୃଶ୍ୟ ଶକ୍ତି ଦ୍ୱାରା ପରିଚାଳିତ ହେଉଛି ବୋଲି ପ୍ରଶ୍ନ କରିଥିଲେ। କଲଚରାଲ୍ କମିଟିକୁ ଭାଙ୍ଗି ଇଭେନ୍ଟ ମ୍ୟାନେଜ୍‌ମେଣ୍ଟ କମିଟି ଗଠନର କାରଣ କଣ ବୋଲି ପ୍ରଶ୍ନ କରିଥିଲେ। ମହୋତ୍ସବ ପାଇଁ ସମସ୍ତ ପ୍ରସ୍ତୁତି ଶେଷ ହୋଇଥିବା, ଇଭେଣ୍ଟ ଚୟନ ସରିଥିବା ବେଳେ ଶେଷ ମୁହୂର୍ତ୍ତରେ ବୈଠକ ଡକାଯିବା ପଛରେ କି ରହସ୍ୟ ରହିଛି ବୋଲି ପ୍ରଶ୍ନ ଉଠିଥିଲା ।

ଜିଲ୍ଲା ପ୍ରଶାସନ ନିଜ ଇଚ୍ଛା ମୁତାବକ ସବୁ ପ୍ରସ୍ତୁତି କରିଥିବା ବେଳେ କମିଟି ମୁଣ୍ଡରେ ଅଠା ବୋଳିବା ପ୍ରୟାସରୁ କ୍ଷାନ୍ତ ରୁହନ୍ତୁ ବୋଲି ସଦସ୍ୟମାନେ ମତ ଦେଇଥିଲେ । ଏଯାଏଁ ବୁଦ୍ଧିଜୀବୀ ଓ ବରିଷ୍ଠ ନାଗରିକଙ୍କୁ ନିମନ୍ତ୍ରଣ ପତ୍ର ପ୍ରଦାନ କରାଯାଇନଥିବା ନେଇ ଉଦବେଗ ପ୍ରକାଶ ପାଇଥିଲା । ଅତିଥି ଚୟନ ଏବଂ ନିମନ୍ତ୍ରଣ ପତ୍ରରେ ବ୍ୟାପକ ତ୍ରୁଟିକୁ ସମାଲୋଚନା କରାଯାଇଥିଲା । ନୟାଗଡ଼ ସହରର ପ୍ରଥମ ନାଗରିକ ପୌର ପରିଷଦ ଅଧ୍ୟକ୍ଷା ହୋଇଥିବା ବେଳେ ରାଜ୍ୟ ବିଜେପି ଯୁବମୋର୍ଚ୍ଚା ସଭାପତି ଅଭିଳାଷ ପଣ୍ଡାଙ୍କୁ ନିମନ୍ତ୍ରଣ ପତ୍ରରେ ଆଗରେ ରଖିବା ଏବଂ ଅଧ୍ୟକ୍ଷାଙ୍କୁ ପଛରେ ପକାଇ ନୟାଗଡ଼ବାସୀଙ୍କୁ ନିନ୍ଦିତ କରାଯାଉଛି ବୋଲି ବୈଠକରେ ନିନ୍ଦା କରାଯାଇଥିଲା ।

ଦୁଷ୍କର୍ମକାରୀକୁ ୨୦ ବର୍ଷ ଜେଲ

ବ୍ରହ୍ମପୁର, ୨୩।୧୨ (ସଂଚାର ବ୍ୟୁରୋ) : ଏକ ନାବାଳିକା ଅପହରଣ ଓ ଦୁଷ୍କର୍ମ ମାମଲାର ବିଚାର କରି ବ୍ରହ୍ମପୁର ସ୍ଥିତ ସ୍ୱତନ୍ତ୍ର ପୋକସୋ ଜଜ୍ ପ୍ରଣତି ପଟ୍ଟନାୟକ ଜଣେ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ତାଙ୍କୁ ୨୦ ବର୍ଷ ଜେଲ ଦଣ୍ଡରେ ଦଣ୍ଡିତ କରିଛନ୍ତି । ଅଭିଯୁକ୍ତ ଜଣଙ୍କ ହେଲେ ଗଞ୍ଜାମ ଜିଲା ପାଟପୁର ଥାନା ଅନ୍ତର୍ଗତ ଗଙ୍ଗାପୁର ଗ୍ରାମର ଅନିଲ କୁମାର ସାହୁ(୨୭)। ଜେଲ ଦଣ୍ଡ ସହ ଅଭିଯୁକ୍ତଙ୍କୁ ୯ ହଜାର ଟଙ୍କା ଜରିମାନା ଦେବାକୁ ନିର୍ଦ୍ଦେଶ ହୋଇଛି। ଜରିମାନା ଅନାଦେୟ ଅତିରିକ୍ତ ୧୦ ମାସ ଜେଲ ଦଣ୍ଡ ଭୋଗିବାକୁ ହେବ ବୋଲି ଉକ୍ତ ରାୟରେ ଉଲ୍ଲେଖ ରହିଛି । ସୂଚନାଯୋଗ୍ୟ ଯେ,୨୦୨୦ ମସିହାରେ ଏକ ମନ୍ଦିରରେ ଆସ୍କା ଥାନା ଅଞ୍ଚଳର ଜନୈକା ନାବାଳିକା(୧୬ଙ୍କ ସହ ଅଭିଯୁକ୍ତ ଅନିଲଙ୍କ ଦେଖାସାକ୍ଷାତ ହୋଇଥିଲା। ପରବର୍ତ୍ତୀ ସମୟରେ ଅର୍ଥାତ ୨୦୨୧ ମସିହାରେ ଅଭିଯୁକ୍ତ ଅନିଲ କୁମାର ସାହୁ ଆନ୍ଧ୍ରପ୍ରଦେଶର ବିଜୟାୱାଡ଼ାରେ ଥିବା ଉକ୍ତ ନାବାଳିକାଙ୍କୁ ଏକ ଗାଡିରେ ଅପହରଣ କରି ହାଇଦ୍ରାବାଦକୁ ନେଇଯାଇଥିଲା। ସେଠାରେ ଏକ ଆପ୍ଟାର୍ଟମେଣ୍ଟରେ ନାବାଳିକାକୁ ରଖିଥିଲା। ଅନିଲ ଉକ୍ତ ନାବାଳିକାଙ୍କୁ ସେଠାରେ ଏକ ମନ୍ଦିରରେ ବିବାହ କରି କିଛିମାସ ରଖିଥିଲେ। ନାବାଳିକା ଜଣଙ୍କ ଦୁଇମାସର ଗର୍ଭବତୀ ହେବା ଜାଣିବା ପରେ ସେଠାରୁ କୌଶଳକ୍ରମେ ଅନିଲ ତାଙ୍କୁ ଗାଡିରେ ଆଣି ବିଜୟାୱାଡାରେ ଛାଡି ଦେଇ ଚାଲିଯାଇଥିଲେ। ପରେ ପିଡ଼ିତା ଜଣଙ୍କ ନିଜ ବାପାଙ୍କ ସହ ଗାଁ କୁ ଫେରି ଆସ୍କା ଥାନାରେ ଘଟଣାକୁ ନେଇ ଲିଖିତ ଅଭିଯୋଗ କରିଥିଲେ। ପୁଲିସ ଏକ ମାମଲା ରୁଜୁ କରିବା ସହ ଘଟଣାର ତଦନ୍ତ କରି ଅନିଲ ସାହୁଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। କିଛିମାସ ପରେ ସେ ଜାମିନ ପାଇଥିଲେ। ମମାଲର ବିଚାରଣା ବେଳେ ୧୨ ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା।

ନର୍ସରିରୁ ବାଉଁଶ ଗଛ ଉଭାନ

ନବରଙ୍ଗପୁର/ରାଇଘର, ୨୩।୧୨ (ସଂଚାର ବ୍ୟୁରୋ) : ରାଇଘର ବନ ବିଭାଗ ଅଧୀନ କୁମୁଲି ପଞ୍ଚାୟତ ପଟାଚୁଆଁ ନର୍ସରି ଭିତରେ ଥିବା ବାଉଁଶଗଛ ଉଭାନ ହୋଇଯାଇଛି। ବିଭାଗୀୟ ଅଧିକାରୀଙ୍କୁ ହାତକରି କେତେଜଣ ବ୍ୟକ୍ତି ଗଛ କାଟି ନେଇଥିବା ଓ ଏଥିରେ ଲକ୍ଷାଧିକ ଟଙ୍କା ହେର୍‌ଫେର୍ ହୋଇଥିବା ନିଜ ନାମ ଗୋପନ ରଖି କିଛି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଘଟଣାର

ସଂଚାର THE SANCHAR

ଆଜିଠୁ ବର୍ଷା, ୨୭ରେ ଲଘୁଚାପ

ଭୁବନେଶ୍ୱର,୨୩।୧୨ (ସଂଚାର ବ୍ୟୁରୋ): କାଲିଠୁ ପୁଣି ଓଡିଶାରେ ଆରମ୍ଭ ହେବ ବର୍ଷା। ବଙ୍ଗୋପସାଗର ରେ ସକ୍ରିୟ ଥିବା ଲଘୁଚାପ ପ୍ରଭାବରେ ବର୍ଷା ନେଇ ପୂର୍ବାନୁମାନ କରିଛି ଭାରତୀୟ ପାଣିପାଗ ବିଭାଗ। ଉପକୂଳ ଓଡ଼ିଶା ସମେତ ଦକ୍ଷିଣ ଆଭ୍ୟନ୍ତରୀଣ ଓଡିଶାରେ ବର୍ଷା ନେଇ ସତର୍କତା ଜାରି କରାଯାଇଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ହାଲୁକା ମଧ୍ୟମ ଧରଣର ବର୍ଷା କିଛି କିଛି ସମ୍ଭାବନା । ଗଂଜାମ, ଗଜପତି,ରାୟଗଡ଼ା,ପୁରୀ, ମାଲକାନାଗିରି ,କୋରାପୁଟ,ଖୋର୍ଦ୍ଧା, ନୟାଗଡ଼,କଟକ ରେ ହାଲୁକା ବର୍ଷା ସମ୍ଭାବନା ରହିଛି।ଆସନ୍ତାକାଲି ମଧ୍ୟ ଉପକୂଳ ଓଡ଼ିଶାର ପୁରୀ, ଖୋର୍ଦ୍ଧା, କଟକ, ଜଗତସିଂହପୁର, ଯାଜପୁର, କେନ୍ଦ୍ରାପଡା, ବାଲେଶ୍ୱର, ଭଦ୍ରକ, ଗଞ୍ଜାମ, ଗଜପତି,ରାୟଗଡ଼ା, ମାଲକାନାଗିରି,କୋରାପୁଟ ଜିଲ୍ଲାରେ ହାଲୁକା ବର୍ଷା ସମ୍ଭାବନା।୨୩ ,୨୪ ତାରିଖରେ ବର୍ଷା ରହିଥିବା ବେଳେ ୨୫ ତାରିଖରେ କମିବ ବର୍ଷାର ପରିମାଣ। ପୁଣି ୨୭ ତାରିଖରେ ଆଉ ଏକ ପଶ୍ଚିମାଞ୍ଚଳ ସକ୍ରିୟ ହେବ। ପ୍ରଭାବରେ ରାଜ୍ୟ ଅଧିକାଂଶ ଅଞ୍ଚଳରେ କୋହଲା ପାଗ ସହ ହାଲୁକା ବର୍ଷା ହେବାର ସମ୍ଭାବନା ରହିଛି। ବର୍ତ୍ତମାନ ରାଜ୍ୟରେ ବର୍ଷା ସହ ଶୀତ ର ପ୍ରକୋପ ରହିଛି। ଆସନ୍ତା ଦୁଇ ଦିନ ପରେ ତାପମାତ୍ରା ୨ ରୁ ୩ ଡିଗ୍ରୀ କମିବା ସହ ଶୀତ ବଢିବ। ବର୍ଷା, ଶୀତ ସହ ଘନ କୁହୁଡି ଅସ୍ତବ୍ୟସ୍ତ କରିବ। ଘନ କୁହୁଡି ନେଇ ସୁନ୍ଦରଗଡ, ଝାରସୁଗୁଡା, କେନ୍ଦୁଝର, ଅନୁଗୁଳ ଏବଂ କଳାହାଣ୍ଡି ଜିଲ୍ଲା କୁ ୟେଲୋ ଆଲର୍ଟ ଜାରି କରାଯାଇଛି। ବର୍ଷା ର ପ୍ରଭାବ ଅଧିକ ରହିଥିବାରୁ ଚାଷୀମାନଙ୍କୁ ସତର୍କ ରହିବା ପାଇଁ ପରାମର୍ଶ ଦିଆଯାଇଛି। ବିଶେଷ କରି ଅମଳ ଫସଲ ଯଥାସମ୍ଭବ ଘୋଡେଇ ରଖିବା ପାଇଁ ପରାମର୍ଶ ଦିଆଯାଇଛି।

ଲାଗିବ ୩ ନୂଆ ଡପଲର ରାଡାର

ଭୁବନେଶ୍ୱର,୨୩।୧୨(ସଂଚାର ବ୍ୟୁରୋ): ବନ୍ୟା, ବାତ୍ୟା, ବର୍ଷା ସବୁ କିଛିର ପୂର୍ବାନୁମାନ କରିବାରେ ସାହାଯ୍ୟ କରୁଥିବା ଡପଲର ରାଡାର ଏବେ ରାଜଧାନୀ ଭୁବନେଶ୍ୱର, ବାଲେଶ୍ୱର ଏବଂ ସମ୍ବଲପୁରରେ ଲାଗିବ। ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି)ର ୧୫୦ ବର୍ଷ ପୂର୍ତ୍ତି ଅବସରରେ ଲୋକସେବା ଭବନରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଏହି ସୂଚନା ଦିଆଯାଇଛି। ପାରାଦୀପ ଓ ଗୋପାଳପୁରରେ ଡପଲର ରାଡାର ଲାଗିଛି। ଏହା ଦ୍ୱାରା ପ୍ରାକୃତିକ ବିପର୍ଯ୍ୟୟ ଆକଳନ ଆହୁରି ସଠିକ ହେବ ବୋଲି କୁହାଯାଇଛି। ଭୂବିଜ୍ଞାନ ମନ୍ତ୍ରାଳୟ ଓ ଆଇଏମ୍‌ଡିର ମିଳିତ ଆନୁକୂଲ୍ୟରେ ଏକ ଦିବସୀୟ ଉପଯୋଗକର୍ତ୍ତା କର୍ମଶାଳା ଆୟୋଜିତ ହୋଇଛି। କର୍ମଶାଳାର ବିଷୟବସ୍ତୁ 'ଓଡ଼ିଶା ଉପରେ ଅତ୍ୟନ୍ତ ଭୀଷଣ ପାଣିପାଗ ଜନିତ ଘଟଣାସମୂହ' ରହିଥିଲା । କର୍ମଶାଳାରେ ମୁଖ୍ୟ ଅତିଥି ରୂପେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଯୋଗ ଦେଇଥିବାବେଳେ ଅନ୍ୟ ଅତିଥିଙ୍କ ମଧ୍ୟରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ସ୍ୱତନ୍ତ୍ର ରିଲିଫ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓ ରଞ୍ଜନ କୁମାର ସିଂହ, ଆଇଏମ୍‌ଡି ମହାନିର୍ଦ୍ଦେଶକ ଶ୍ରୀ ମହାପାତ୍ର, ଡ. ସୋମନାଥ ଦତ୍ତ, ମନୋରମା ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ବିପର୍ଯ୍ୟୟ ପରିଚାଳନାରେ ଓଡ଼ିଶା ଏକ ମଡେଲ ରୂପେ ପରିଗଣିତ ହେଉଛି। ଏହାର ପ୍ରମୁଖ ଶ୍ରେୟ ଭାରତ ପାଣିପାଗ ବିଜ୍ଞାନ ବିଭାଗକୁ ଦିଆଯାଏ। ୧୫୦ ବର୍ଷ ଏକ ଲମ୍ବା ଯାତ୍ରା ଏବଂ ଏହି ସମୟରେ ଓଡ଼ିଶା ବହୁତ ବଡବଡ ପ୍ରାକୃତିକ ବିପର୍ଯ୍ୟୟରୁ ରକ୍ଷା ପାଇ ଆସିଛି। ବାତ୍ୟା 'ଦାନା' ର ସୁପରିଚାଳନା ମଧ୍ୟ ପ୍ରାରମ୍ଭିକ ଚେତାବନୀ ଦ୍ୱାରା ସମ୍ଭବ ହୋଇପାରିଛି ବୋଲି ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ ଉଲ୍ଲେଖ କରିଥିଲେ। ଆମର ପାଣିପାଗ ବିଶେଷଜ୍ଞଙ୍କ ଯୋଗୁଁ ବିପର୍ଯ୍ୟୟର ପରିଚାଳନା ସହିତ ପାଣିପାଗ କେଉଁଭଳି ରହିବ ତାହାର ପୂର୍ବାନୁମାନ ଆଜିର ସମୟରେ ସହଜରେ ଉପଲବ୍ଧ ହୋଇପାରୁଛି ବୋଲି ମନ୍ତ୍ରୀ ଶ୍ରୀ ପୂଜାରୀ କହିଥିଲେ। ପ୍ରାକୃତିକ ବିପର୍ଯ୍ୟୟବେଳେ ସର୍ବଦା ସାଥିରେ ରହି ସମୟକୁ ସମୟ ସଠିକ ଅନୁମାନ ଯୋଗାଇ ଦେଉଥିବାରୁ ପାଣିପାଗ ବିଭାଗକୁ ଶ୍ରୀ ଦେଓ ରଞ୍ଜନ ସିଂହ ଧନ୍ୟବାଦ ଜଣାଇଥିଲେ ।

ଶ୍ରୀ ମହାପାତ୍ର କହିଥିଲେ, ଓଡ଼ିଶା ଏକମାତ୍ର ରାଜ୍ୟ ଯେଉଁଠି ସମସ୍ତ ୩୦ ଜିଲ୍ଲାରେ ପର୍ଯ୍ୟବେକ୍ଷଣ କେନ୍ଦ୍ର ରହିଛି । ଆଉ ୩ ଗୋଟି ରାଡ଼ାର ରାଜ୍ୟକୁ ଯୋଗାଇଦେବା ପାଇଁ ପ୍ରସ୍ତୁତି ଚାଲିଛି। ମୌସମ ମୋବାଇଲ୍ ଆପ୍ ଜରିଆରେ ଯେକୌଣସି ସ୍ଥାନର ପାଣିପାଗ ବିଷୟରେ ଜାଣି ହେଉଛି ବୋଲି ମହାନିର୍ଦ୍ଦେଶକ । ଭୁବନେଶ୍ୱର ପାଣିପାଗ ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ମନୋରମା ମହାନ୍ତି ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବାବେଳେ ସଂଜୀବ ଦ୍ୱିବେଦୀ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ୧୫୦ ବର୍ଷର ଉଲ୍ଲେଖନୀୟ ଯାତ୍ରା ଉପରେ ଏକ ଭିଡ଼ିଓ ପ୍ରଦର୍ଶିତ ହୋଇଥିଲା।

● କନିଷ୍ଠ ଶିକ୍ଷକ ନିଯୁକ୍ତି ମାମଲା

ଦ୍ୱିତୀୟ ମେରିଟ୍ ଲିଷ୍ଟ ପ୍ରସ୍ତୁତ କର

କଟକ, ୨୩।୧୨(ସଂଚାର ବ୍ୟୁରୋ): ରାଜ୍ୟରେ ଖାଲି ପଡ଼ିଥିବା କନିଷ୍ଠ ଶିକ୍ଷକ ପଦବୀ ପୂରଣ ମାମଲାରେ ହାଇକୋର୍ଟଙ୍କ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। ତୁରନ୍ତ ନୂଆ କଟ୍-ଅଫ୍ ମାର୍କ ସ୍ଥିର କରି ୨ୟ ମେରିଟ୍ ଲିଷ୍ଟ ଜାରି କରିବା ପାଇଁ ଉଚ୍ଚ ନ୍ୟାୟାଳୟ କହିଛନ୍ତି।। ନିଯୁକ୍ତିରୁ ବଞ୍ଚିତ ଆଶାୟୀଙ୍କ ପିଟିସନ୍ ଉପରେ ଶୁଣାଣି କରି ଏଭଳି ନିର୍ଦ୍ଦେଶ ଦେଇଛନ୍ତି ହାଇକୋର୍ଟ। ଉଲ୍ଲେଖଯୋଗ୍ୟ, ୨୦ ହଜାର କନିଷ୍ଠ ଶିକ୍ଷକ ପଦବୀ ପୂରଣ ପାଇଁ ପ୍ରଥମେ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଚୟନକୁ ନେଇ ଦୀର୍ଘ ଦିନ ବିବାଦ ଲାଗି ରହିବା ପରେ ହାଇକୋର୍ଟଙ୍କ ନିର୍ଦ୍ଦେଶରେ ନିଯୁକ୍ତି ଆରମ୍ଭ ହୋଇଥିଲା। କଟ୍-ଅଫ୍ ମାର୍କ କମ୍ କରି ପଦବୀ ପୂରଣ ପାଇଁ ହାଇକୋର୍ଟଙ୍କ ନିର୍ଦ୍ଦେଶ ଥିଲା। ହେଲେ ବିଭିନ୍ନ କାରଣରୁ ଏବେ ମଧ୍ୟ ୪ ହଜାର ପଦବୀ ପୂରଣ ହୋଇନାହିଁ। ଏହିସବୁ ଖାଲି ପଦବୀ ପୂରଣ ପାଇଁ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ ଆଶାୟୀ ପ୍ରାର୍ଥୀ।

ଜଷ୍ଟିସ୍ ରାମସୁବ୍ରମଣ୍ୟମ୍ ଏନ୍‌ଏଚ୍‌ଆର୍‌ସି ଅଧ୍ୟକ୍ଷ



ନୂଆଦିଲ୍ଲୀ,୨୩।।୧୨: ଜାତୀୟ ମାନବାଧିକାର କମିଶନ (ଏନ୍‌ଏଚ୍‌ଆର୍‌ସି)ର ଅଧ୍ୟକ୍ଷ ଭାବେ ସୁପ୍ରିମକୋର୍ଟର ପୂର୍ବତନ ବିଚାରପତି ଜଷ୍ଟିସ ଭି. ରାମସୁବ୍ରମଣ୍ୟମଙ୍କୁ ସୋମବାର ନିଯୁକ୍ତି ମିଳିଛି। ମାନବାଧିକାର ଉଲ୍ଲଂଘନ ମାମଲାର ତଦନ୍ତ କରିଥାଏ ଏନ୍‌ଏଚ୍‌ଆର୍‌ସି। ଏହାର ଅଧ୍ୟକ୍ଷ ନିଯୁକ୍ତି ପାଇଁ ୬ ସଦସ୍ୟ ବିଶିଷ୍ଟ କମିଟି ଜଷ୍ଟିସ ଭି. ରାମସୁବ୍ରମଣ୍ୟମଙ୍କ ନାମରେ ମୋହର ମାରିଛି। ଜଷ୍ଟିସ ଅରୁଣ ମିଶ୍ରାଙ୍କ କାର୍ଯ୍ୟକାଳ ସମାପ୍ତ ହେବା ପରେ ଜୁନ୍ ୧ରୁ ଉକ୍ତ ପଦ ଖାଲି ପଡ଼ିଥିଲା। ଏନ୍‌ଏଚ୍‌ଆର୍‌ସି ସଦସ୍ୟ ବିଜୟା ଭାରତୀ ସାୟନୀ କାର୍ଯ୍ୟକାରୀ ଅଧ୍ୟକ୍ଷ ଭାବେ ଦାୟିତ୍ୱ ନିର୍ବାହ କରୁଥିଲେ।

ପ୍ରତାପ ଷଡ଼ଙ୍ଗୀ କୈଳାଶ ହସ୍ପିଟାଲକୁ ସ୍ଥାନାନ୍ତର

ଭୁବନେଶ୍ୱର,୨୩।୧୨ (ସଂଚାର ବ୍ୟୁରୋ): ସଂସଦ ଭବନ କାଣ୍ଡରେ ଗୁରୁତର ହୋଇ ଦିଲ୍ଲୀର ଆର୍‌ଏମ୍‌ଏଲ୍ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ବାଲେଶ୍ୱର ସାଂସଦ ପ୍ରତାପ ଷଡ଼ଙ୍ଗୀଙ୍କୁ ନୋଏଡ଼ାର ଏକ ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ଗତ ୧୯ରେ ସଂସଦର ମକର ଦ୍ୱାରରେ ରାହୁଲ ଗାନ୍ଧି ତାଙ୍କୁ ଠେଲି ଦେଇଥିବା ଅଭିଯୋଗ ହୋଇଛି। ତାଙ୍କ ମୁଣ୍ଡରେ ୫ଟି ଷ୍ଟିଚ୍ ଲାଗିଛି। ୫ ଦିନ ଧରି ଆର୍‌ଏମ୍‌ଏଲ୍ ହସ୍ପିଟାଲର ଆଇସିୟୁରେ ରହିବା ପରେ ତାଙ୍କୁ କୈଳାଶ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି।ଡାକ୍ତରମାନେ କହିଛନ୍ତି, ଶ୍ରୀ ଷଡ଼ଙ୍ଗୀଙ୍କର ଏମ୍‌ଆର୍‌ଆଇ ଓ ସିଟି ସ୍କାନ କରାଯାଇଥିଲା। ସେଥିରୁ କୌଣସି ହାଡରେ ଆଘାତ ଲାଗିଥିବା ନେଇ ଜଣାପଡି ନାହିଁ। ଅବସ୍ଥା ଭଲ ଅଛି। ତେଣୁ ତାଙ୍କୁ ଡିସଚାର୍ଜ କରାଯାଇଛି। ଠେଲାପେଲାରେ ବିଜେପି ସାଂସଦ ମୁକେଶ ରାଜପୁତ ମଧ୍ୟ ଆହତ ହୋଇଥିଲେ। ତାଙ୍କୁ ମଧ୍ୟ ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ଉଭୟ ସାଂସଦଙ୍କ ବୟାନ ରେକର୍ଡ କରାଯିବ ବୋଲି ସୂଚନା ମିଳିଛି।

ଅବକାରୀ ଟିମ୍‌କୁ ଅଟକ ରଖିଲେ ପରିବାର

ବାଲେଶ୍ୱର, ୨୩।୧୨(ସଂଚାର ବ୍ୟୁରୋ): ବ୍ରାଉନ ସୁଗର ଜବତ କରିବାକୁ ଯାଇଥିବା ଅବକାରୀ ଟିମ୍ ହଟହଟା ହୋଇଛି। ମିଛ କେସ୍‌ରେ ଫସାଉଥିବା ଅଭିଯୋଗ କରି ପରିବାର ଲୋକେ ଅବକାରୀ ଟିମ୍ ଗାଡ଼ି ଅଟକ ରଖିବା ସହିତ ରାସ୍ତାରୋକ କରିଛନ୍ତି। ଦୀର୍ଘ ସମୟ ଧରି ବୁଝାଶୁଝା ପରେ ସ୍ଥିତି ସ୍ୱାଭାବିକ ହୋଇଛି। ଏଭଳି ପରିସ୍ଥିତି ବାଲେଶ୍ୱର ଜିଲ୍ଲା କମର୍ଦ୍ଦା ବଜାରରେ ଘଟିଛି। ବ୍ରାଉନ ସୁଗର ମହଜୁଦ ଥିବା ନେଇ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ କମର୍ଦ୍ଦା ବଜାରର ଜଣଙ୍କ ଘର ଉପରେ ସୋମବାର ସକାଳେ ଅବକାରୀ ଟିମ୍ ଚଢ଼ାଉ କରିଥିଲା। ଅବକାରୀ ଟିମ୍ କିଛି ପାଉଡର ପରି ପଦାର୍ଥ ଜବତ କରିଥିବା ବେଳେ ତାହା ବ୍ରାଉନ ସୁଗର ବୋଲି କହୁଛି। ମାତ୍ର ପରିବାର ଲୋକେ ଏହାକୁ ମାନିବାକୁ ପ୍ରସ୍ତୁତ ନୁହନ୍ତି। ଜବତ ଦ୍ରବ୍ୟ ମୁଲତାନୀ ମାଟି ବୋଲି ସେମାନେ ଦାବି କରିଛନ୍ତି। ଏହି ଅଭିଯୋଗରେ ପୁଲିସ୍ ଜଣେ ବୃଦ୍ଧାଙ୍କୁ ଗିରଫ କରି ଜଳେଶ୍ୱର ନେଇ ଯାଇଥିବା ବେଳେ ତାଡିଥିଲେ ପରିବାର ମଲୋକେ। ସେମାନେ ଅବକାରୀ ଟିମ୍‌ର ଗାଡ଼ି ଚାବି ଛଡ଼ାଇ ନେଇ ରାସ୍ତାରେ ଧାରଣା ଦେଇଥିଲେ। ମାତ୍ର ଆଇଆଇସି କହିଛନ୍ତି, ଜବତ ପଦାର୍ଥ ହେଉଛି ବ୍ରାଉନ ସୁଗର। ଜବତ ବେଳେ ପରିବାର ଲୋକେ ଗାଡ଼ି ଚାବି ଛଡ଼ାଇ ନେଇଥିଲେ।

ଆଜି ବିଶ୍ୱନାଥ କରଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ

ଭୁବନେଶ୍ୱର, ୨୩।୧୨(ସଂଚାର ବ୍ୟୁରୋ): ଉତ୍କଳ ସମ୍ମିଳନୀର ଅନ୍ୟତମ ବରପୁତ୍ର , ଉତ୍କଳ ସାହିତ୍ୟ ସମାଜର ସଭାପତି ତଥା ବାଗ୍ମୀ ବିଶ୍ୱନାଥ କରଙ୍କ ବ୍ରୋଞ୍ଜ ପ୍ରତିମୂର୍ତ୍ତି ମଙ୍ଗଳବାର ପୂର୍ବାହ୍ନ ୯ଟାରେ ବିଧାନସଭା ନିକଟରେ ଓଡ଼ିଆ ଭାଷା ସାହିତ୍ୟ ସଂସ୍କୃତି ବିଭାଗ ତତ୍ତ୍ୱାବଧାନରେ ଉନ୍ମୋଚିତ ହେବ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହାକୁ ଉନ୍ମୋଚନ କରିବେ। କାର୍ଯ୍ୟକ୍ରମରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ବାଚସ୍ପତି ସୁରମା ପାଢ଼ୀ, ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ପ୍ରମୁଖ ଉପସ୍ଥିତ ରହିବେ।

ନୂଆବଜାର-ପ୍ରେସ୍ ଛକ ରେଳ ଓଭର ବ୍ରିଜ ଉଦ୍‌ଘାଟିତ

ଭୁବନେଶ୍ୱର,୨୩।୧୨(ସଂଚାର ବ୍ୟୁରୋ): କଟକ ଓ ଜଗତସିଂହପୁର ଜିଲ୍ଲାର ଯୋଗାଯୋଗକୁ ଅଧିକ ସୁଦୃଢ଼ କରିବା ସହ ଉପୁଜୁଥିବା ଟ୍ରାଫିକ୍ ସମସ୍ୟାର ସମାଧାନ ଉଦ୍ଦେଶ୍ୟରେ ନିର୍ମିତ ନୂଆ ରେଲୱେ ଓଭର ବ୍ରିଜକୁ ପୂର୍ତ୍ତ, ଆଇନ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଅପରାହରେ ଉଦ୍‌ଘାଟନ କରିଛନ୍ତି । ୬୦ କୋଟି ୯୩ ଲକ୍ଷ ୬୫ ହଜାର ବ୍ୟୟରେ ନିର୍ମିତ ଏହି ସେତୁ କଟକ ସହର ଓ ଜଗତସିଂହପୁର ଜିଲ୍ଲା ମଧ୍ୟରେ ଯାତାୟତ ସମୟକୁ କମ୍ କରିବା ସହ ଟ୍ରାଫିକ୍ ନିୟନ୍ତ୍ରଣରେ ପ୍ରମୁଖ ଭୂମିକା ଗ୍ରହଣ କରିବ। ନୂଆବଜାର ଛକରୁ ପ୍ରେସ୍ ଛକକୁ ସଂଯୋଗ କରୁଥିବା ୫୧୧ମିଟର ଦୈର୍ଘ୍ୟବିଶିଷ୍ଟ ଏହି ସେତୁ ଦ୍ୱାରା ଛାତ୍ରଛାତ୍ରୀ, କର୍ମଜୀବୀ, ରୋଗୀ, ବରିଷ୍ଠ ନାଗରିକଙ୍କ ଗମନାଗମନ ସୁଗମ କରିବା ସହ ବ୍ୟବସାୟିକ କାରବାରକୁ ସହଜ କରିବ। ଏହି ସେତୁ ଦ୍ୱାରା ଦୈନିକ ପ୍ରାୟ ୧ ଲକ୍ଷ ଲୋକ ଉପକୃତ ହେବେ।

ଉଦ୍‌ଘାଟନ ଅବସରରେ ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଲେ, ଓଡ଼ିଶା ଦେଶରେ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟି ଥିବାବେଳେ ଏହିଭଳି ସୁଦୃଢ଼ ଯୋଗାଯୋଗ ବ୍ୟବସ୍ଥା ପ୍ରତ୍ୟେକ କୋଣର ଲୋକଙ୍କୁ ପରସ୍ପର ସହ ଯୋଡ଼ିବାରେ ପ୍ରମୁଖ ଭୂମିକା ଗ୍ରହଣ କରିବ। ଉତ୍ସବରେ କଟକ ସାଂସଦ ଭର୍ତ୍ତୃହରି ମହତାବ, କଟକ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ, କଟକ-ଚୌଦ୍ୱାର ବିଧାୟକ ସୌଭିକ୍ ବିଶ୍ୱାଳ, କଟକ ବାରବାଟି ବିଧାୟିକା ସୋଫିୟା ଫିରଦୋସ୍, ମାହାଙ୍ଗା ବିଧାୟକ ସାରଦା ପ୍ରସାଦ ପ୍ରଧାନ, କଟକ ଜିଲ୍ଲାପାଳ ଦତ୍ତାତ୍ରୟ ବାହୁସାହେବ ସିନ୍ଦେ, ସମାଜସେବୀ ନୟନ ମହାନ୍ତି, ଅଭିନେତା ଶ୍ରୀତମ୍ ଦାସ, ପୂର୍ତ୍ତ ବିଭାଗ ସୁପରିଟେଣ୍ଡେଣ୍ଟ ଇଞ୍ଜିନିଅର ଜ୍ୟୋତି ରଞ୍ଜନ ପତିଙ୍କ ସମେତ ସ୍ଥାନୀୟ ଜନପ୍ରତିନିଧି ପ୍ରମୁଖ ଉପସ୍ଥିତ ଥିଲେ ।

ବିଜେପିରେ ଯୋଗଦେଲେ ଧର୍ମଶାଳା ବିଜେଡି ନେତା

ଭୁବନେଶ୍ୱର, ତା.୨୩।୧୨(ସଂଚାର ବ୍ୟୁରୋ): ବିଜେପିର ନୂଆ ସରକାରକୁ ନେଇ ଓଡ଼ିଶାବାସୀଙ୍କ ମନ ଭିତରେ ଉତ୍ସାହପୂର୍ଣ୍ଣ ବାତାବରଣ ସୃଷ୍ଟି ହୋଇଛି। ପ୍ରତିଦିନ ବିଜେପିର ସାଂଗଠନିକ ଶକ୍ତି ବୃଦ୍ଧି ପାଉଛି। ବିଜେପି ସରକାର ଉପରେ ଓଡ଼ିଶାବାସୀଙ୍କ ଆସ୍ଥା ଓ ବିଶ୍ୱାସ ବୃଦ୍ଧି ପାଇବାରେ ଲାଗିଛି। ବିଜେଡି ଉପରୁ ଆସ୍ଥା ହରାଇ ଆଜି ଯାଜପୁର ଜିଲ୍ଲା

ଧର୍ମଶାଳା ନିର୍ବାଚନମଣ୍ଡଳୀର ସରପଞ୍ଚ ନାଜବୁନ୍ ବେଗମ୍, ସୁନାକର ବେହେରା, ନିମାଇଁ ମଲ୍ଲିକ, ସୁରେନ୍ଦ୍ର ଥିଆଡି, ଚନ୍ଦନ କୁମାର ରାଉତ, ଜିତେନ୍ଦ୍ର କୁମାର ପାତ୍ର, ସୁମିତ୍ରା ସ୍ୱାଇଁ, ସରୋଜିନୀ ନାୟକ, ପ୍ରଶାନ୍ତ କୁମାର ରାଉତ, ଲତା ସେଠୀ, ସଫଳ ବେହେରା, ଫକୀର ନାରାୟଣ ମିଶ୍ର, ସୁଦାମ ଚରଣ ବେହେରା, ନର୍ମଳ କୁମାର ଦାସ, ବିକ୍ରମ ବିଶ୍ୱାଳ, ପ୍ରମୋଦ କୁମାର ଜେନା, ସୁରେଶ ଚନ୍ଦ୍ର ତରାଇ, ହୃଦାନନ୍ଦ ସାହୁଙ୍କ ସମେତ ପଞ୍ଚାୟତ ସମିତି ସଦସ୍ୟ ସବନମ୍ ପରୱିନ୍, ଝିଲ୍ଲିରାଣୀ ମଲ୍ଲିକ, ଦୋଳଗୋବିନ୍ଦ ମଲ୍ଲିକ, ପୁରୁଷୋତମ ପରିଡ଼ା, ସୌଦାବିନୀ ସ୍ୱାଇଁ, ସସ୍ମିତା ନାୟକ, ସୌମ୍ୟରଞ୍ଜନ ସାହୁ, ସୁନୀତା ସ୍ୱାଇଁ, ବିଦ୍ୟାଧର ମଲ୍ଲିକ, ପବିତ୍ର ବେହେରା, ସୁଚିସ୍ମିତା ଦାସ, ସରୋଜିନୀ ମହାନ୍ତି, ଅନ୍ନପୂର୍ଣ୍ଣା ସାହୁ, ମିତା ବେହେରା, ନିତ୍ୟାନନ୍ଦ ବିଶ୍ୱାଳ, ଅନନ୍ତ ତରାଇ, ସବିତା ସାମଲ ଆଜି ବିଜେଡି ଦଳ ତ୍ୟାଗ କରି ଆନୁଷ୍ଠାନିକ ଭାବେ ବିଜେପିରେ ସାମିଲ ହୋଇଛନ୍ତି।

ସେହିପରି ଯାଜପୁର ଜିଲ୍ଲା ବିଜୁ ଯୁବଜନତା ଦଳର ସାଧାରଣ ସମ୍ପାଦକ ଗୌତମ ସାହୁ, ସମ୍ପାଦକ ମଦନ ମୋହନ ନାୟକ, ଧର୍ମଶାଳା ନିର୍ବାଚନ ମଣ୍ଡଳୀ ସଭାପତି ଜଳଧର ସାହୁ ବିଜେପିରେ ସାମିଲ ହୋଇଛନ୍ତି। ସେହିପରି କୋତାପୁର ପଞ୍ଚାୟତର ବିଜେଡି ବରିଷ୍ଠ କାର୍ଯ୍ୟକର୍ତା ଅନୁଜ କୁମାର ଜେନା, ସମରେନ୍ଦ୍ର ଜେନା, କେଦାର ରାୟ, ଭୁବନ ଗ୍ରାମ ପଞ୍ଚାୟତର ବିଜେଡି ଯୁବ ସଭାପତି ରାଜେଶ ତ୍ରିପାଠୀଙ୍କ ସମେତ ଉତରପ୍ରତାପ ଓ ଚୋରାମୁହାଣ ପଞ୍ଚାୟତର ୱାର୍ଡ ମେମ୍ବରଙ୍କ ସମେତ ହଜାରରୁ ଊର୍ଦ୍ଧ୍ୱ ବିଜେଡି କର୍ମୀ ଆନୁଷ୍ଠାନିକ ଭାବେ ବିଜେପିରେ ସାମିଲ ହୋଇଛନ୍ତି।

ଭୋଟ ଅସଙ୍ଗତି ଅଭିଯୋଗ: ବିଜେଡି-ବିଜେପି ମୁହାଁମୁହିଁ

ନୂଆଦିଲ୍ଲୀ, ତା.୨୩।୧୨(ଏଜେନ୍ସି): ବିଜେଡିର ପୂର୍ବତନ ସାଂସଦ ଅମର ପଟ୍ଟନାୟକଙ୍କ ନେତୃତ୍ୱରେ ୭ଜଣ ରାଜ୍ୟସଭା ସାଂସଦ ଆଜି ନିର୍ବାଚନ ଆୟୋଗଙ୍କ କାର୍ଯ୍ୟାଳୟରେ ୨୦୨୪ ସାଧାରଣ ନିର୍ବାଚନ ପରିଚାଳନାରେ ତ୍ରୁଟି ହୋଇଥିବାର ଲିଖିତ ଅଭିଯୋଗ କରିଛନ୍ତି। ଏହାପରେ ଏକ ମିଳିତ ସାମ୍ବାଦିକ ସମ୍ମିଳନୀ କରି ଅମର ପଟ୍ଟନାୟକ କହିଛନ୍ତି ଯେ, ଆମେ ନିର୍ବାଚନ ଆୟୋଗଙ୍କ ଉପରେ ସନ୍ଦେହ ନକରି ଯେଉଁ ୩ଟି ବିସଙ୍ଗତି ସମ୍ପର୍କରେ ଆଲୋକପାତ କରିଛୁ, ତାକୁ ଦୂର କରିବା ପାଇଁ ଅନୁରୋଧ କରିଛୁ। ଭୋଟହୋର, ଭୋଟ ଗଣତି ଓ ଭୋଟ୍ ଫଳାଫଳ ମଧ୍ୟରେ ଯେଉଁ ପାର୍ଥକ୍ୟ ରହିଛି ସେସବୁ ମେସିନଜନିତ ତ୍ରୁଟି ନା ମାନୁଆଲ ତ୍ରୁଟି ନା ପ୍ରକ୍ରିୟାର ତ୍ରୁଟି ତାହା ସ୍ପଷ୍ଟ ହେବାର ଆବଶ୍ୟକତା ରହିଛି ବୋଲି ଆମେ ନିର୍ବାଚନ ଆୟୋଗଙ୍କୁ ଅନୁରୋଧ କରିଛୁ। ବିଜେଡି ନେତାମାନେ ଆଜି ଯେଉଁ ୩ଟି ଦିଗ ଉପରେ ଅଭିଯୋଗ କରିଛନ୍ତି ସେଥିରେ ପ୍ରଥମଟି ହେଉଛି- ବୁଥରେ ପଡ଼ିଥିବା ଭୋଟ୍ ପରିମାଣ ଯାହାକି ପ୍ରିଜାଇଡିଂ

ହଣ୍ଟରଠୁ ଅଧିକ ମାଇଲେଜ୍ ଦେଇଥାଏ ରୟାଲ ଇନ୍‌ଫିଲ୍ଡ ବୁଲେଟ୍

ରୟାଲ ଇନ୍‌ଫିଲ୍ଡ ବାଇକ୍ କେବଳ ଭାରତରେ ନୁହେଁ ବରଂ ସମଗ୍ର ବିଶ୍ୱରେ ପପୁଲାର ହୋଇଛି। କମ୍ପାନୀର ବୁଲେଟ୍ ୩୫୦ ବୁଲେଟ୍ ୩୫୦ ଏବଂ ହଣ୍ଟର୍ ୩୫୦କୁ ଲୋକମାନେ ବହୁତ ପସନ୍ଦ କରନ୍ତି। ଏହି ଦୁଇଟି ବାଇକ୍ ତା'ର ବୋଲ୍ଡ ଷ୍ଟାଇଲ୍ ପାଇଁ ଜଣାଶୁଣା। ଲୋକଙ୍କ ମଧ୍ୟରେ ସନ୍ଦେହ ରହିଛି ଯେ ଏହି ଦୁଇଟି ବାଇକ୍ ମଧ୍ୟରୁ କେଉଁଟା ଭଲ ଏବଂ କେଉଁଟିର ଅଧିକ ମାଇଲେଜ୍ ରହିଛି ? ଆପଣଙ୍କୁ କହିବୁ ଦୁଇଟି ବାଇକର ମାଇଲେଜ୍ ବିଷୟରେ କହିବୁ ଯାହା ଆପଣ ଡିସାଇଡ୍ କରିବେ ଯେ କେଉଁ ବାଇକ୍ କିଣିଲେ ଠିକ୍ ହେବ। ରୟାଲ ଇନଫିଲ୍ଡ ହଣ୍ଟର୍ ଏବଂ ବୁଲେଟ୍‌ର ମାଇଲେଜ୍ ବିଷୟରେ କହିବାକୁ ଗଲେ ଉଭୟଙ୍କ ମାଇଲେଜର ସାମାନ୍ୟ ପାର୍ଥକ୍ୟ ରହିଛି। ବୁଲେଟର ମାଇଲେଜ୍ ବିଷୟରେ କହିବାକୁ ଗଲେ ଏହା ଲିଟର ପିଛା ୩୫ ରୁ ୩୭ କିଲୋମିଟର ଦେଖାଏ। ଏହା ବ୍ୟତୀତ ହଣ୍ଟରର ମାଇଲେଜ୍ ୩୦ ରୁ ୩୨ ଅଛି। ହେଲେ ଉଭୟ

ବାଇକର ଇଞ୍ଜିନ୍ ସମାନ ରୟାଲ ଇନଫିଲ୍ଡ ବୁଲେଟ୍ ୩୫୦ ଜେ ସିରିଜ୍ ପ୍ଲାଟଫର୍ମ ଉପରେ ବେସ୍ଡ ଏବଂ ଏହି ବାଇକରେ ୩୪୯ସିସି, ଏୟାର-କୁଲ୍ଡ, ସିଙ୍ଗଲ ସିଲିଣ୍ଡର ଇଞ୍ଜିନ୍ ରହିଛି। ବୁଲେଟ ୩୫୦ରେ ଥିବା ଇଞ୍ଜିନ୍ ୬,୧୦୦ଆରପିଏମରେ ୨୦ ବିଏଚପିର ପାୱାର ପ୍ରଦାନ କରେ ଏବଂ ୪୦୦୦ଆରପିଏମରେ ୨୭ଏନଏମର ଟର୍କ ଜେନେରେଟ୍ କରିଥାଏ। ବୁଲେଟ୍ ୩୫୦ର ବାଟାଲିଅନ ବ୍ଲାକ ସେଡ୍‌ର ଏକ୍ସ-ସୋରୁମ୍ ପ୍ରାଇସ୍ ୧.୭୫ ଲକ୍ଷ ଟଙ୍କାରୁ ଆରମ୍ଭ ହୋଇଛି। ରୟାଲ ଇନଫିଲ୍ଡ ହଣ୍ଟର୍ ୩୫୦ ରେ ଏକ ୩୪୯ସିସି, ସିଙ୍ଗଲ-ସିଲିଣ୍ଡର, ୪-ଷ୍ଟ୍ରୋକ୍ ଏୟାର ଅଏଲ୍ କୁଲ୍ଡ ଇଞ୍ଜିନ୍ ରହିଛି। ଯାହା ଫ୍ୟୁଏଲ୍ ଟେକ୍ନୋଲୋଜି ସହିତ ଲ୍ୟାସ୍ ହୋଇଛି। ଏହାର ସମାନ ଇଞ୍ଜିନ୍ ଯାହା ମୋଟର ୩୫୦ ଏବଂ କ୍ଲାସିକ୍ ୩୫୦ ପାଇଁ ବ୍ୟବହାର ହୁଏ। ଏହି ଇଞ୍ଜିନକୁ ୫-ସ୍ପିଡ୍ ଗିୟର ବକ୍ସ ସହିତ ଯୋଡା ଯାଇଛି, ଯାହା ୬୧୦୦ଆରପିଏମ ରେ ୨୦.୨ବିଏଚପି ର ପାୱାର ଏବଂ ୪,୦୦୦ଆରପିଏମ ରେ ୨୭ଏନଏମର ପିକ୍ ଟର୍କ ଜେନେରେଟ୍ କରିଥାଏ। ଏହି ବାଇକ୍ ଘଣ୍ଟା ପ୍ରତି ୧୧୪ କିଲୋମିଟର ସ୍ପିଡ୍ ହାସଲ କରିପାରିବ।

୨୦୨୪ରେ ଆଇପିଓ ବର୍ଷା: ୯୦ କମ୍ପାନି ସଂଗ୍ରହ କଲେ ୧.୬ ଲକ୍ଷ କୋଟି

ନୂଆଦିଲ୍ଲୀ, ୨୩।୧୨: ୨୦୨୪ ମସିହା ଆଇପିଓ(ପ୍ରାରମ୍ଭିକ ପବ୍ଲିକ ଅଫର୍) ପାଇଁ ଏକ ଉତ୍ତମ ବର୍ଷ ସାବ୍ୟସ୍ତ ହୋଇଛି। ଦେଶର ୯୦ଟି କମ୍ପାନି ଆଇପିଓ ଜରିଆରେ ବଜାରରୁ ରେକର୍ଡ ୧.୬ ଲକ୍ଷ କୋଟି ଟଙ୍କା ଆଦାୟ କରିଛନ୍ତି। ୨୦୨୩ରେ ୫୭ଟି କମ୍ପାନି ଆଇପିଓ ଦ୍ୱାରା ୪୯,୪୩୬ କୋଟି ଟଙ୍କା ଗୋଟାଇବାରେ ସକ୍ଷମ ହୋଇଥିଲେ। ଦେଶର ଆର୍ଥିକ ଅଭିବୃଦ୍ଧି ସାଙ୍ଗକୁ ବଜାର ସ୍ଥିତି ଭଲ ରହିବା ଏବଂ ନିୟାମକ ଢାଞ୍ଚାରେ ସୁଧାର ଆଦି କାରଣରୁ ଏପରି ହୋଇଛି। କେବଳ ସେତିକି ନୁହେଁ ଆସନ୍ତା ୨୦୨୫ ମଧ୍ୟ ଆଇପିଓ ପାଇଁ ଆଉ ଏକ ଭଲ ବର୍ଷ ହେବ ବୋଲି ଆକଳନ କରାଯାଉଛି।

ପୂର୍ବରୁ ୨୦୨୧ ମସିହାରେ ଦେଶର ୬୩ଟି କମ୍ପାନି ଆଇପିଓ ଜରିଆରେ ୧.୨ ଲକ୍ଷ କୋଟି ଟଙ୍କା ସଂଗ୍ରହ କରିବାକୁ ସମର୍ଥ ହୋଇଥିଲେ ଯାହାକି ଦୁଇ ଦଶନ୍ଧି ମଧ୍ୟରେ ସବୁଠୁ ଅଧିକ ରହିଥିଲା। ୨୦୨୪ରେ ହୁଣ୍ଡାଇ ମୋଟର ଇଣ୍ଡିଆର ୨୭,୮୭୦ କୋଟି ଟଙ୍କାର ଆଇପିଓ ଆସିଛି। ଏହା ଭାରତ ଇତିହାସରେ ସବୁଠୁ ବଡ଼ ଆଇପିଓ। ଏହାବାଦ୍ ସ୍ୱିଗି ୧୧,୩୨୭ କୋଟି ଟଙ୍କାର, ଏନ୍‌ଟିପିସି ଗ୍ରିନ ଏନର୍ଜି ୧୦ ହଜାର କୋଟି ଟଙ୍କାର, ବଜାଜ୍ ହାଉସିଂ ଫାଇନାନ୍ସ ୬୫୬୦ କୋଟି ଟଙ୍କାର ଏବଂ ଓଲା ଇଲେକ୍ଟ୍ରିକ୍ ମୋବିଲିଟି ୬୧୪୫ କୋଟି ଟଙ୍କାର ଆଇପିଓ ଆଣିଛନ୍ତି। ଅନ୍ୟପକ୍ଷରେ ବିଭୋର ଷ୍ଟିଲ୍ ଟ୍ୟୁବ୍‌ସ ପକ୍ଷରୁ ସବୁଠୁ ଛୋଟ ଅର୍ଥାତ୍ ୭୨ କୋଟି ଟଙ୍କାର ଆଇପିଓ ମଧ୍ୟ ଆସିଛି। ବଡ଼, ମଧ୍ୟମ ଏବଂ ଛୋଟ କମ୍ପାନିଗୁଡ଼ିକ ସେୟାର ବିକ୍ରି କରି ପାଣ୍ଠି ସଂଗ୍ରହ କରିଛନ୍ତି। ୨୦୨୪ରେ ଆଇପିଓର ହାରାହାରି ଆକାର ବୃଦ୍ଧି ପାଇ ୧୭୦୦ କୋଟି ଟଙ୍କାରେ ପହଞ୍ଚିଛି। ୨୦୨୩ରେ ଏହା ୮୬୭ କୋଟି ଟଙ୍କାରେ ରହିଥିଲା। ପ୍ରାଇମଡାଟାବେସ୍ ଡଟ୍ କମ୍‌ର ସୂଚନା ମୁତାବକ ଛୋଟ ଓ ମଧ୍ୟମ କମ୍ପାନି (ଏସଏମଇ) ମଧ୍ୟ ଚଳିତବର୍ଷ ଆଇପିଓରେ ଅଧିକ ସଂଖ୍ୟାରେ ଭାଗ ନେଇଛନ୍ତି। ୨୩୮ଟି ଏସଏମଇ) ସେୟାର ଜାରି କରି ୮୭୦୦ କୋଟି ଟଙ୍କା ସଂଗ୍ରହ କରିଛନ୍ତି। ୨୦୨୩ରେ ଏସଏମଇ ଗୁଡ଼ିକ ଆଇପିଓ ଜରିଆରେ ୪୬୮୬ କୋଟି ଟଙ୍କା ସଂଗ୍ରହ କରିଥିଲେ। କେବଳ ଡିସେମ୍ବର ମାସରେ ପାଖାପାଖି ୧୫ଟି ଆଇପିଓ ଆସିଛି। ବଜାର ବିଶେଷଜ୍ଞଙ୍କ କହିବାନୁଯାୟୀ, ନୂଆବର୍ଷରେ ମଧ୍ୟ ଆଇପିଓ ଜରିଆରେ ପୁଞ୍ଜି ସଂଗ୍ରହ ଅଧିକ ମାତ୍ରାରେ ଦେଖିବାକୁ ମିଳିବ। ଚଳିତବର୍ଷର ଆଇପିଓ ରାଶିକୁ ଏହା ଅତିକ୍ରମ କରଯାଇପାରେ। ଏହି ରାଶି ୨.୫ ଲକ୍ଷ କୋଟି ଟଙ୍କା ଟପିଯାଇପାରେ ବୋଲି କୁହାଯାଉଛି।

ଓଏସିସ୍ ଫର୍ଟିଲିଟିର ନୂଆ ମାଇଲଖୁଣ୍ଟ

ଭୁବନେଶ୍ୱର,୨୩।୧୨: ବର୍ତ୍ତମାନର ବ୍ୟସ୍ତବହୁଳ ସମୟ ମଧ୍ୟରେ ପ୍ରଜନନ ଜନିତ ସମସ୍ୟା ଦ୍ରୁତ ଗତିରେ ବୃଦ୍ଧି ପାଉଛି। ଏପରିକି ପ୍ରଜନନ ଚିକିତ୍ସା ଏବଂ ଯତ୍ନ କ୍ଷେତ୍ରରେ ଭୁବନେଶ୍ୱରର ଜୟଦେବବିହାରସ୍ଥିତ ଓଏସିସ୍ ଫର୍ଟିଲିଟି ସେଣ୍ଟର ଏକ ନୂଆ ମାଇଲଖୁଣ୍ଟ ହାସଲ କରିଛି। ଉଲ୍ଲେଖଯୋଗ୍ୟ, ଭୁବନେଶ୍ୱରସ୍ଥିତ ଓଏସିସ୍ ଫର୍ଟିଲିଟି ଏହାର ଅତ୍ୟାଧୁନିକ ପ୍ରଜନନ ସେବା ଏବଂ ରୋଗୀକେନ୍ଦ୍ରିକ ଆଭିମୁଖ୍ୟ ଦ୍ୱାରା ସ୍ଥାନୀୟ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ପରିବର୍ତ୍ତନ ଆଣିଛି ଏବଂ ଆଖପାଖ ଅଞ୍ଚଳର ଦମ୍ପତିଙ୍କ ବିଶ୍ୱାସ ହାସଲ କରିଛି। ଏହି ପରିପ୍ରେକ୍ଷୀରେ ଓଏସିସ୍ ଫର୍ଟିଲିଟି ପକ୍ଷରୁ ରବିବାର ଏକ ସ୍ୱତନ୍ତ୍ର ଉତ୍ସବ ପାଳନ କରାଯାଇଥିଲା। ଅପରପକ୍ଷରେ ୪୦୦୦ ସନ୍ତାନହୀନ ଦମ୍ପତି ସଫଳତାର ସହ ଚିକିତ୍ସା କରିବା ଏବଂ ଏକ ଆନନ୍ଦଦାୟକ ବେବି ସାୱାର କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏ ସମ୍ପର୍କରେ ଓଏସିସ୍ ଫର୍ଟିଲିଟିର କ୍ଲିନିକାଲ ହେଡ୍ ତଥା ଫର୍ଟିଲିଟି ସ୍ପେଶାଲିଷ୍ଟ ଡା. ପ୍ରଶାନ୍ତ କୁମାର ନାୟକ କହିଛନ୍ତି, ଏହା ଆମ ପାଇଁ ଏକ ଗର୍ବର ମୁହୂର୍ତ୍ତ ହୋଇଥିଲାବେଳେ ସ୍ଥାନୀୟ ସମୁଦାୟକୁ ସର୍ବୋଚ୍ଚ ପ୍ରଜନନ ଚିକିତ୍ସା ଯୋଗାଇବା ପାଇଁ ଆମର ସମର୍ପଣ ଆମେ ହାସଲ କରିଥିବା ସଫଳତାରେ ପ୍ରତିଫଳିତ ହୋଇଛି। ଏପରିକି ଆମେ ଆମର ଗୁଣବତ୍ତା ଏବଂ ନୈତିକତାର ସର୍ବୋଚ୍ଚ ମାନଦଣ୍ଡ ବଜାୟ ରଖି ଉନ୍ନତ ପ୍ରଜନନ ଯନକୁ ସମସ୍ତଙ୍କ ପାଇଁ ଉପଲବ୍ଧ କରାଇବା ପାଇଁ ପ୍ରୟାସ କରୁଛୁ, ଆଗାମୀ ଦିନରେ ଓଏସିସ୍ ଫର୍ଟିଲିଟି ବ୍ୟାପକତା ଏବଂ ପ୍ରଭାବକୁ ଆହୁରି ବିସ୍ତାର କରିବାକୁ ଲକ୍ଷ୍ୟ ରଖିଛି। ଆମର ନୂତନ ସେବା ଆରମ୍ଭ କରିବା ଏବଂ ସମଗ୍ର ଭାରତରେ ଅତିରିକ୍ତ କେନ୍ଦ୍ର ଖୋଲିବାକୁ ଯୋଜନା ରହିଛି, ଯାହା ଦ୍ୱାରା ଅଧିକ ବ୍ୟକ୍ତି ଏବଂ ମାତାପିତା ଚାହୁଁଥିବା ଦମ୍ପତିଙ୍କ ପାଇଁ ଉନ୍ନତ ପ୍ରଜନନ ସେବା ଉପଲବ୍ଧ ହେବ। ଏହି ସେଣ୍ଟର ପ୍ରତିଷ୍ଠା ପରଠାରୁ ଓଏସିସ୍ ଫର୍ଟିଲିଟି ପ୍ରାୟ ୪୦୦୦ ସନ୍ତାନହୀନ ଦମ୍ପତିଙ୍କର ସଫଳ ଚିକିତ୍ସା କରାଇଛି। ଏପରିକି ଅନେକ ଦମ୍ପତିଙ୍କୁ ଆଇଭିଏଫ୍, ଆଇସିଏସ୍‌ଆଇ, ସିଏପିଏ-ଆଇଭିଏମ୍, ପିଜିଟି, ଇଆରଏ, ଟେସା ଭଳି ଉନ୍ନତ ପଦ୍ଧତି ଏବଂ ମାଇକ୍ରୋଫ୍ଲୁଇଡିକ୍ସ ଭଳି ବିଭିନ୍ନ ଶୁକ୍ରାଣୁ ଚୟନ ପଦ୍ଧତି ସହିତ ଓଓସାଇଟ୍ ଏବଂ ଶୁକ୍ରାଣୁ କ୍ରାୟୋପ୍ରିଜର୍ଭେଶନ୍ ଏବଂ ପ୍ରଜନନ ବୃଦ୍ଧିକାରୀ ଅସ୍ତ୍ରୋପଚାର ମାଧ୍ୟମରେ ସେମାନଙ୍କ ମାତାପିତା ହେବା ସ୍ୱପ୍ନ ସାକାର କରିବାରେ ବେଶ୍ ସହାୟକ ହୋଇଛି।

ଜିନ୍ଦଲ ଷ୍ଟେନ୍‌ଲେସ୍‌କୁ ସୋର୍ଡ ଅଫ୍ ଅନର ପୁରସ୍କାର

ନୂଆଦିଲ୍ଲୀ,୨୩।୧୨: ଜିନ୍ଦଲ ଷ୍ଟେନ୍‌ଲେସ ଲିମିଟେଡ (ଜେଏସ୍‌ଏଲ୍)କୁ ନିକଟରେ ଆଉ ଏକ ଅନ୍ତଃରାଷ୍ଟ୍ରୀୟ ସମ୍ମାନ ଓ ସ୍ୱୀକୃତି 'ସୋର୍ଡ ଅଫ୍ ଅନର' ମିଳିଛି। ଏପରିକି ଜେଏସ୍‌ଏଲ୍‌ର ହିସାର ୟୁନିଟକୁ ବ୍ରିଟିଶ ସେଫ୍ଟି କାଉନସିଲ୍ ପକ୍ଷରୁ ସମ୍ମାନଜନକ 'ସୋର୍ଡ ଅଫ୍ ଅନର' ସମ୍ମାନରେ ସମ୍ମାନିତ କରାଯାଇଛି। ଏହି ବିଶ୍ୱସ୍ତରୀୟ ପୁରସ୍କାର ବୃତ୍ତିଗତ ସ୍ୱାସ୍ଥ୍ୟ ଏବଂ ସୁରକ୍ଷା କ୍ଷେତ୍ରରେ ସର୍ବୋଚ୍ଚ ମାନଦଣ୍ଡକୁ ବଜାୟ ରଖିବା ପାଇଁ କମ୍ପାନୀର ଅତୁଟ ପ୍ରତିବଦ୍ଧତାକୁ ଦର୍ଶାଉଛି। ଏପରିକି ବୃତ୍ତିଗତ ସ୍ୱାସ୍ଥ୍ୟ ଏବଂ ସୁରକ୍ଷା ପରିଚାଳନାରେ ଉତ୍କର୍ଷ ପ୍ରଦର୍ଶନ କରିଥିବା ସଂସ୍ଥାଗୁଡ଼ିକୁ ସୋର୍ଡ ଅଫ୍ ଅନର ପ୍ରଦାନ କରାଯାଇଥାଏ। ୨୦୨୪ରେ ଏହି ମାନ୍ୟତା ପାଇବାରେ ବିଶ୍ୱର ମାତ୍ର ୭୧ଟି ଅନୁଷ୍ଠାନ ମଧ୍ୟରୁ ଜିନ୍ଦଲ ଷ୍ଟେନଲେସ୍ ଅନ୍ୟତମ ବୋଲି କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଛି। ଏହା କମ୍ପାନୀର ସୁଦୃଢ଼ ସୁରକ୍ଷା ସଂସ୍କୃତି ଏବଂ ପରିଚାଳନାଗତ ଉତ୍କର୍ଷକୁ ସୂଚାଉଛି। ଏ ସମ୍ପର୍କରେ ଜିନ୍ଦଲ ଷ୍ଟେନ୍‌ଲେସ୍‌ର ପରିଚାଳନା ନିର୍ଦ୍ଦେଶକ ଅଭ୍ୟୁଦୟ ଜିନ୍ଦଲ କହିଥିଲେ, ଏହି ସମ୍ମାନ ଜିନ୍ଦଲ ଷ୍ଟେନ୍‌ଲେସରେ ସୁରକ୍ଷା ଏବଂ ପରିଚାଳନାଗତ ଉକତ୍ତ୍ୱ ଉପରେ ଆମର ନିରନ୍ତର ଧ୍ୟାନକୁ ପ୍ରତିଫଳିତ କରୁଛି। ଏପରିକି ଆମେ ଆମର କର୍ମଚାରୀ, ସହଯୋଗୀ ଏବଂ ଅଂଶୀଦାରମାନଙ୍କ ପାଇଁ ଏକ ସୁରକ୍ଷିତ କାର୍ଯ୍ୟ ପରିବେଶକୁ ପ୍ରୋତ୍ସାହିତ କରିବା ଦିଗରେ ପ୍ରତିଶ୍ରୁତିବଦ୍ଧ ରହିଛୁ। ଆମେ ନିରନ୍ତର ଅଭିବୃଦ୍ଧି ଦିଗରେ ଆଗକୁ ବଢୁଥିବାବେଳେ ଏହି ସ୍ୱୀକୃତି ବିଶ୍ୱସ୍ତରୀୟ ସୁରକ୍ଷା ମାନଦଣ୍ଡକୁ ବଜାୟ ରଖିବା ପାଇଁ ଆମର ସଂକଳ୍ପକୁ ଆହୁରି ଦୃଢ଼ କରିଛି। ସେହିଭଳି ଜିନ୍ଦଲ ଷ୍ଟେନ୍‌ଲେସ ହିସାର ୟୁନିଟର ବରିଷ୍ଠ ଉପାଧ୍ୟକ୍ଷ ତଥା ୟୁନିଟ୍ ହେଡ ବିଜୟ ବିନ୍ଦଲିଶ କହିଛନ୍ତି, ଜିନ୍ଦଲ ଷ୍ଟେନଲେସରେ ସୁରକ୍ଷା ଆମର ସର୍ବୋଚ୍ଚ ପ୍ରାଥମିକତା ହୋଇଥିଲାବେଳେ ଶୂନ୍ୟ ଦୁର୍ଘଟଣା ହାସଲ କରିବା ପାଇଁ ଆମର ପ୍ରତିବଦ୍ଧତା, ସର୍ବୋଚ୍ଚ ନିରାପତ୍ତା ମାନଦଣ୍ଡ ବଜାୟ ରଖିବା ଦିଗରେ ଆମର ସମର୍ପିତ ମନୋଭାବକୁ ପ୍ରତିଫଳିତ କରିଛି। ଉଲ୍ଲେଖଯୋଗ୍ୟ, ସୋର୍ଡ ଅଫ୍ ଅନର ପାଇବା ପାଇଁ ୨୦୨୩ ଅଗଷ୍ଟ ୧ରୁ ୨୦୨୪ ଜୁଲାଇ ୩୧ ମଧ୍ୟରେ ଅନୁଷ୍ଠିତ ବ୍ରିଟିଶ ସେଫ୍ଟି କାଉନସିଲର ସ୍ୱାସ୍ଥ୍ୟ ଓ ସୁରକ୍ଷା ପରିଚାଳନା ଅଡିଟ୍ ଯୋଜନାରେ ସଂସ୍ଥାଗୁଡିକ ୫ତାରକା ରେଟିଂ ହାସଲ କରିବା ଆବଶ୍ୟକ ରହିଛି। ଏପରିକି କମ୍ପାନୀର ହିସାର ୟୁନିଟ୍ କେବଳ ଆବଶ୍ୟକ ମାନଦଣ୍ଡ ପୂରଣ କରିନାହିଁ।

ଗ୍ରାହକଙ୍କ ଚାହିଦାରେ ହସ୍ତଶିଳ୍ପ ସାମଗ୍ରୀ

ଭୁବନେଶ୍ୱର,୨୩।୧୨: ଆଉ କିଛି ଦିନ ପରେ ଇଂରାଜୀ ନବ ବର୍ଷ ସାଙ୍ଗକୁ ଶୁଭ କାର୍ଯ୍ୟ (ଗୃହ ପ୍ରବେଶ)ର ଆଗମନ ଉପଲକ୍ଷେ ଗ୍ରାହକ ଘର ସାଜସଜ୍ଜା ପାଇଁ ଆକର୍ଷଣୀୟ ଓ ମନଲୋଭା କଳାକୃତିର ହାଣ୍ଡିକ୍ରାଫ୍ଟ ସାମଗ୍ରୀ କିଣିବାକୁ ଅଧିକ ପସନ୍ଦ କରୁଛନ୍ତି। ଏପରିକି ଭୁବନେଶ୍ୱରର ୟୁନିଟ-୩ ପ୍ରଦର୍ଶନୀ ପଡ଼ିଆରେଠାରେ ଆୟୋଜିତ 'ହ୍ୟାଣ୍ଡଲୁମ୍ ଆଣ୍ଡ ହାଣ୍ଡିକ୍ରାଫ୍ଟ' ଏକ୍ସପୋରେ ବିଭିନ୍ନ ରାଜ୍ୟର କାରିଗର ଓ କଳାକୃତିର ହ୍ୟାଣ୍ଡିକ୍ରାଫ୍ଟ ସାମଗ୍ରୀଗୁଡିକୁ କିଣିବାକୁ ଲୋକେ ଭିଡ ଜମାଉଛନ୍ତି। ବିଶେଷ କରି ମାଟି ହାଣ୍ଡି, କପ୍, ଗଡା, ଫୁଲଦାନି, ତଉଲା, ବାଉଲ ଏବଂ ପାଣି ପାତ୍ର ଭଳି ଅନେକ ପ୍ରକାରର ମାଟି ଓ ଚୂନ ପଥରର ବ୍ୟାପକ ସମ୍ଭାର ସୁଲଭ ମୂଲ୍ୟରେ ଉପଲବ୍ଧ ହେଉଛି। ଗୋଟିଏ ପଟରେ ମନ ପସନ୍ଦର ହାଣ୍ଡିକ୍ରାଫ୍ଟ ସାମଗ୍ରୀ ସାଙ୍ଗକୁ ବିଭିନ୍ନ ରାଜ୍ୟର ଭିନ୍ନ ଭିନ୍ନ କଳାକୃତିର ଉତ୍ପାଦ ସୁଲଭ ମୂଲ୍ୟରେ ମିଳୁଥିବାବେଳେ ଅପରପକ୍ଷରେ ଚାରିଆଡେ ଘରକରଣା ସାମଗ୍ରୀ ଖୋଜିବା ଅପେକ୍ଷା ଗୋଟିଏ ସ୍ଥାନର ଗ୍ରାହକ ମନ ପସନ୍ଦର ସାମଗ୍ରୀ ପାଇପାରୁଥିବାରୁ ହାଣ୍ଡିକ୍ରାଫ୍ଟ ସାମଗ୍ରୀର ଚାହିଦା ମେଳା ଆରମ୍ଭ ଆଜି ପର୍ଯ୍ୟନ୍ତ ବେଶ ଉତ୍ସାହଜନକ ରହିଛି ବୋଲି ପ୍ରଦର୍ଶନୀର ଆୟୋଜକ କାମଧେନୁ ଖଦି ଉଲ୍ ପାନିପଥ ପକ୍ଷରୁ ବିସ୍ତୃତ ଭାବେ ସୂଚନା ଦିଆଯାଇଛି। ଉଲ୍ଲେଖଯୋଗ୍ୟ, କାମଧେନୁ ଖଦି ଉଲ ପାନିପଥ ପକ୍ଷରୁ ଆୟୋଜିତ ଏହି ମାସିକିଆ ହସ୍ତତନ୍ତ ଓ ହସ୍ତଶିଳ୍ପ ମେଳାର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଏପରିକି ୨୦୨୪ ନଭେମ୍ବର ୨୪ ରୁ ଡିସେମ୍ବର ୨୫ପର୍ଯ୍ୟନ୍ତ ଏହି ମେଳା ଭୁବନେଶ୍ୱରର ପ୍ରଦର୍ଶନୀ ପଡିଆରେ ପ୍ରତିଦିନ ସକାଳ ୧୧ ଘଟିକାରୁ ରାତି ୯ ଘଟିକା ପର୍ଯ୍ୟନ୍ତ ସର୍ବସାଧାରଣ ଓ ସବୁ ବର୍ଗର ଗ୍ରାହକଙ୍କ ପାଇଁ ଖୋଲା ରହିଛି। ସେହିଭଳି ଏହି ମେଳାରେ ୧୭ ରାଜ୍ୟର ବୁଣାକାର ସଂଘ, ବ୍ୟବସାୟୀ ଓ ସରକାରୀ ସ୍ୱୀକୃତିପ୍ରାପ୍ତ ପ୍ରତିଷ୍ଠାନର ଆକର୍ଷଣୀୟ ଷ୍ଟଲ ସାଙ୍ଗକୁ ପ୍ରସିଦ୍ଧ ହସ୍ତତନ୍ତ ଓ ହସ୍ତଶିଳ୍ପ ସାମଗ୍ରୀ ଓ ପୋଷାକର ସମ୍ଭାର ଉପଲବ୍ଧ ରହିଛି। ଅପରପକ୍ଷରେ ଏହି ମେଳା ୩୦ଦିନରେ ପହଞ୍ଚିବ। ଏହି ପ୍ରଦର୍ଶନୀରେ ୧୭ ରାଜ୍ୟର ବ୍ୟବସାୟୀ ମୋଟ ୯୦ଟି ଷ୍ଟଲ ଜରିଆରେ ସେମାନଙ୍କର ପୋଷାକ ଓ ହସ୍ତତନ୍ତ ଓ ହସ୍ତଶିଳ୍ପ ସାମଗ୍ରୀ ଉଭୟ ପ୍ରଦର୍ଶନ ଓ ବିକ୍ରୟ କରୁଛନ୍ତି।

୧.୪୬ ଲକ୍ଷ କୋଟିର ପୁଞ୍ଜିନିବେଶ

ଭୁବନେଶ୍ୱର,୨୩।୧୨: କେନ୍ଦ୍ର ବାଣିଜ୍ୟ ଓ ଉଦ୍ୟୋଗ ମନ୍ତ୍ରଣାଳୟ ଦ୍ୱାରା ୨୦୨୦ରୁ କାର୍ଯ୍ୟକାରୀ ହେଉଥିବା ପିଏଲଆଇ ଯୋଜନା ପୁଞ୍ଜି ନିବେଶ, ଉତ୍ପାଦନ ଏବଂ ନିଯୁକ୍ତି ସୃଷ୍ଟି କ୍ଷେତ୍ରରେ ଉଲ୍ଲେଖନୀୟ ମାଇଲଖୁଣ୍ଟ ହାସଲ କରିଛି। ୨୦୨୪ ଅଗଷ୍ଟ ସୁଦ୍ଧା ୧୪ଟି କ୍ଷେତ୍ରରେ ୧.୪୬ ଲକ୍ଷ କୋଟି ଟଙ୍କାର ପୁଞ୍ଜିନିବେଶ ହୋଇଛି। ଫଳରେ ୧୨.୫୦ ଲକ୍ଷ କୋଟି ଟଙ୍କାରୁ ଅଧିକ ଉତ୍ପାଦନ ଓ ବିକ୍ରୟ ହୋଇଛି। ଏହାସହ ୯.୫ ଲକ୍ଷରୁ ଅଧିକ ନିଯୁକ୍ତି ସୃଷ୍ଟି ହୋଇଛି ଏବଂ ରପ୍ତାନି ପରିମାଣ ୪ ଲକ୍ଷ କୋଟି ଟଙ୍କା ଅତିକ୍ରମ କରିଛି। ୨୦୨୨-୨୩ ଆର୍ଥିକ ବର୍ଷ ଏବଂ ୨୦୨୩-୨୪ ଆର୍ଥିକ ବର୍ଷରେ ୮ଟି କ୍ଷେତ୍ରରେ ଯଥାକ୍ରମେ ୨,୯୬୮ କୋଟି ଟଙ୍କା ଏବଂ ୯ଟି କ୍ଷେତ୍ରରେ ୬,୭୫୩ କୋଟି ଟଙ୍କାର ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଛି। ଭାରତର ଉତ୍ପାଦନ କ୍ଷମତା ଏବଂ ରପ୍ତାନି ବୃଦ୍ଧି ପାଇଁ ୧.୯୭ ଲକ୍ଷ କୋଟି ଟଙ୍କା ବ୍ୟୟରେ ୧୪ଟି ପ୍ରମୁଖ କ୍ଷେତ୍ର ପାଇଁ ଉତ୍ପାଦନ ସଂଯୁକ୍ତ ପ୍ରୋତ୍ସାହନ

(ପିଏଲଆଇ) ଯୋଜନା ଘୋଷଣା କରାଯାଇଛି। ଏହି ୧୪ଟି କ୍ଷେତ୍ର ମଧ୍ୟରେ ୭୬୪ଟି ଆବେଦନକୁ ଅନୁମୋଦନ ମିଳିଛି। ଏହି ୭୬୪ଟି ଅନୁମୋଦନ ମଧ୍ୟରୁ ଖାଦ୍ୟ ଉତ୍ପାଦ କ୍ଷେତ୍ର ସର୍ବାଧିକ ୧୮୨ଟି ଅନୁମୋଦନ ପାଇଥିବା ବେଳେ ଯାନବାହନ ଓ ଯାନବାହନ ସରଞ୍ଜାମ କ୍ଷେତ୍ର ୯୫ଟି ଅନୁମୋଦନ ସହ ତୃତୀୟ ସ୍ଥାନରେ ରହିଛି । ଏମଏମଏଫ ବିଭାଗ ଏବଂ ବୈଷୟିକ ବୟନଶିଳ୍ପକୁ ୭୪ଟି ଆବେଦନ ମଞ୍ଜୁର ହୋଇଥିବା ବେଳେ ସ୍ୱତନ୍ତ୍ର ଇସ୍ପାତକୁ ୬୭ଟି ଏବଂଏସି ଓ ଏଲଇଡିକୁ ୬୬ଟି ଅନୁମୋଦନ ମିଳିଛି। ଏହାବ୍ୟତୀତ ଗୁରୁତ୍ୱପୂର୍ଣ୍ଣ ପ୍ରମୁଖ ଷ୍ଟାର୍ଟି ସାମଗ୍ରୀ / ଡ୍ରଗ ଇଣ୍ଟରମିଡିଆରୀ ଓ ସକ୍ରିୟ ଔଷଧୀୟ ଉପାଦାନ ଭଳି କ୍ଷେତ୍ରକୁ ୫୧ଟି, ଔଷଧୀୟ ସାମଗ୍ରୀକୁ ୫୫୫ଟି, ଟେଲିକମ ଓ ନେଟୱର୍କିଂ ଉତ୍ପାଦକୁ ୪୨ଟି ଏବଂ ଇଲେକ୍ଟ୍ରୋନିକ/ ଟେକ୍ନୋଲୋଜି ଉପତ୍ାଦକୁ ୨୭ଟି ଅନୁମୋଦନ ମିଳିଛି। ମେଡିକାଲ ଡିଭାଇସ ଉତ୍ପାଦନ ଏବଂ ମୋବାଇଲ ଉତ୍ପାଦନ ଏବଂ ନିର୍ଦ୍ଦିଷ୍ଟ ଇଲେକ୍ଟ୍ରୋନିକ ଉପାଦାନ ଉଭୟ ୩୨ଟି ଲେଖାଏଁ ଅନୁମ

୨୮ ଦିନରେ ଗନ୍ଧମାର୍ଦ୍ଦନ ସୁରକ୍ଷା ଯୁବ ପରିଷଦର ଗଣଧାରଣା

ଖପ୍ରାଖୋଲ,୨୩।୧୨(ସଂଚାର ବ୍ୟୁରୋ): ବଲାଙ୍ଗିର ଜିଲ୍ଲା ଖପ୍ରାଖୋଲ ବ୍ଲକ ସ୍ଥାନୀୟ ତହସିଲ କାର୍ଯ୍ୟଳୟ ସମ୍ମୁଖରେ ଗନ୍ଧମାର୍ଦ୍ଦନ ସୁରକ୍ଷା ଯୁବ ପରିଷଦ ର ଗଣଧାରଣା ୨୮ ଦିନରେ ପହଂଚିଛି । ସରକାର ଗନ୍ଧମାର୍ଦ୍ଦନ ପାହାଡ଼ ର ସ୍ଥାୟୀ ସୁରକ୍ଷା ଆଇନ୍ ପାରିତ ପାଇଁ କୌଣସି ନିଷ୍ପତି ନନେବାରୁ ଆଗାମୀ ଦିନରେ ମହାସମାବେଶ ପାଇଁ ରବିବାର ଦିନ ଆବାହକ ଜୟସିଂ ପୁଝାରୀ ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠିତ ବୈଠକ ରେ ବଲାଙ୍ଗିର ବରଗଡ଼ ଓ ନୂଆପଡ଼ା ର ଲୋକଙ୍କୁ ନେଇ ଖପ୍ରାଖୋଲ ଆଦର୍ଶ ବିଦ୍ୟାଳୟ ସମ୍ମୁଖରେ ଏକ ମହା ସମାବେଶ ଅନୁଷ୍ଠିତ ହେବା ପାଇଁ ସ୍ଥିର ହୋଇଛି । ଉକ୍ତ ସମାବେଶ ରେ ଆଗାମୀ ଦିନର ରଣନୀତି କୁ ନେଇ ଅତିଥି ମାନେ ନିଜ ନିଜ ମତ ରଖିବେ ବୋଲି ଉପସ୍ଥିତ ବିଭିନ୍ନ ସଂଗଠନର ସଦସ୍ୟ ମାନେ ମତ ରଖିଥିଲେ । ଏହା ସହ କିପରି ଭାବରେ ଯାନ ସମାଗମ କରାଯିବ ସେନେଇ ଆଲୋଚନା ହୋଇଥିବା ସୁରକ୍ଷା ପରିଷଦ ତରଫରୁ ସୂଚନା ଦିଆଯାଇଛି। ଏହା ସହ ସମାବେଶ ରେ ସମସ୍ତ ଦଳ, ବିଭିନ୍ନ ସଙ୍ଗଠନ ଓ ସାଧାରଣ ଜନତା ମାନେ ଭାଗ ନେବା ପାଇଁ ନିବେଦନ କରାଯିବ ବୋଲି ମତ ପ୍ରକାଶ ପାଇଥିଲା । ଏହି ଅବସରରେ ପୂର୍ବତନ ବିଧାୟକ ସରୋଜ ମେହେର, କଂଗ୍ରେସ ସଦସ୍ୟ ଅନିଲ ମେହେର, ପୂର୍ବତନ ଆବାହକ ରାଜ କୁମାର ସେଠ, ସୁଶିଲ ନାଏକ, ଆଇନ ଯିବି ପ୍ରଶାନ୍ତ ମାଝୀ, ଏଲ ଡି ଏ ସଂଗଠନ ର ଅଧକ୍ଷ ଲବ ସୁନା, ରଘୁନାଥ ସିଂ ବରିହା, ତନ୍ତ୍ର ଧରୁଆ, ବିପ୍ର ବିଶି, ବ୍ଲକ ଉପାଧ୍ୟକ୍ଷ ସୁଖୀରାମ ଷାଣ୍ଡ , ବଂଶୀ ବେହେରା, ଟେକେନ୍ଦ୍ର ଜାଲ, ଜଳନ୍ଧର ତାଣ୍ଡି , ବୃନ୍ଦବାନ ବାରିକ, ସନ୍ତୋଷ ପଧାନ ଓ ଗନ୍ଧମାର୍ଦ୍ଦନ ସୁରକ୍ଷା ପରିଷଦ ର ସଦସ୍ୟ ସଦସ୍ୟା ମାନେ ଉପସ୍ଥିତ ଥିଲେ ।

ଚାଷୀଙ୍କ ଆର୍ଥିକ ମେରୁଦଣ୍ଡରେ ଦୈବୀ ପ୍ରହାର

କଣାସ,୨୩।୧୨(ସଂଚାର ବ୍ୟୁରୋ): କଣାସରେ କୃତ୍ରିମ ବନ୍ୟାର ଭ୍ରମ ସୃଷ୍ଟି କରିଛି ଅଦିନିଆ ବର୍ଷା। ହଜାର ହଜାର ଏକର ବାଦାମ ବିଲରେ ଲହଡି ମାରୁଛି ବର୍ଷା ପାଣି। ବରୁଣେଇ ଓ ବାଜପୁର ଅଞ୍ଚଳରେ ନଷ୍ଟ ହୋଇଛି ୱାଦାମ ଫସଲ। ଚାଷ ପାଇଁ ସରକାରୀ ବିହନ ମିଳିଲା ନାହିଁ, ହାତ ଉଦ୍ଧାରି କରି ଚାଷ କରିଥିଲେ। ଗଛ ଗୁଡ଼ିକ ଛୋଟ ଛୋଟ ହୋଇଥିବା ବେଳେ ବିଲରେ ପାଣି ଦେଖି ଭାଙ୍ଗି ପଡ଼ିଛନ୍ତି ୪ଟି ପଞ୍ଚାୟତର ଚାଷୀ। ବର୍ଷା କମିବା ପରେ ଏବେ ବିଲରେ ଓଦା ହୋଇଥିବା ଧାନ ଫସଲ ଗୋଟାଉଛି ଚାଷୀ। କିଏ ଓଦା ଧାନକୁ ହିଡ଼ ମୁଣ୍ଡରେ ଗଦା କରୁଛି ତ ଆଉ କିଏ ଗଦାରୁ ପାଳକୁ ହଟାଇ ଧାନ ଶୁଖାଉଛି। ଗଞ୍ଜାମ ଆସିକ। ବ୍ଲକ ଧନିଜା ଗାଁରୁ ଏଭଳି ଦୃଶ୍ୟ ସାମ୍ନାକୁ ଆସିଛି। ଏପର୍ଯ୍ୟନ୍ତ ସରକାରୀ ଅଧିକାରୀ ମାନେ ଗ୍ରାଉଣ୍ଡରେ ନପହଁଚିବା କାରଣରୁ ଚାଷୀଙ୍କ ଭିତରେ ଅସନ୍ତୋଷ ଦେଖିବାକୁ ମିଳିଛି। ସେପଟେ ପାଣିପାଗ ବିଭାଗ କହୁଛି, ଆସୁଛି ଆଉ ଏକ ଲଘୁଚାପ । ୨୦ ତାରିଖରୁ ପୁଣି ବର୍ଷାର ସମ୍ଭାବନା ରହିଛି। ଯାହା ଚାଷୀଙ୍କ ପାଇଁ ବୋଝ ଉପରେ ନଳିତା ବିଡ଼ା ସଦୃଶ ହୋଇଛି।ଗତ ବର୍ଷା ଅସ୍ତରଙ୍ଗ ଏବଂ କାକଟପୁର ଅଞ୍ଚଳର ହଜାର ହଜାର ଚାଷୀଙ୍କ ଭାତହାଣ୍ଡି ଛଡାଇ ନେଇଛି। ଅମଳକ୍ଷମ ଧାନ ପାଣିରେ ଭାସୁଥିବା ବେଳେ ପାଣିରୁ ପରିଶ୍ରମର ମୂଲକୁ ଛାଣୁଛନ୍ତି ଚାଷୀ।

ଜିଲ୍ଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣି

ବରଗଡ଼,୨୩।୧୨(ସଂଚାର ବ୍ୟୁରୋ): ଝାରବନ୍ଧ ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ଜିଲ୍ଲାପାଳ ଆଦିତ୍ୟ ଗୋୟଲ ଏବଂ ଆରକ୍ଷୀ ଅଧିକ୍ଷକ ପ୍ରହଲ୍ଲାଦ ସହାୟ ମୀନାଙ୍କ ମିଳିତ ଅଧ୍ୟକ୍ଷତାରେ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଗୋୟଲ ଏବଂ ଆରକ୍ଷୀ ଅଧିକ୍ଷକ ପ୍ରହଲ୍ଲାଦ ସହାୟ ମୀନାଙ୍କ ସମେତ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଲଲାଟ କୁମାର ଲୁହା, ଝାରବନ୍ଧ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପୁରୁଷୋତ୍ତମ ମିର୍ଦ୍ଧା, ଝାରବନ୍ଧ ତହସିଲଦାର ପ୍ରତାପ ଚନ୍ଦ୍ର ଭୋଇ ଏବଂ ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ଅମୃତପାଲ କୌର ଉପସ୍ଥିତ ରହି ଲୋକଙ୍କ ଅଭିଯୋଗ ଶୁଣିଥିଲେ । ସୂଚନାଯୋଗ୍ୟକି, ଉକ୍ତ ଶିବିରରେ ଜଳସେଚନ, ବିଦ୍ୟୁତ୍ ଯୋଗାଣ, ପାନୀୟ ଜଳ ଯୋଗାଣ, ରାସନ କାର୍ଡ, ବାର୍ଦ୍ଧକ୍ୟ ଏବଂ ବିକଳାଙ୍ଗ ଭତ୍ତା, ରାସ୍ତା ନିର୍ମାଣ, କୃଷି ଆଦି ସମସ୍ୟା ଅଧାରିତ ସମୁଦାୟ ୯୩ ଗୋଟି ଅଭିଯୋଗ ମଧ୍ୟରୁ ୫୯ ଗୋଟି ବ୍ୟକ୍ତିଗତ, ୨୮ ଗୋଟି ସାମୁହିକ ଅଭିଯୋଗ ଏବଂ ୬ ଗୋଟି ରେଡକ୍ରସ ଅଭିଯୋଗର ଶୁଣାଣି କରି ସମସ୍ତ ସମସ୍ୟା ତୁରନ୍ତ ସମାଧାନ କରିବା ପାଇଁ ଜିଲ୍ଲାପାଳ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

ଗୁରୁଜୀ ଡ. ଚନ୍ଦ୍ରଭାନୁ ଶତପଥୀଙ୍କ ଜନ୍ମଦିନ ଉପଲକ୍ଷେ ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା

ଭୁବନେଶ୍ୱର,୨୩।୧୨(ସଂଚାର ବ୍ୟୁରୋ): ଗୁରୁଜୀ ଡ. ଚନ୍ଦ୍ରଭାନୁ ଶତପଥୀଙ୍କ ୭୬ତମ ଜନ୍ମଦିନ ଉପଲକ୍ଷେ ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଶୁଭେଚ୍ଛା ଜଣାଇଛନ୍ତି। ରାଜ୍ୟପାଳ ରଘୁବର ଦାସ ଏକ ବାର୍ତ୍ତାରେ କହିଛନ୍ତି ଯେ ଜଣେ ପ୍ରସିଦ୍ଧ ବିଦ୍ୱାନ ଓ ଆଧ୍ୟାତ୍ମିକ ଚିନ୍ତକ ଭାବରେ ଗୁରୁଜୀ ଡ. ଚନ୍ଦ୍ରଭାନୁ ଶତପଥୀଙ୍କର ସ୍ୱତନ୍ତ୍ର ପରିଚୟ ରହିଛି। ଗତ ପଚିଶି ବର୍ଷରୁ ଉର୍ଦ୍ଧ୍ୱକାଳ ଧରି ସେ କେବଳ ଭାରତ ନୁହେଁ, ଭାରତ ବାହାରେ ମଧ୍ୟ ଭାରତୀୟ ଦର୍ଶନ ଓ ସଂସ୍କୃତିର ପ୍ରଚାର ଓ ପ୍ରସାର କରିଆସୁଛନ୍ତି। ତାଙ୍କରି ପ୍ରେରଣା ଓ ମାର୍ଗଦର୍ଶନରେ ପରୋପକାର, ସାମୁଦାୟିକ ବିକାଶ, ଅଧ୍ୟାତ୍ମବାଦ ଏବଂ ଭାରତୀୟ ସଂସ୍କୃତି ପ୍ରତି ସମର୍ପିତ ଶତାଧିକ ଅନୁଷ୍ଠାନ ଆମେରିକା, କାନଡ଼ା, ଅଷ୍ଟ୍ରେଲିଆ, ନିଉଜିଲାଣ୍ଡ, ଦକ୍ଷିଣ ଆଫ୍ରିକା, ବ୍ରିଟେନ ଓ ୟୁରୋପରେ ଗଢ଼ି ଉଠିଛି। ତାଙ୍କର ଜନ୍ମଦିନରେ ତାଙ୍କର ସୁସ୍ଥ ଓ ନିରାମୟ ଜୀବନ କାମନା କରିବା ସହିତ ଭାରତୀୟ ଆଧ୍ୟାତ୍ମିକ ସଂସ୍କୃତିର ଅଧିକରୁ ଅଧିକ ପ୍ରଚାର ପ୍ରସାର କରିବାରେ ମହାପ୍ରଭୁ ଶ୍ରୀଜଗନ୍ନାଥ ତାଙ୍କୁ ସହାୟ ହୁଅନ୍ତୁ, ଏହି ପ୍ରାର୍ଥନା କରୁଛି ବୋଲି ରାଜ୍ୟପାଳ କହିଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଶୁଭେଚ୍ଛା ଜଣାଇ କହିଛନ୍ତି ଯେ ଗୁରୁଜୀ ଡ. ଚନ୍ଦ୍ରଭାନୁ ଶତପଥୀ ଓଡ଼ିଶା ମାଟିର ଜଣେ ସୁଯୋଗ୍ୟ ସନ୍ତାନ। ସେ ଜଣେ ମହାନ୍ ଗୁରୁ ଓ ଦିବ୍ୟାତ୍ମା। କଠିନ ପରିଶ୍ରମ, ଏକନିଷ୍ଠ ସାଧନା ଓ ଅନନ୍ୟ ଈଶ୍ୱର ଭକ୍ତି ବଳରେ ସେ ସାରା ବିଶ୍ୱର କୋଟି କୋଟି ଲୋକଙ୍କ ପାଇଁ ମାର୍ଗଦର୍ଶକ ସାଜିଛନ୍ତି। ମୁଁ ତାଙ୍କର ଦୀର୍ଘ, ନିରାମୟ ଓ ପବିତ୍ର ଜୀବନ ପାଇଁ ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ସଦ୍‌ଗୁରୁ ଶ୍ରୀସାଇନାଥଙ୍କ ଚରଣରେ ପ୍ରାର୍ଥନା କରୁଛି। ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଗୁରୁଜୀଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାଇ କହିଛନ୍ତି ତାଙ୍କର ଜ୍ଞାନ, କରୁଣା ଓ ମାର୍ଗଦର୍ଶନ ଅସଂଖ୍ୟ ଲୋକଙ୍କ ପାଇ ପ୍ରେରଣାର ସ୍ରୋତ ପାଲଟିଛି। ତାଙ୍କର ଦିଗଦର୍ଶନ ଓ ଆନ୍ତରିକ ସ୍ନେହ ପାଇଁ ଆମେ ସଦାସର୍ବଦା କୃତଜ୍ଞ ବୋଲି ସେ ଉଲ୍ଲେଖ କରିଛନ୍ତି। ସୁପ୍ରିମକୋର୍ଟର ପୂର୍ବତନ ବିଚାରପତି ଜଷ୍ଟିସ ଅନଙ୍ଗ କୁମାର ପଟ୍ଟନାୟକ ଗୁରୁଜୀଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାଇ କହିଛନ୍ତି ଯେ ଖରାପ ସମୟରେ ତାଙ୍କର ମାନସିକ ଓ ଆଧ୍ୟାତ୍ମିକ ସମର୍ଥନ ମୁଁ ନିଜେ ଓ ଅଗଣିତ ବ୍ୟକ୍ତି ଅନୁଭବ କରିଆସିଛନ୍ତି। ମୁଁ ତାଙ୍କର ଦୀର୍ଘ ନିରାମୟ ଜୀବନ କାମନା କରୁଛି ବୋଲି ସେ କହିଛନ୍ତି। ଜ୍ଞାନପୀଠ ପୁରସ୍କାର ବିଜେତା ତଥା କେନ୍ଦ୍ର ସରକାରଙ୍କ ସଂସ୍କୃତି ବିଭାଗର ପ୍ରାକ୍ତନ ସଚିବ ସୀତାକାନ୍ତ ମହାପାତ୍ର ଜନ୍ମଦିନରେ ଗୁରୁଜୀଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଜଣାଇ ତାଙ୍କର ଆଶୀର୍ବାଦ ଭିକ୍ଷା କରିଛନ୍ତି।

ରାସ୍ତା କଡରେ ଘାସ ପାଇଁ ବଢୁଛି ଦୁର୍ଘଟଣା

● ଗ୍ରାମ୍ୟ ଉନ୍ନୟନ ବିଭାଗ ନିରବଦ୍ରଷ୍ଟା

ସୋନପୁର,୨୩।୧୨(ସଂଚାର ବ୍ୟୁରୋ): ସୋନପୁର ସଦର ବ୍ଲକ ୱିଶିମୁଣ୍ଡା ଆରଏମସି ଛକ ଠାରୁ ମଲ୍ଲିକମୁଣ୍ଡା,ଗଡିଆ ଦେଇ ନାରାୟଣପୁର ଗ୍ରାମ୍ୟ ଉନ୍ନୟନ ବିଭାଗ ରାସ୍ତା ଏବେ ଦୁର୍ଘଟଣା ପ୍ରବଣ ପାଲଟିଛି। ରାସ୍ତା ଓସାରିଆ ଥିବା ରାସ୍ତାଟି ଅଧିକ ଓ୍ୱଲାଣି ହୋଇଥିବାରୁ ବେଳେ ବେଳେ ଚାଳକ ଭାରସାମ୍ୟ ହରାଇ ରାସ୍ତା କଡକୁ ଚାଲିଯାଇ ଦୁର୍ଘଟଣା ଘଟାଇଥାଏ। ବିଶେଷ କରି ଗଡିଆ ଗ୍ରାମ ନିକଟ ରାସ୍ତା ଉଭୟ ପଟ ଘାସ ଯୋଗୁଁ ଏହା ଅଧିକ ସଙ୍କୁଚିତ କରିଛି। ଫଳରେ ଗତ ଅକ୍ଟୋବର ମାସ ୨୯ ତାରିଖ ସନ୍ଧ୍ୟା ସମୟରେ ଜଣେ ଯୁବକ ବିପରୀତ ଦିଗରୁ ଆସୁଥିବା ଗାଡ଼ିକୁ ଦେଖି ନପାରି ଭାରସାମ୍ୟ ହରାଇ ମୃତ୍ୟୁ ବରଣ କରିଥିଲେ। ସେହିପରି ଅର୍ଜୁନପୁର - ବୁର୍ଡା ରାସ୍ତାର କଇଁଫୁଲ ଛକ ଠାରୁ କସୁରପାଲି,ଗଡିଆ, ଦେଉଳି,ତଳିଫଓ୍ୱସି ,ମହୁଲେ ଦେଇ ସିଆଲଝୁରି ଛକ ୫୭ ନମ୍ବର ସୋନପୁର - ବଲାଙ୍ଗୀର ଜାତୀୟ ରାଜପଥ କୁ ସଂଯୋଗ କରିଛି। ଏହି ରାସ୍ତାର ଉଭୟ ପାଶ୍ୱରେ ପତରା ଜଙ୍ଗଲ ସୃଷ୍ଟି ହୋଇ ରାସ୍ତା ବିପଦ ସଙ୍କୁଳ ହୋଇପଡିଛି। ତେଣୁ ଉଭୟ ଦୁଇ ରାସ୍ତା ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧିନସ୍ଥ ରାସ୍ତା। ଏହାକୁ ବିଭାଗ ତୁରନ୍ତ ପରିଷ୍କାର କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

ରାହୁଲଙ୍କ ନାମରେ ମିଥ୍ୟା ମାମଲା ପ୍ରତ୍ୟାହାର ଦାବିରେ କଂଗ୍ରେସ ପକ୍ଷରୁ କୁଶପୁତ୍ତଳିକା ଦାହ

ଦଶରଥପୁର, ୨୩।୧୨(ସଂଚାର ବ୍ୟୁରୋ): ଭାରତ ଶାସନ ବ୍ୟବସ୍ଥା ପାଇଁ ଲେଖାଯାଇଥିବା ସମ୍ବିଧାନର ମୁଖ୍ୟ ତଥା ସମ୍ବିଧାନ ପ୍ରଣେତା ବାବା ସାହେବ ଆମ୍ବେଦକରଙ୍କୁ ଚଳିତ ଲୋକସଭା ଗୃହରେ ଯେଉଁଭଳି ଭାବେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ସାହା କଟାକ୍ଷ କଲେ ଦେଶବାସୀ ଗ୍ରହଣ କରିପାରିନାହାନ୍ତି । ଅନ୍ୟ ପକ୍ଷରେ ଆଦାନୀଙ୍କୁ ବିଜେପି ସରକାରଙ୍କ ଅହେତୁକ ଅନୁକମ୍ପା ଏବଂ ସାହାଙ୍କ ତାତ୍ପର୍ଯ୍ୟକୁ ବାଟବଣା କରିବା ପାଇଁ ଯେଉଁ ପ୍ରୟାସ ବିଜେପି କରିଛି ଲୋକଙ୍କ ନିକଟରେ ଅଛପା ନାହିଁ । ଏଣୁ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କ ସ୍ୱରକୁ ଦବାଇବା ପାଇଁ ୨ ସାଂସଦକୁ ଠେଲିଦେବା ଭଳି ତାଙ୍କ ନାମରେ ମିଥ୍ୟା ମାମଲା କରାଯିବା ନିନ୍ଦାର ବିଷୟ । ଏହାର ପ୍ରତିବାଦରେ ଆଜି ଦଶରଥପୁର ବ୍ଲକ କଂଗ୍ରେସ ପକ୍ଷରୁ ବ୍ଲକ ସମ୍ମୁଖରେ ବିକ୍ଷୋଭ କରାଯାଇଥିଲା । ନିକଟସ୍ଥ ପଶୁପତି ଶିବ ମନ୍ଦିର ପ୍ରାଙ୍ଗଣରୁ ଏକ ଶୋଭାଯାତ୍ରାରେ ବାହାରି ବ୍ଲକ ସମ୍ମୁଖରେ ପହଞ୍ଚିଥିଲା । ସେଠାରେ ବିଜେପି ସରକାରଙ୍କ ବିରୁଦ୍ଧରେ ନାରାବାଜି କରାଯିବା ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ କେନ୍ଦ୍ର ଗୃହ ମନ୍ତ୍ରୀ ଅମିତ ସାହାଙ୍କ କୁଶପୁତ୍ତଳିକା ଦାହ କରାଯାଇଥିଲା । ଏ ସମ୍ପର୍କରେ ଏକ ଦାବିପତ୍ର ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ବିଡ଼ିଓଙ୍କ ଜରିଆରେ ପ୍ରଦାନ କରାଯାଥିଲା । ପିସିସି ସଭ୍ୟା ଦେବେନ୍ଦ୍ର ପଣ୍ଡା, ଯାଜପୁର ବିଧାୟକ ପ୍ରାର୍ଥୀ ସନ୍ତୋଷ ନନ୍ଦ, ବିଂଝାରପୁର ବିଧାୟିକା ପ୍ରାର୍ଥୀ କନକଲତା ମଲ୍ଲିକ , ଜିଲ୍ଲା ଉପ ସଭାପତି ଭରତ ଚନ୍ଦ୍ର ପରିଡା, ବ୍ଲକ ସଭାପତି ଶ୍ୟମାସୁନ୍ଦର କର, ସରପଞ୍ଚ ଲିପିକା ମଲିକ, ଅମ୍ବିକା ରାଉତ, ଯୁବ ନେତା ଚନ୍ଦ୍ରଶେଖର ସାହୁ, ଛାତ୍ର ନେତା ଅନୁପମ ମଲିକ, ଅନନ୍ତ କୁମାର ଜେନା, ଏକାଦଶୀ ତ୍ରିପାଠୀ, ଶେଖର ସମ୍ବିତ ଧଳ, ବିଶ୍ୱଜିତ ରାୟ, ବିଚିତ୍ର ମଲିକ, ବିମଲ ମଲିକ, ସାଗର ରଞ୍ଜନ ପରିଡା, ମନୋରଞ୍ଜନ ପରିଡା, ଅଜୟ ନାୟକ, ରବୀନ୍ଦ୍ର ବାରିକ, ରାଜୀବ ମଲିକ, ଅଜିତ ମହାନ୍ତି, ବୃନ୍ଦାବନ ଜେନା, ଗଣେଷ ସେଠି, ରବି ଜେନା, ଅକ୍ଷୟ ନାୟକ, ଉତ୍ତମ ମଲିକ, ସୁଦିପ ମଲିକଙ୍କ ସମେତ ଶତାଧିକ କର୍ମୀ ଉପସ୍ଥିତ ଥିଲେ।

ଓଡିଶା ପତ୍ରକାର ସଂଘର ୧୫ତମ ବାର୍ଷିକ ଉତ୍ସବ

ରାୟଗଡା,୨୩।୨୪ (ସଂଚାର ବ୍ୟୁରୋ): ରାୟଗଡା ଜିଲ୍ଲା ସଦର ବିଜୁ ପଟ୍ଟନାୟକ ଅଡିଟରିଅମରେ ଓଡିଶା ପତ୍ରକାର ସଂଘ ର ୧୫ ତମ ବାର୍ଷିକ ଉତ୍ସବ ପାଳନ କରାଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ କୋରାପୁଟ ସାଂସଦ ସପ୍ତଗିରି ଉଲ୍ଲାକା ଯୋଗଦେଇ ଓ ସାନମାନୀୟ ଅଥିତି ଡ଼ଃ ଦୟାନିଧି ବାଘ ଜଳ ଛାୟା ରାୟଗଡା , ପୌରପରିଷଦର ଅଧ୍ୟକ୍ଷ ମହେଶ କୁମାର ପଟ୍ଟନାୟକ, ବିଜେପି ଜିଲ୍ଲା ସଭାପତି ଶିବ ପଟ୍ଟନାୟକ, ଓ ଅତିରିକ୍ତ ଏସପି ବିଷ୍ଣୁ ପ୍ରସାଦ ପାତ୍ର,ରାଜ୍ୟ ଉପସଭାପତି ହରପ୍ରସାଦ ଦାସ ଉପସ୍ଥିତ ଥିଲେ । ସମସ୍ତ ଅତିଥି ନିଜ ଜିନ ବକ୍ତବ୍ୟ ରେ ସାମ୍ବାଦିକମାନଙ୍କ ଅଧିକାର ସୁନିଶ୍ଚିତ କରିବାର ଆବଶ୍ୟକତା ଉପରେ ଜୋର ଦେଇଥିଲେ। ସେ କହିଥିଲେ, "ସାମ୍ବାଦିକମାନେ ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ। ସେମାନଙ୍କ କାର୍ଯ୍ୟରେ ବାଧା ସୃଷ୍ଟି କରିବା ଅନ୍ୟାୟ। ସାମ୍ବାଦିକଙ୍କ ଅଧିକାର ଦିଆଜିବା ଆବଶ୍ୟକ "ସପ୍ତଗିରି ଉଲ୍ଲାକା ମଧ୍ୟ କହିଥିଲେ ଯେ,ସେ ସାମ୍ବାଦିକମାନଙ୍କ ହକ ପାଇଁ ସଂସଦରେ ସ୍ୱର ଉତ୍ତୋଳନ କରିଛନ୍ତି ଓ ରାଜ୍ୟ ସରକାରଙ୍କୁ ସାମ୍ବାଦିକଙ୍କ ଦାବିକୁ ପୂରଣ କରିବା ପାଇଁ ଅନୁରୋଧ କରିଛନ୍ତି। ସଭାରେ ରାୟଗଡା ବିଧାୟକ କାଡ୍ରାକା ଆପାଲସ୍ୱାମୀ ଓ ବିଷମ କଟକ ବିଧାୟକ ନୀଳମାଧବ ହିକକା ମଧ୍ୟ ସାମ୍ବାଦିକମାନଙ୍କ ହକ ପାଇଁ ତାଙ୍କ ସମର୍ଥନ ଜଣାଇଥିଲେ। ସେମାନେ କହିଥିଲେ,ସାମ୍ବାଦିକମାନେ ସମାଜର ଆବଶ୍ୟକ ରୂପାନ୍ତରଣରେ ମୁଖ୍ୟ ଭୂମିକା ନିଭାଇଥାନ୍ତି। ସେମାନଙ୍କ ଅଧିକାର ସୁନିଶ୍ଚିତ ହେବା ଦରକାର। "ସଭାରେ ଓଡିଶା ପତ୍ରକାର ସଂଘର ରାଜ୍ୟ ଉପସଭାପତି ହରପ୍ରସାଦ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା ।

ବ୍ରହ୍ମ କୁମାରୀ ଦ୍ୱାରା ଯୌଗିକ ଏବଂ ଜୈବିକ କୃଷି କାର୍ଯ୍ୟକ୍ରମ ଆୟୋଜିତ

ଯୋଡ଼ା,୨୩।୨୪ (ସଂଚାର ବ୍ୟୁରୋ): ଜାତିୟ କୃଷକ ଦିବସ ଅବସରରେ ସୁନାପସି ଗ୍ରାମରେ ବ୍ରହ୍ମାକୁମାରୀ ବଡବିଲ ଙ୍କ ଦ୍ୱାରା ଏକ ସୁନ୍ଦର ଯୌଗିକ ଏବଂ ଜୈବିକ କୃଷି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା, ଯେଉଁଥିରେ ମୁଖ୍ୟ ଅତିଥି ହେ ହରିଓମ ପାଣିଗ୍ରାହି (ବ୍ଲକ କୃଷି ଅଧିକାରୀ), ସମ୍ମାନିତ ଅତିଥି, ଅଜିତ କୁମାର ସେଠୀ-କୃଷି ଅଧିକାରୀ ,ସମ୍ମାନିତ ଅତିଥି ଏସ ଶୁଭଲକ୍ଷ୍ମୀ ସହକାରୀ ଉଦ୍ୟାନ କୃଷି ଅଧିକାରୀ, ମାଙ୍ଗୁଳି ଗିରି ଉଦ୍ୟାନ୍ -ଅଧି ଦର୍ଶକ ଏବଂ ମୁଖ୍ୟ ବକ୍ତା ବ୍ରହ୍ମା କୁମାରୀ ଜୟନ୍ତୀ ଯୋଗଦାନ କରିଥିଲେ। ଏହି ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ ମୁଖ୍ୟ ବକ୍ତା ଆଧ୍ୟାତ୍ମିକ କୃଷିର ଆବଶ୍ୟକତା ସହିତ ଅର୍ଗାନିକ ର ଆବଶ୍ୟକତା ଅଛି। ଯେପରି ମନୁଷ୍ୟ ପାଇଁ ଶୁଭେଚ୍ଛା, ପ୍ରେମ ଏବଂ ଶାନ୍ତି ଆବଶ୍ୟକ ଅଛି, ସେପରି ଭାବେ ବୃକ୍ଷ, ଉଦ୍ଭିଦ, ପ୍ରକୃତି ଇତ୍ୟାଦି ଆବଶ୍ୟକ କରନ୍ତି। ଯେଉଁଥିପାଇଁ ଆମ ମନ କୁ ଶୁଦ୍ଧ ଆଧ୍ୟାତ୍ମିକ ଶକ୍ତିରେ ଭରିବା ଆବଶ୍ୟକ, ଏହିପରି ଚାଷ ଆମ କୃଷକଙ୍କୁ ସଫଳ କରିବା ସହିତ, ଉତ୍ପାଦନ ମଧ୍ୟ ବୃଦ୍ଧି ପାଇବ ଏବଂ ଏହିପରି ଭାବେ ଉତ୍ପାଦିତ ଫଳଗୁଡ଼ିକ ସ୍ୱାସ୍ଥ୍ୟ ପ୍ରଦାୟକ । ଯାହା ପାଇଁ ଆମକୁ ଜ୍ଞାନ ଏବଂ ଧ୍ୟାନ ର ଆବଶ୍ୟକଅତା ଅଛି, ସର୍ବଶକ୍ତିମାନ ପିତା ପରମାତ୍ମା ଙ୍କ ପାଖରୁ ଶକ୍ତି ନେଇ ଧରିତ୍ରୀ ମାତା ,ଉଦ୍ଭିଦ ପ୍ରକୃତି କୁ ଶକ୍ତି ର କିରଣ ଆମକୁ ନିରନ୍ତର ଦେବା ଆବଶ୍ୟକ ।

୭ ହଜାରରୁ ଉର୍ଦ୍ଧ୍ୱ ଉପଭୋକ୍ତାଙ୍କୁ ଭରସାଯୋଗ୍ୟ ବିଜୁଳି ଯୋଗାଣ

ଟିପିଏସ୍‌ଓଡିଏଲ୍ ପକ୍ଷରୁ ୧୬ ଏମଭିଏ ଟ୍ରାନ୍ସଫର୍ମର ସ୍ଥାପନ

**ବ୍ରହ୍ମପୁର,୨୩।୧୨(ସଂଚାର ବ୍ୟ